ବର୍ଷ-୨୬, ସଂଖ୍ୟା-୨୪୦
ଭୁବନେଶ୍ୱର
ସେପ୍ଟେମ୍ବର, ୦୫, ୨୦୨୬ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 240
Bhubaneswar
September, 05 2026, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



ଆଜି
ଗୁରୁ ଦିବସ

**ନୂଆଁଖାଇ ପୂର୍ବରୁ ଜନ୍ମାଷ୍ଟମୀରେ ଚାଷୀଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଭେଟି**

# ସିଏମ୍-କିଷାନର ଯୋଜନାର ପଞ୍ଚମ କିସ୍ତି

ଭୁବନେଶ୍ୱର,୪ା୯(ମହାଭାରତ): ପବିତ୍ର ଜନ୍ମାଷ୍ଟମୀ ଓ କୃଷି ଭିତ୍ତିକ ଗଣପର୍ବ 'ନୂଆଁଖାଇ'ର ଅବ୍ୟବହିତ ପୂର୍ବରୁ ରାଜ୍ୟର ଅଗଣିତ ଚାଷୀ ଭାଇ ଓ ଭଉଣୀମାନଙ୍କ ପାଇଁ ବଡ଼ ଘୋଷଣା କରିଛନ୍ତି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀ। ଆଜି ସ୍ଥାନୀୟ ଓୟୁଏଟି ସ୍ଥିତ କୃଷି ଶିକ୍ଷା ସଦନ ଠାରେ ଆୟୋଜିତ ସି.ଏମ୍-କିଷାନ୍ ଯୋଜନାର ପଞ୍ଚମ କିସ୍ତି ବାବଦକୁ ରାଜ୍ୟର ୪୧ ଲକ୍ଷ ୩୫ ହଜାର ୯୭୮ ଜଣ କ୍ଷୁଦ୍ର ଓ ନାମମାତ୍ର ଚାଷୀ ଏବଂ ୧୩ ହଜାର ୯୪୯ ଭୂମିହୀନ କୃଷି ପରିବାରଙ୍କ ଆକାଉଣ୍ଟକୁ ଡିବିଟି ମାଧ୍ୟମରେ ୮୩୩ କୋଟିରୁ ଅଧିକ ଟଙ୍କାର

## ୪୧.୩୫ ଲକ୍ଷ ଚାଷୀଙ୍କ ଖାତାକୁ ଗଲା ୮୩୩ କୋଟିରୁ ଉର୍ଦ୍ଧ୍ୱ ଟଙ୍କା

ସହାୟତା ରାଶି ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା ହସ୍ତାନ୍ତର କରାଯାଇଛି। ସୂଚନା ଯୋଗ୍ୟଯେ, ୨୦୨୬-୨୭ ରବି ଫସଲ ପୂର୍ବରୁ ବିହନ, ସାର ଓ କୀଟନାଶକ କିଣିବାରେ ଏହି ଅର୍ଥ ଚାଷୀମାନଙ୍କୁ ସହାୟକ ହେବ।

ସମାବେଶକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ଆମ ସରକାର ସଦାସର୍ବଦା ଚାଷୀ ଓ ଭୂମିହୀନ ପରିବାରଗୁଡ଼ିକର କଲ୍ୟାଣ ପାଇଁ ପ୍ରତିବଦ୍ଧ। କୃଷକଙ୍କ ସମୃଦ୍ଧି ହିଁ ଓଡ଼ିଶାର ପ୍ରଗତିର ପ୍ରକୃତ ମୂଳଦୁଆ। 'ସି.ଏମ୍ କିଷାନ' ଯୋଜନା ମାଧ୍ୟମରେ ଆମେ କେବଳ ଆର୍ଥିକ ସହାୟତା ପ୍ରଦାନ କରୁନାହୁଁ, ବରଂ ଚାଷୀଙ୍କୁ ଆତ୍ମନିର୍ଭରଶୀଳ କରିବା ସହ ସେମାନଙ୍କ ଶ୍ରମକୁ ଉଚିତ ସମ୍ମାନ ଦେଉଛୁ। କୃଷି ସାମଗ୍ରୀ କ୍ରୟଠାରୁ ଆରମ୍ଭ କରି ଆନୁଷଙ୍ଗିକ ଜୀବିକା ଏବଂ ଚାଷୀ ପରିବାରର ପିଲାମାନଙ୍କୁ ଗୁଣାତ୍ମକ ବୈଷୟିକ ଶିକ୍ଷା ଯୋଗାଇଦେବା ପର୍ଯ୍ୟନ୍ତ ଏହି ଯୋଜନା ପ୍ରତ୍ୟେକ ସ୍ତରରେ ସହାୟକ ହେଉଛି।

ମୁଖ୍ୟମନ୍ତ୍ରୀ ତାଙ୍କ ଅଭିଭାଷଣରେ ସମୃଦ୍ଧ କୃଷକ ଯୋଜନା, ଧାନ ସଂଗ୍ରହ ଓ ବନ୍ୟା କ୍ଷତିପୂରଣ ସମ୍ପର୍କରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ଉଲ୍ଲେଖ କରିଛନ୍ତି। ଚଳିତ ୨୦୨୬-୨୭ ଖରିଫ ଋତୁ ପାଇଁ ଧାନ ପଞ୍ଜିକରଣ ଅବଧିକୁ ସେପ୍ଟେମ୍ବର ୭ ତାରିଖ ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ସେହିପରି ନିକଟରେ ମୟୂରଭଞ୍ଜ, କେନ୍ଦୁଝର, ବାଲେଶ୍ୱର, ଭଦ୍ରକ, କେନ୍ଦ୍ରାପଡ଼ା ଓ ସୁନ୍ଦରଗଡ଼ ଆଦି ଜିଲ୍ଲାରେ ହୋଇଥିବା ପ୍ରବଳ ବନ୍ୟା ଯୋଗୁଁ କ୍ଷତିଗ୍ରସ୍ତ ହୋଇଥିବା ଚାଷୀଙ୍କ ପାଇଁ ୧୦୦୦ କୋଟି ଟଙ୍କାର ବିଶେଷ ସହାୟତା ପ୍ୟାକେଜ୍ ଘୋଷଣା କରାଯାଇଛି। ରାଜସ୍ୱ ଓ କୃଷି ବିଭାଗର କ୍ଷେତ୍ର କର୍ମଚାରୀଙ୍କ କ୍ଷତି ଆକଳନ ରିପୋର୍ଟ ଆଧାରରେ ପ୍ରଭାବିତ ଚାଷୀଙ୍କୁ ଆଶୁ କ୍ଷତିପୂରଣ ଯୋଗାଇ ଦିଆଯିବ।




ରାଜ୍ୟରେ କେବଳ ପାରମ୍ପରିକ ଚାଷ ନୁହେଁ, ବିବିଧିକରଣ ହିଁ ଦୁଇଗୁଣ କରିବ ଚାଷୀଙ୍କ ଆୟ ବୋଲି ପ୍ରକାଶ କରି ଆମ ରାଜ୍ୟ ର ୬୦ ପ୍ରତିଶତରୁ ଅଧିକ ଲୋକ କୃଷି ଉପରେ ନିର୍ଭରଶୀଳ ଥିବାରୁ ଚାଷୀଙ୍କ ବାର୍ଷିକ ଆୟକୁ ଅତିକମରେ ଦୁଇଗୁଣ କରିବା ଆମ ସରକାରଙ୍କ ମୁଖ୍ୟ ଲକ୍ଷ୍ୟ ବୋଲି ସେ କହିଛନ୍ତି ।

'ସମୃଦ୍ଧ କୃଷକ ଯୋଜନା' ମାଧ୍ୟମରେ କେନ୍ଦ୍ର ସରକାରଙ୍କ ଗଝଚ ସହ ରାଜ୍ୟର ଇନପୁଟ୍ ସହାୟତା ମିଶାଇ କ୍ୱିଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରାଯାଉଛି ଏବଂ ବିକ୍ରିର ୪୮ ଘଣ୍ଟା ମଧ୍ୟରେ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ପଠାଯାଉଛି। ଗତ ୨୦୨୫-୨୬ ଖରିଫ ଋତୁରେ ୧୮.୮୪ ଲକ୍ଷ ଚାଷୀଙ୍କଠାରୁ ୭୭.୪୮ ଲକ୍ଷ ମେଟ୍ରିକ ଟନ୍ ଧାନ ସଂଗ୍ରହ କରାଯାଇ ଇନପୁଟ୍ ସବସିଡି ବାବଦକୁ ରେକର୍ଡ ୫,୬୬୩.୮୪ କୋଟି ଟଙ୍କା ଏବଂ ରବି ଋତୁରେ ୩.୬୩ ଲକ୍ଷ ଚାଷୀଙ୍କୁ ୧,୪୯୪.୮୯ କୋଟି ଟଙ୍କା ପ୍ରଦାନ କରାଯାଇଛି ବୋଲି ସେ କହିଛନ୍ତି।

ଚାଷୀ ପରିବାରର ପିଲାମାନଙ୍କୁ ଉଚ୍ଚ ବୈଷୟିକ ଶିକ୍ଷା କ୍ଷେତ୍ରରେ ସହାୟତା ପାଇଁ 'କୃଷି ବିଦ୍ୟାନିଧି ଯୋଜନା' କାର୍ଯ୍ୟକାରୀ ହେଉଛି। ୨୦୨୫-୨୬ ଶିକ୍ଷା ବର୍ଷରେ ରେକର୍ଡ ସଂଖ୍ୟକ ୬୮,୯୧୦ ଜଣ ହିତାଧିକାରୀଙ୍କ ସନ୍ତାନଙ୍କୁ ୨୯୧.୬୦ କୋଟିରୁ ଉର୍ଦ୍ଧ୍ୱ ଟଙ୍କାର ଛାତ୍ରବୃତ୍ତି ପ୍ରଦାନ କରାଯାଇଛି। ସରକାରୀ ସୁବିଧା ପାଇବା ପାଇଁ 'ଫାର୍ମରସ ରେଜିଷ୍ଟ୍ରି' ରେ ଚାଷୀମାନେ ନିଜ ଜମିର ତଥ୍ୟ ସହ ପଞ୍ଜୀକରଣ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଏହା ସହିତ ପ୍ରାଣୀପାଳନ, ମାଛଚାଷ, 'ଶ୍ରୀ ଅନ୍ନ ଅଭିଯାନ' (ମାଣ୍ଡିଆ ଚାଷ) ଏବଂ ଜାତୀୟ ଡାଲି ମିଶନ ଉପରେ ସରକାର ବିଶେଷ ଗୁରୁତ୍ୱ ଦେଉଛନ୍ତି ଏବଂ ଗତବର୍ଷ ରାଜ୍ୟରେ ୪,୮୮୬ ଟଙ୍କା ସର୍ବନିମ୍ନ ସହାୟକ ମୂଲ୍ୟରେ ୬.୯୨ ଲକ୍ଷ କ୍ୱିଣ୍ଟାଲ ମାଣ୍ଡିଆ ସଂଗ୍ରହ କରାଯାଇଛି ବୋଲି ସେ ପ୍ରକାଶ କରିଥଲେ । ଏଥି ସହିତ ମୁଖ୍ୟମନ୍ତ୍ରୀ କୃଷି ଉଦ୍‌ଯୋଗ ଯୋଜନାରେ ୧ କୋଟି ଟଙ୍କା ପର୍ଯ୍ୟନ୍ତ ରିହାତି ବ୍ୟବସ୍ଥା ରହିଛି। ଅଭିଭାଷଣ ଶେଷରେ ମୁଖ୍ୟମନ୍ତ୍ରୀ ସମସ୍ତ ଚାଷୀ ଭାଇଭଉଣୀଙ୍କୁ ଆଗାମୀ ଗଣପର୍ବ 'ନୂଆଁଖାଇ'ର ଆଗୁଆ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଥିଲେ।

ପୂର୍ବ ସରକାରଙ୍କ ଶାସନ କାଳକୁ ସମାଲୋଚନା କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରାୟ ଅଢେଇ ଦଶନ୍ଧି ଧରି ରାଜ୍ୟରେ କୃଷକଙ୍କ ମାସିକ ଆୟ ଅତ୍ୟନ୍ତ ନୈରାଶ୍ୟଜନକ ଥିଲା। ୨୦୨୨ ମସିହାରେ ଓଡ଼ିଶାର କୃଷି ପରିବାରର ମାସିକ ଆୟ ମାତ୍ର ୫,୧୧୨ ଟଙ୍କା ଥିଲା, ଯାହା ସାରା ଦେଶରେ ଦ୍ୱିତୀୟ ସର୍ବନିମ୍ନ ଥିଲା। କେବଳ ଝାଡ଼ଖଣ୍ଡ ଓଡ଼ିଶା ଠାରୁ ତଳେ ଥିଲା। ସେତେବେଳେ ଚାଷୀମାନେ ଅନ୍ୟ ଉପାୟ ନପାଇ କେବଳ 'ଢୋକେ ପି, ଦଣ୍ଡେ ଜି' ନ୍ୟାୟରେ ଚାଷବାସ କରୁଥିଲେ। କିନ୍ତୁ ବର୍ତ୍ତମାନ ପରିସ୍ଥିତିରେ ପରିବର୍ତ୍ତନ ଆସିଛି ବୋଲି ଦୃଢ଼ତାର ସହ ପ୍ରକାଶ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ନୂତନ ସରକାର ଆସିବା ପରେ ଧାନ କିଣା ବାବଦକୁ କୁଇଣ୍ଟାଲ ପିଛା ୩,୧୦୦ ଟଙ୍କା ପ୍ରଦାନ କରାଯାଉଛି, ଯାହାଫଳରେ ଚାଷୀଙ୍କ ଆୟରେ ସିଧାସଳଖ ବୃଦ୍ଧି ଘଟିଛି। ସରକାର ଚାଷୀ ପରିବାରର ବାର୍ଷିକ ଆୟକୁ ଅତିକମରେ ଦୁଇଗୁଣ କରିବାକୁ ଲକ୍ଷ୍ୟ ରଖିଛନ୍ତି।ମୁଖ୍ୟମନ୍ତ୍ରୀ ଆହୁରି ମଧ୍ୟ ସ୍ପଷ୍ଟ କରିଛନ୍ତି ଯେ, ଓଡ଼ିଶାର ପ୍ରାୟ ୯୨ ପ୍ରତିଶତ ଚାଷୀ ହେଉଛନ୍ତି କ୍ଷୁଦ୍ର ଓ ନାମମାତ୍ର । ତେଣୁ ଚାଷୀମାନେ ସରକାରୀ ଯୋଜନାଗୁଡ଼ିକୁ ଆପଣାଇ ନିଜର ଉପାର୍ଜନ ବୃଦ୍ଧି କରିବାକୁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

ଆଗାମୀ ଆହ୍ୱାନଗୁଡ଼ିକ ସମ୍ପର୍କରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଓଡ଼ିଶା କୃଷି କ୍ଷେତ୍ରରେ ପ୍ରଶଂସନୀୟ ଅଗ୍ରଗତି କରିଥିଲେ ହେଁ ଜଳବାୟୁ ପରିବର୍ତ୍ତନ, ଅନିୟମିତ ପାଣିପାଗ, ଜଳାଭାବ ଏବଂ ମୃତ୍ତିକା କ୍ଷୟ ଭଳି ଗମ୍ଭୀର ସମସ୍ୟା କୃଷି ପାଇଁ ବିପଦ ସୃଷ୍ଟି କରୁଛି। ଏହାକୁ ଦୃଷ୍ଟିରେ ରଖି ରାଜ୍ୟରେ ଜୈବିକ ଚାଷ, ମାଣ୍ଡିଆ ଚାଷ ଏବଂ ପୁନରୁଦ୍ଧାରକାରୀ କୃଷି (ଜରଶରଭରକ୍ସବଙ୍ଗସଙ୍ଗର ଇଶ-କ୍ସସମଙ୍କକ୍ଷଙ୍ଖଙ୍କଙ୍କର) କୁ ବ୍ୟାପକ ଭାବେ ପ୍ରୋତ୍ସାହିତ କରାଯାଉଛି।

ମୁଖ୍ୟମନ୍ତ୍ରୀ ଖୁସି ପ୍ରକାଶ କରି କହିଥିଲେ ଯେ, ଚଳିତ ବର୍ଷ ରାଜ୍ୟରେ ଖାଦ୍ୟଶସ୍ୟ, ଫଳ ଓ ପନିପରିବା କ୍ଷେତ୍ରରେ ରେକର୍ଡ ପରିମାଣର ଉତ୍ପାଦନ ହୋଇଛି। ଏପରିକି ଓଡ଼ିଶାରେ ଉତ୍ପାଦିତ କପା ଦେଶର ସର୍ବଶ୍ରେଷ୍ଠ ମାନ୍ୟତାପ୍ରାପ୍ତ 'କସ୍ତୁରୀ କଟନ' ତାଲିକାରେ ଅନ୍ତର୍ଭୁକ୍ତ ହୋଇପାରିଛି। ଏହି ସମସ୍ତ ସଫଳତା ଏବଂ ଐତିହାସିକ ଉପଲବ୍ଧି ପାଇଁ ସେ ରାଜ୍ୟର ସମସ୍ତ କୃଷକ ଭାଇଭଉଣୀମାନଙ୍କୁ ଆନ୍ତରିକ ଧନ୍ୟବାଦ ଓ ସାଧୁବାଦ ଜଣାଇଥିଲେ।

ଉପମୁଖ୍ୟମନ୍ତ୍ରୀ ତଥା କୃଷି ଓ କୃଷକ ସଶକ୍ତିକରଣ ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଚାଷୀଙ୍କୁ ସମ୍ବୋଧନ କରି କହିଥିଲେ ଯେ, ବନ୍ୟା ଅଞ୍ଚଳ ଗୁଡ଼ିକୁ ସରକାରଙ୍କ ଅଧିକାରୀଙ୍କ ସମେତ ମନ୍ତ୍ରୀ ମଣ୍ଡଳ ମଧ୍ୟ ଯାଇ ପ୍ରତ୍ୟକ୍ଷ ଭାବେ ଅନୁଧ୍ୟାନ କରିଛନ୍ତି। ବନ୍ୟା ପ୍ରପୀଡ଼ିତ ଚାଷୀଙ୍କୁ ସରକାରଙ୍କ ତରଫରୁ ସହାୟତା ପ୍ରଦାନ କରାଯିବା ନେଇ ଘୋଷଣା କରାଯାଇଛି। ସମ୍ପୃକ୍ତ ପ୍ରକ୍ରିୟାରେ ସ୍ୱଚ୍ଛତା ଅବଲମ୍ବନ କରାଯାଇଛି। କୌଣସି ବି ଯୋଗ୍ୟ ହିତାଧିକାରୀ ଏହି ପ୍ରକ୍ରିୟାରେ ସହାୟତା ପାଇବାରୁ ବଞ୍ଚିତ ହେବେ ନାହିଁ। ଯେଉଁଥିରେ ଚାଷୀ ନିଜେ ପନିପରିବା

# 'ଇଓଏସ-୦୫' ଭୂ-ପର୍ଯ୍ୟବେକ୍ଷଣ ଉପଗ୍ରହର ସଫଳ ଉତକ୍ଷେପଣ

ଶ୍ରୀହରିକୋଟା,୪ା୯(ମହାଭାରତ): ସେପ୍ଟେମ୍ବର ୪ ତାରିଖ ଭୋର ୩:୧୪ ମିନିଟରେ ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାସ୍ଥିତ ମହାକାଶ କେନ୍ଦ୍ରରୁ ଭାରତୀୟ ମହାକାଶ ଗବେଷଣା ସଂସ୍ଥା (ଇସ୍‌ରୋ) ଜିଏସଏଲଭି-ଏଫ୧୭ ରକେଟ୍ ମାଧ୍ୟମରେ 'ଇଓଏସ-୦୫' ଭୂ-ପର୍ଯ୍ୟବେକ୍ଷଣ ଉପଗ୍ରହର ସଫଳ ଉତକ୍ଷେପଣ କରିଛି। ପିଏସଏଲଭି ରକେଟର କ୍ରମାଗତ ଅସଫଳତା ପରେ ଇସ୍‌ରୋ ପାଇଁ ଏହି ସଫଳତା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ ସାବ୍ୟସ୍ତ ହୋଇଛି। କେନ୍ଦ୍ର ବିଜ୍ଞାନ ମନ୍ତ୍ରୀ ଡ. ଜିତେନ୍ଦ୍ର ସିଂହ ଏହାକୁ ମହାକାଶ କ୍ଷେତ୍ରରେ ଭାରତର ଆଉ ଏକ ବିଶାଳ ପଦକ୍ଷେପ ବୋଲି ଅଭିନନ୍ଦନ ଜଣାଇଛନ୍ତି।



ପ୍ରାୟ ୨୩୭୬ କିଲୋଗ୍ରାମ ଓଜନର ଏହି ଆଧୁନିକ ଉପଗ୍ରହଟି ଭୂ-ସ୍ଥିର କକ୍ଷପଥରେ ସ୍ଥାପିତ ହୋଇ ସାରା ଭାରତୀୟ ସୂପକଣ୍ଟିନେଣ୍ଟ, ମହାସାଗର ଓ ସୀମାନ୍ତ ଅଞ୍ଚଳ ଉପରେ ଚବିଶ ଘଣ୍ଟା କ୍ରମାଗତ ନଜର ରଖିବ। ସାଧାରଣ ଉପଗ୍ରହଗୁଡ଼ିକ କେବଳ ସ୍ଥିର ଛବି ଦେଉଥିବା ବେଳେ ଇଓଏସ-୦୫ ଏକ ଜୀବନ୍ତ 'ମୁଭି' ଭଳି ନିରବଚ୍ଛିନ୍ନ ଭିଡିଓ ଫୁଟେଜ୍ ପ୍ରଦାନ କରିବ। ଏହା ଦ୍ୱାରା ବାତ୍ୟା, ବନ୍ୟା, ଜଙ୍ଗଲ ନିଆଁ, ପରିବେଶ ପରିବର୍ତ୍ତନ ଓ ନୌସେନା ସୁରକ୍ଷା କ୍ଷେତ୍ରରେ ବିପୁଳ ସହାୟତା ମିଳିପାରିବ। ୨୦୨୧ ମସିହାରେ ଜିଆଇଏସଏଟି-୧ ମିସନ୍ ଅସଫଳ ହେବା ପରେ ଏହି ସ୍ୱପ୍ନ ଅଧୁରା ରହିଥିଲା, ଯାହା ଆଜି ପୂରଣ ହୋଇଛି।

'ନଟିବଏ' ଭାବେ ପରିଚିତ ଜିଏସଏଲଭି ଆଜି ନିଜର ଦକ୍ଷତା ପ୍ରମାଣିତ କରିଛି। ୧୯୯୦ ଦଶକରେ ଆମେରିକାର କଟକଣା ଯୋଗୁଁ ରାଷ୍ଟ୍ର ଗୋଷ୍ଠୀରୁ କ୍ରାୟୋଜେନିକ୍ ଇଞ୍ଜିନ୍ ପ୍ରଯୁକ୍ତିବିଦ୍ୟା ନମିଳିବା ପରେ ଇସ୍‌ରୋ ବୈଜ୍ଞାନିକମାନେ ଦୀର୍ଘ ୨୦ ବର୍ଷର କଠିନ ପରିଶ୍ରମ ବଳରେ ସମ୍ପୂର୍ଣ୍ଣ ସ୍ୱଦେଶୀ ଜ୍ଞାନକୌଶଳରେ ଏହି ସଫଳତା ହାସଲ କରିଛନ୍ତି। ଇସ୍‌ରୋ ଅଧ୍ୟକ୍ଷ ଡ. ଭି.ନାରାୟଣନ୍ ଏହାକୁ ବୈଜ୍ଞାନିକମାନଙ୍କ ଆତ୍ମବିଶ୍ୱାସର ପ୍ରତୀକ ବୋଲି କହିବା ସହ ଚଳିତ ଆର୍ଥିକ ବର୍ଷରେ 'ଗଗନଯାନ' ସହ ଆହୁରି ୬ଟି ପ୍ରମୁଖ ମିସନ୍ ପାଇଁ ପ୍ରସ୍ତୁତି ଚାଲିଥିବା ସୂଚନା ଦେଇଛନ୍ତି।ସଫଳ ଲଞ୍ଚ ପରେ ଖୁସି ଖବର ଦେଇଛନ୍ତି ଇସ୍‌ରୋ ମୁଖ୍ୟ ଭି.ନାରାୟଣ । ପ୍ରେସମିଟ କରି ସେ କହିଛନ୍ତି,'' ଜିଏସ୍‌ଏଲ୍ଭି-ଏଫ୍ ୧୭ ରକେଟ୍ ଆଡଭାନ୍ସଡ୍ ଆର୍ଥ ଅବଜରଭେସନ୍ ସାଟେଲାଇଟ୍ ୦୫ (ଜିଓ-ଇମେଜିଂ ସାଟେଲାଇଟ୍)କୁ ଏହାର ନିର୍ଦ୍ଦିଷ୍ଟ କକ୍ଷପଥରେ ସଫଳତାର ସହ ଏବଂ ସଠିକ୍ ଭାବରେ ସ୍ଥାପନ କରିଛି ବୋଲି ମୁଁ ବହୁତ ଖୁସି ଅନୁଭବ କରୁଛି । ପୃଥିବୀ ପର୍ଯ୍ୟବେକ୍ଷଣ ଉପଗ୍ରହ ୦୫ କକ୍ଷପଥରେ କାର୍ଯ୍ୟ କରିବା ଆରମ୍ଭ କରିବା ପରେ,ଏହା ଜିଓ-ଅର୍ବିଟରୁ ଭାରତର ପ୍ରଥମ ଉତ୍ସର୍ଗୀକୃତ ଇମେଜିଂ ଉପଗ୍ରହ ହେବ ଏବଂ ଆମ ଦେଶ ପାଇଁ ଗୁରୁତ୍ୱପୂର୍ଣ୍ଣ ରଣନୀତିକ ତଥ୍ୟ ପ୍ରଦାନ କରିବ ।''

# ଏମକେସିଜି ମେଡିକାଲ ପରିସର ନର୍ସିଂ କଲେଜ ହଷ୍ଟେଲରେ ନିଆଁ

ବ୍ରହ୍ମପୁର,୪ା୯: ଦକ୍ଷିଣ ଓଡିଶାର ଲାଇଫ୍‌ଲାଇନ୍ କୁହାଯାଉ ଥିବା ମହାରାଜା କୃଷ୍ଣଚନ୍ଦ୍ର ଗଜପତି (ଏମ୍‌କେସିଜି) ମେଡିକାଲ କଲେଜ୍ ପରିସରରେ ଥିବା ନର୍ସିଂ ମହାବିଦ୍ୟାଳୟର ବଏଜ୍ ହଷ୍ଟେଲରେ ଶୁକ୍ରବାର ଅପରାହ୍ନରେ ଭୟାବହ ଅଗ୍ନିକାଣ୍ଡ ହୋଇଛି। ମେଡିକାଲ କଲେଜର ତଳ ମହଲାରେ ଥିବା କିଚେନ୍ ରୁମରେ ଗ୍ୟାସ୍ ପାଇପରୁ ଅଗ୍ନିକାଣ୍ଡ ଘଟିଥିବା ଜଣାପଡିଛି। ଏଠାରେ ଗ୍ୟାସ ଲିକ୍ ହୋଇ ନିଆଁ ଲାଗିଯାଇଛି। ଉପସ୍ଥିତ ଥିବା ଛାତ୍ରମାନେ ଗ୍ୟାସ୍‌ର ଦୁର୍ଗନ୍ଧ ଜାଣିପାରି ଅଗ୍ନିଶମ ବାହିନୀକୁ ଖବର ଦେଇଥିଲେ। ସଙ୍ଗେ ସଙ୍ଗେ ସ୍ୱତନ୍ତ୍ର ଟିମ୍ ପହଞ୍ଚି ନିଆଁକୁ ଆୟତ୍ତ କରିଥିବା ସୂଚନା ମିଳିଛି। ଅନ୍ୟପକ୍ଷେ ଅନୁଷ୍ଠାନର ଅଗ୍ନି ନିର୍ବାପକ ଭିତ୍ତିଭୂମି ଅତ୍ୟନ୍ତ ଦୁର୍ବଳ ସହ ଅବଧି ସରି ଯାଇଥିବା ଜଣା ଯାଇଛି।

# ୩୩୬ ଜଣ ନବନିଯୁକ୍ତ ସବ୍-ଇନ୍ସପେକ୍ଟର ପୋଲିସ ସେବାରେ ସାମିଲ

ଭୁବନେଶ୍ୱର,୪ା୯(ମହାଭାରତ): ଭୁବନେଶ୍ୱରସ୍ଥିତ ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀ ଠାରେ ୧୩ତମ ବ୍ୟାଚ୍ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରମାନଙ୍କ ଦୀକ୍ଷାନ୍ତ ସମାରୋହ ଆଜି ଅନୁଷ୍ଠିତ ହୋଇଯାଇଛି । ଏହି ସମାରୋହରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦୁଇ ବର୍ଷର କଠୋର ଇନ୍‌ଡୋର ଓ ଆଉଟ୍‌ଡୋର ପ୍ରଶିକ୍ଷଣ ସଫଳତାର ସହ ସମ୍ପୂର୍ଣ୍ଣ କରିଥିବା ୩୩୬ ଜଣ ନବନିଯୁକ୍ତ କ୍ୟାଡେଟ୍ ସବ୍-ଇନ୍ସପେକ୍ଟରଙ୍କୁ ଆନ୍ତରିକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଇଛନ୍ତି । ଏହି ବ୍ୟାଚ୍‌ରେ ୭୦ ଜଣ ମହିଳା ସବ୍-ଇନ୍ସପେକ୍ଟର ସାମିଲ ହୋଇଥିବାରୁ ମୁଖ୍ୟମନ୍ତ୍ରୀ ଆନନ୍ଦ ପ୍ରକାଶ କରିବା ସହ ଏହା ଓଡ଼ିଶାର ନାରୀ ସଶକ୍ତିକରଣ ଓ ପରିବର୍ତ୍ତିତ ସାମାଜିକ ଚିତ୍ରର ଏହା ଏକ ଉଜ୍ଜ୍ୱଳ ପ୍ରତିଫଳନ ବୋଲି କହିଛନ୍ତି ।

ଦୀକ୍ଷାନ୍ତ ସମାରୋହକୁ ସମ୍ବୋଧିତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ଆଜିର ଏହି ଦିନଟି କେବଳ ଏକ ଔପଚାରିକ ପରେଡ଼ ନୁହେଁ, ବରଂ ନିଷ୍ଠା, ଶୃଙ୍ଖଳା, ତ୍ୟାଗ ଓ ଉତ୍କର୍ଷର ଉତ୍ସବ । ପୋଲିସ ପୋଷାକ କେବଳ ଏକ ୟୁନିଫର୍ମ ନୁହେଁ, ଏହା ସମ୍ବିଧାନ ପ୍ରଦତ୍ତ କ୍ଷମତା ଓ ସମାଜ ସେବାର ଗୁରୁଦାୟିତ୍ୱ ବହନ କରେ । ବର୍ଦ୍ଧି ଦେଉଥିବା କ୍ଷମତାର ସଦୁପଯୋଗ କରି ପ୍ରତ୍ୟେକ ଅଧିକାରୀ ସମାଜର ଦୁର୍ବଳ ଶ୍ରେଣୀକୁ ନ୍ୟାୟ ପ୍ରଦାନ କରିବା ଆବଶ୍ୟକ ବୋଲି ସେ ପରାମର୍ଶ ଦେଇଥିଲେ ।

ଆଧୁନିକ ଅପରାଧ, ଟେକ୍ନୋଲୋଜିର ବ୍ୟବହାର ଓ ସାଇବର ଠକେଇର ମୁକାବିଲା ପାଇଁ ଓଡ଼ିଶା ପୋଲିସ ନିଜକୁ ନିରନ୍ତର ଅପ୍‌ଡେଟ୍ କରୁଥିବାରୁ ସେ ସନ୍ତୋଷ ପ୍ରକାଶ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମାର୍ଗଦର୍ଶନ ଓ କେନ୍ଦ୍ର ଗୃହମନ୍ତ୍ରୀ ଅମିତ ଶାହଙ୍କ ଦକ୍ଷ ପରିଚାଳନାରେ ରାଜ୍ୟରୁ ମାଓ ଓ ନକ୍ସଲ ହିଂସା ସମ୍ପୂର୍ଣ୍ଣ ଦମନ ହୋଇପାରିଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି ।

ଆଗାମୀ ଦଶ ବର୍ଷ ମଧ୍ୟରେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଶିଳ୍ପାୟନ ଏବଂ ଶାନ୍ତି-ଶୃଙ୍ଖଳା ଅପରିହାର୍ଯ୍ୟ ବୋଲି ଦର୍ଶାଇ ମୁଖ୍ୟମନ୍ତ୍ରୀ ପୋଲିସ ବିଭାଗର ଆଧୁନିକୀକରଣ ଓ ମାନବ ସମ୍ବଳ ବିକାଶ ଉପରେ ଗୁରୁତ୍ୱାରୋପ କରିଛନ୍ତି । ଗତ ଦୁଇ ବର୍ଷ ମଧ୍ୟରେ ପୋଲିସ ବିଭାଗରେ ୧୭,୭୯୪ଟି ନୂତନ ପଦବୀ ସୃଷ୍ଟି କରାଯିବା ସହ ୫,୮୧୭ଟି ପଦବୀ ପୂରଣ କରାଯାଇଛି ଏବଂ ଥାନାଗୁଡ଼ିକର କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ଯାନବାହାନ ଓ ଇନ୍ଧନ ଭତ୍ତା ପ୍ରଦାନ କରାଯାଉଛି । ଏହା ସହିତ ୨୦୨୯ ସୁଦ୍ଧା ଓଡ଼ିଶାକୁ 'ନିଶାମୁକ୍ତ



ରାଜ୍ୟ'ରେ ପରିଣତ କରିବା ପାଇଁ ସରକାର ସଂକଳ୍ପବଦ୍ଧ ବୋଲି ସେ ଦୋହରାଇଛନ୍ତି ।ପୋଲିସ ବାହିନୀକୁ ଅଧିକ କ୍ରିୟାଶୀଳ କରିବା ପାଇଁ ମୁଖ୍ୟମନ୍ତ୍ରୀ SMART POLICING ନୀତି ଆପଣାଇବାକୁ ଆହ୍ୱାନ ଦେବା ସହ ନବନିଯୁକ୍ତ ଅଧିକାରୀମାନଙ୍କୁ ତିନୋଟି ଗୁରୁମନ୍ତ୍ର ପ୍ରଦାନ କରିଛନ୍ତି । ସରକାରଙ୍କ 'ଶୂନ୍ୟ ସହନଶୀଳତା' ନୀତିକୁ ଆଧାର କରି ଦୁର୍ନୀତିରୁ ସମ୍ପୂର୍ଣ୍ଣ ଦୂରେଇ ରହିବା, ୟୁନିଫର୍ମ ସର୍ଭିସରେ ସର୍ବୋଚ୍ଚ ଶୃଙ୍ଖଳା ବଜାୟ ରଖିବା ଏବଂ କ୍ଷମତାର ଅପବ୍ୟବହାର ନକରି ନିର୍‌ଦ୍‌ଦୋଷଙ୍କୁ ସୁରକ୍ଷା ଓ ଅପରାଧୀଙ୍କୁ ଆଇନ ଅନୁଯାୟୀ ଦଣ୍ଡ ଦେବା ପାଇଁ ସେ ପରାମର୍ଶ ଦେଇଛନ୍ତି । କୌଣସି ଅପରାଧୀ ଯେପରି ଖସି ନଯାଆନ୍ତି ଏବଂ ଜଣେ ହେଲେ ନିର୍‌ଦ୍‌ଦୋଷ ଯେପରି ହଇରାଣ ନହୁଅନ୍ତି, ସେଥିପ୍ରତି ସଜାଗ ରହି 'ସେବା ଓ ସୁରକ୍ଷା' ମନ୍ତ୍ରରେ କାର୍ଯ୍ୟ କରିବାକୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

ଏହି ଦୀକ୍ଷାନ୍ତ ସମାରୋହରେ ବିଭିନ୍ନ ବିଭାଗରେ ଉତ୍କର୍ଷ ହାସଲ କରିଥିବା କୃତୀ କ୍ୟାଡେଟ୍‌ମାନଙ୍କୁ ମୁଖ୍ୟମନ୍ତ୍ରୀ ସମ୍ମାନିତ କରିଥିଲେ । ଏଥିରେ ପି. ନଳିନୀ ରାଓଙ୍କୁ ସର୍ବାଧିକ ନମ୍ବର ହାସଲ କରି ରାଜ୍ୟପାଳଙ୍କ ପଦକ, ଟ୍ରଫି ସହ ୧୦,୦୦୦ ଟଙ୍କାର ନଗଦ ପୁରସ୍କାର ରାଶି ମୁଖ୍ୟମନ୍ତ୍ରୀ ପ୍ରଦାନ କରିଥିଲେ । ଏଥି ସହ ତେଜସ୍ୱିନୀ ମହନ୍ତରାୟ, ଯୁଧିଷ୍ଠିର ବେହେରା, ଲକ୍ଷ୍ମଣ କୁମାର ମହନ୍ତ, ସସ୍ମିତା ଖୁଣ୍ଟିଆ, ନିହାରିକା ତ୍ରିପାଠୀ ଓ ଆଶୁତୋଷ ନାୟକଙ୍କୁ ପୋଲିସ ପ୍ରଶିକ୍ଷଣରେ ଉତ୍ତମ ପ୍ରଦର୍ଶନ ନିମନ୍ତେ ମୁଖ୍ୟମନ୍ତ୍ରୀ ଟ୍ରଫି ସହ ପୁରସ୍କାର ପ୍ରଦାନ କରିଥିଲେ ।

ସମାରୋହରେ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ବିନୟତୋଷ ମିଶ୍ର କହିଛନ୍ତି ଯେ ପୋଲିସ ଅଧିକାରୀମାନେ ଜନସାଧାରଣଙ୍କୁ ନ୍ୟାୟ ପ୍ରଦାନ କରିବା ପାଇଁ କାର୍ଯ୍ୟ କରିବା ଉଚିତ। ପୋଲିସ ସେବାରେ ଅନେକ ସମସ୍ୟା ଓ ଅସୁବିଧାର ସମ୍ମୁଖୀନ ହେବାକୁ ପଡ଼ିଲେ ମଧ୍ୟ, ସେମାନଙ୍କୁ ସମ୍ପୂର୍ଣ୍ଣ ସାହସିକତା, ନିଷ୍ଠା ଓ ସାଧୁତାର ସହିତ ନିଜର ଦାୟିତ୍ୱ ତୁଲାଇବାକୁ ହେବ। ଏହା ସହିତ ସାଇବର ଅପରାଧ ଭଳି ଆଧୁନିକ ସମସ୍ୟାର ମୁକାବିଲା କରିବା ପାଇଁ ପ୍ରଯୁକ୍ତିବିଦ୍ୟା ଏବଂ ସ୍ମାର୍ଟ ପୋଲିସିଂ ବ୍ୟବସ୍ଥାର ଉପଯୋଗ କରିବା ଜରୁରୀ ଅଟେ। ନକ୍ସଲ ବିରୋଧୀ ଅଭିଯାନ କ୍ଷେତ୍ରରେ ଓଡ଼ିଶା ପୋଲିସ ଉଲ୍ଲେଖନୀୟ ସଫଳତା ହାସଲ କରିଛି। ଏହି ଅସାଧାରଣ କୃତିତ୍ୱ ଓ ସଫଳତା ପାଇଁ ସେ ସମଗ୍ର ଓଡ଼ିଶା ପୋଲିସ ବାହିନୀକୁ ଧନ୍ୟବାଦ ଜଣାଇଛନ୍ତି। ବିଜୁ ପଟ୍ଟନାୟକ ରାଜ୍ୟ ପୋଲିସ ଏକାଡେମୀର ନିର୍ଦ୍ଦେଶକ ତଥା ପୋଲିସ ମହାନିରୀକ୍ଷକ ଶ୍ରୀ ଅନୁପ କୁମାର ସାହୁ ସ୍ୱାଗତ ଅଭିଭାଷଣ ଦେବା ସହ ବାର୍ଷିକ ବିବରଣୀ ପ୍ରଦାନ କରିଥିଲେ ।

ଏହି ଦୀକ୍ଷାନ୍ତ ସମାରୋହରେ ରାଜ୍ୟର ବରିଷ୍ଠ ପୋଲିସ ଅଧିକାରୀ, ଇନ୍‌ଡୋର ଓ ଆଉଟ୍‌ଡୋର ପ୍ରଶିକ୍ଷକବୃନ୍ଦ, ନବନିଯୁକ୍ତ କ୍ୟାଡେଟ୍‌ମାନଙ୍କ ଅଭିଭାବକ ଓ ପରିବାର ସଦସ୍ୟ ଏବଂ ଗଣମାଧ୍ୟମର ପ୍ରତିନିଧିମାନେ ଉପସ୍ଥିତ ଥିଲେ ।

# ଗୃହ ମନ୍ତ୍ରଣାଳୟକୁ ପଛରେ ପକାଇଲେ ରେଳ ଓ ବ୍ୟାଙ୍କ !

## ଦୁର୍ନୀତି ନେଇ କେନ୍ଦ୍ରୀୟ ସତର୍କତା ଆୟୋଗର ବାର୍ଷିକ ରିପୋର୍ଟ

ନୂଆଦିଲ୍ଲୀ,୪ା୯(ମହାଭାରତ): ଦେଶରେ ଦୁର୍ନୀତି ସମ୍ପର୍କିତ ଆସୁଥିବା ଅଭିଯୋଗର ଆକଳନରେ ବିଗତ ୫ ବର୍ଷ ମଧ୍ୟରେ ଏକ ବଡ଼ ପରିବର୍ତ୍ତନ ଦେଖିବାକୁ ମିଳିଛି । ଗୋଟିଏ ସମୟରେ ଅଭିଯୋଗ ମାମଲାରେ ଗୃହ ମନ୍ତ୍ରଣାଳୟ ଶୀର୍ଷରେ ଥିଲା, କିନ୍ତୁ ଏବେ ସେମିତି ସ୍ଥିତି ଆଉ ନାହିଁ, ସମୟ ପୂରା ବଦଳି ଯାଇଛି । କେନ୍ଦ୍ରୀୟ ସତର୍କତା ଆୟୋଗ (ସିଭିସି)ର ବାର୍ଷିକ ରିପୋର୍ଟ ଅନୁସାରେ , ୨୦୨୧ ଓ ୨୦୨୨ରେ ଗୃହ ମନ୍ତ୍ରଣାଳୟ ବିରୋଧରେ ସବୁଠାରୁ ଅଧିକ ଅଭିଯୋଗ ଆସି ଥିଲା । ୨୦୨୧ରେ ଗୃହ ମନ୍ତ୍ରଣାଳୟ ବିରୋଧରେ ୩୭,୬୭୦ଟି ଅଭିଯୋଗ ଆସି ଥିବା ବେଳେ, ରେଳୱେ ବିରୋଧରେ ୧୧,୦୦୩ ଟି ଅଭିଯୋଗ ହୋଇଥିଲା । ୨୦୨୨ରେ ଗୃହ ମନ୍ତ୍ରଣାଳୟର ଅଭିଯୋଗ ବୃଦ୍ଧି ପାଇ ୪୬,୬୪୩ରେ ପହଞ୍ଚି ଥିଲା ଏବଂ ଏଠାରେ ସବୁଠାରୁ ଅଧିକ ଅଭିଯୋଗ ହେଉ ଥିବା ବିଭାଗ ଥିଲା । ସେହି ବର୍ଷ ରେଳୱେ ବିରୋଧରେ ୧୦,୫୮୦ ଏବଂ ବ୍ୟାଙ୍କ ଗୁଡ଼ିକ ବିରୋଧରେ ୮,୧୨୯ଟି ଅଭିଯୋଗ ଆସିଥିଲା । ଅର୍ଥାତ ୨୦୨୨ରେ ଗୃହ ମନ୍ତ୍ରଣାଳୟର ଅଭିଯୋଗ ରେଳୱେ ତୁଳନାରେ ପ୍ରାୟ ୪.୪ ଗୁଣ ଅଧିକ ଥିଲା।

ଏହାପରେ ଆକଳନରେ ହଠାତ୍ ବଡ଼ ପରିବର୍ତ୍ତନ ଆସି ଥିଲା । ୨୦୨୩ରେ ଗୃହ ମନ୍ତ୍ରଣାଳୟ ଓ ଏହା ସହ ଜଡ଼ିତ ସଂସ୍ଥା (ଦିଲ୍ଲୀ ପୁଲିସକୁ ଛାଡ଼ି) ବିରୋଧରେ ଅଭିଯୋଗ ହ୍ରାସ ପାଇ ୨,୩୦୯ ରେ ପହଞ୍ଚି ଥିଲା। ଅନ୍ୟପଟେ ରେଳୱେ ୧୦,୪୪୭ଟି ଅଭିଯୋଗ ସହ ଶୀର୍ଷରେ ପହଞ୍ଚି ଥିଲା ଏବଂ ବ୍ୟାଙ୍କଗୁଡ଼ିକ ବିରୋଧରେ ୭,୦୦୪ଟି ଅଭିଯୋଗ ଆସି ଥିଲା । ୨୦୨୪ରେ ଗୃହ ମନ୍ତ୍ରଣାଳୟର ଅଭିଯୋଗ ଆହୁରି କମି ୧,୧୦୨ ହୋଇ ଥିଲା। ଅନ୍ୟପଟେ ରେଳୱେ ବିରୋଧରେ ୮,୧୭୭ ଏବଂ ବ୍ୟାଙ୍କଗୁଡ଼ିକ ବିରୋଧରେ ୫,୯୬୬ଟି ଅଭିଯୋଗ ଦାଖଲ ହୋଇ ଥିଲା। ୨୦୨୫ରେ ଗୃହ ମନ୍ତ୍ରଣାଳୟର ଅଭିଯୋଗ ସାମାନ୍ୟ ବୃଦ୍ଧି ପାଇ ୨,୦୩୬ ହୋଇଥିଲା, କିନ୍ତୁ ଏହା ଅନ୍ୟ ପ୍ରମୁଖ ବିଭାଗଗୁଡ଼ିକ ଠାରୁ ଯଥେଷ୍ଟ ପଛରେ ରହିଥିଲା । ଏହି ବର୍ଷ ବ୍ୟାଙ୍କଗୁଡ଼ିକ ବିରୋଧରେ ୯,୯୩୩ଟି ଅଭିଯୋଗ ଆସି ଥିବା ବେଳେ ରେଳୱେ ବିରୋଧରେ ୯,୩୮୧ଟି ଅଭିଯୋଗ ଆସି ଥିଲା । ଅର୍ଥାତ ୨୦୨୫ରେ ସବୁଠାରୁ ଅଧିକ ଅଭିଯୋଗ ବ୍ୟାଙ୍କ ଗୁଡ଼ିକ ବିରୋଧରେ ଥିଲା ଏବଂ ରେଳୱେ ଦ୍ୱିତୀୟ ସ୍ଥାନରେ ରହିଥିଲା । ଉଠଉର ଆକଳନରେ ଗୃହ ମନ୍ତ୍ରଣାଳୟର ସଂଖ୍ୟାରେ ଦିଲ୍ଲୀ ପୁଲିସ ଅନ୍ତର୍ଭୁକ୍ତ ନୁହେଁ । ୨୦୨୫ରେ ଦିଲ୍ଲୀ ପୁଲିସ ବିରୋଧରେ ସ୍ୱତନ୍ତ୍ର ଭାବେ ୨,୬୩୩ଟି ଅଭିଯୋଗ ଦାଖଲ ହୋଇଥିଲା ।

୫ ବର୍ଷର ଆକଳନରେ ୨୦୨୨ରୁ ୨୦୨୩ ମଧ୍ୟରେ ହଠାତ୍ ପ୍ରାୟ ୯୫ ପ୍ରତିଶତ ହ୍ରାସ ଦେଖା ଯାଉଛି । କିନ୍ତୁ ଏହାକୁ ସିଧାସଳଖ ଗୃହ ମନ୍ତ୍ରଣାଳୟରେ ଅଭିଯୋଗ ୯୫ ପ୍ରତିଶତ କମି ଯାଇଛି ବୋଲି ନିଷ୍କର୍ଷ କାଢ଼ି ଦେଖା ଯାଇ ପାରିବ ନାହିଁ। ଏହାର ଏକ ବଡ଼ କାରଣ ହେଉଛି ତଥ୍ୟ ରିପୋର୍ଟ କରିବା ଏବଂ ବିଭାଗଗୁଡ଼ିକର ପରିସରରେ ପରିବର୍ତ୍ତନ। ଉଠଉ ରିପୋର୍ଟରେ ଭିନ୍ନ ଭିନ୍ନ ବର୍ଷରେ ମନ୍ତ୍ରଣାଳୟ ଏବଂ ସେଗୁଡ଼ିକ ସହ ଜଡ଼ିତ ସଂସ୍ଥାଗୁଡ଼ିକୁ ଅଲଗା ଉପାୟରେ ଦର୍ଶାଯାଇଛି ।

# ପୁରୀରେ ବିପୁଳ ଗଞ୍ଜେଇ, କୋଟିଏରୁ ଉର୍ଦ୍ଧ୍ୱ ଟଙ୍କା ଜବତ

ପୁରୀ,୪ା୯(ମହାଭାରତ): ଏକ ଭଡାଘରୁ ବିପୁଳ ପରିମାଣର ଗଞ୍ଜେଇ ଜବତ ହୋଇଛି। ସେହିପରି ନିଜଘରୁ ପୁଳାପୁଳା ଟଙ୍କା ଜବତ ହୋଇଛି। ପୁରୀ ଜିଲ୍ଲା ପେଣ୍ଠକଟା ସାମୁଦ୍ରିକ ଥାନା ଅନ୍ତର୍ଗତ ଗୋପାଳପୁର ନିକଟରେ ଜବତ ହୋଇଥିବା ଗଂଜେଇ ଏବଂ କୋଟିଏ ଟଙ୍କା ମାମଲାରେ ପୁଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତମାନେ ହେଲେ କାର୍ତ୍ତିକ ସାମନ୍ତରାୟ ଏବଂ ଦେବେନ୍ଦ୍ର ସାହୁ।

ପୁଲିସ କହିଛି ଯେ, ମେରାଇନ ଥାନା ଅନ୍ତର୍ଗତ ଗୋପାଳପୁର ପାଖରେ ଥିବା ଆଇଏମ୍‌ଟି ଫାର୍ମାସି କଲେଜ ନିକଟ ଏକ ଭଡାଘରୁ ୧୭୬ଟି ପ୍ୟାକେଟରେ ଏକ କୁଇଣ୍ଟାଲ ୮୩ କିଲୋଗ୍ରାମ ଗଞ୍ଜେଇ ଜବତ ହୋଇଥିବା ବେଳେ ଘଟଣାରେ ସମ୍ପୃକ୍ତ ଥିବା ଦୁଇଜଣ ଅଭିଯୁକ୍ତଙ୍କ ମଧ୍ୟରୁ ଜଣଙ୍କ ଘରୁ ଜବତ ହୋଇଛି ପୁଳାପୁଳା ଟଙ୍କା, ସହ କିଛି ଅଳଙ୍କାର ଓ ଏଟିଏମ୍ କାର୍ଡ।

# ଜନ୍ମାଷ୍ଟମୀରେ ନୂଆ ଜୀବନ ପାଇଲେ ଦୁଇ ଶ୍ରମିକ

ନୂଆଦିଲ୍ଲୀ,୪ା୯(ମହାଭାରତ): କଥାରେ ଅଛି 'ରଖେ ହରି ତ ମାରେ କିଏ' । ଏହି କଥା ଏବେ ସତ୍ୟରେ ପ୍ରମାଣିତ ହୋଇଛି । ଜନ୍ମାଷ୍ଟମୀ ଭଳି ଦିନରେ ନେପାଳରେ ଘଟିଛି ଏକ ଅଲୌକିକ ଘଟଣା । ଯେଉଁ ବନ୍ୟା ସବୁ କିଛି ଛାର ଖାର କରିଦେଲା । ସେହି ବନ୍ୟାର ୯ ଦିନ ପରେ ସାରା ବିଶ୍ୱକୁ ଚକିତ କରି ଦେବା ଭଳି ଖବର ଆସିଛି । ଦୀର୍ଘ ୯ ଦିନର ସଂଘର୍ଷ ପରେ ତ୍ରିଶୂଳୀ ଶୁଡ଼ଙ୍ଗ ଭିତରୁ ୨ ଜଣ ଶ୍ରମିକଙ୍କୁ ଜୀବନ୍ତ ଉଦ୍ଧାର କରାଯାଇଛି । ଉଦ୍ଧାର ଦୁଇ ଶ୍ରମିକ ହେଲେ ସଞ୍ଜୟ ଶାହ (୩୦) ଏବଂ କବୀର ମହାଜନ (୪୫) । ଶକ୍ତି, ଜଳ ସମ୍ପଦ ଓ ଜଳ ସେଚନ ବିଭାଗ ଏହି ସୂଚନା ଦେଇଛି ।

ସଞ୍ଜୟ ଏବଂ କବୀର ତ୍ରିଶୂଳୀ ହାଇଡ୍‌ରୋପାୱାର ଅଟୋମେସନ୍ ପ୍ରକଳ୍ପରେ କାର୍ଯ୍ୟରତ ଥିଲେ । କବୀର ସୁପରଭାଇଜର ଭାବେ କାର୍ଯ୍ୟ କରୁଥିଲେ । ଗତ ଅଗଷ୍ଟ ୨୬ରେ ଆସିଥିବା ପ୍ରଳୟଙ୍କାରୀ ବନ୍ୟାରେ ଉଭୟ ତ୍ରିଶୂଳୀ ଟନେଲ୍ ମଧ୍ୟରେ ଫସି ରହିଥିଲେ । ଉଦ୍ଧାରକାରୀ ଦଳ ସେବେଠାରୁ ତ୍ରିଶୂଳୀ ଟନେଲ ଭିତରୁ ଏକାଧିକ ମୃତ ଦେହ ଉଦ୍ଧାର କରିଥିବା ବେଳେ କିଛି ଲୋକଙ୍କୁ ଜୀବନ୍ତ ଉଦ୍ଧାର କରିଥିଲେ । କିନ୍ତୁ ଏହା ପରେ ଧିରେ ଧିରେ ସମସ୍ତଙ୍କ ଆଶା ମରିଯାଇଥିଲା । ଆଜି ଉଦ୍ଧାରକାରୀ ଦଳ ଟନେଲ ଭିତରୁ ମଣିଷର ସ୍ୱର ଶୁଣିଥିଲେ । ତେଣୁ ସେଠାରେ କେହି ଫସିଥିବା ଅନୁମାନ କରାଯାଇଥିଲା । ଏହା ପରେ ନେପାଳ ସେନା ଏବଂ ପୋଲିସ ପକ୍ଷରୁ ମିଳିତ ଉଦ୍ଧାରକାର୍ଯ୍ୟ ଆରମ୍ଭ ହୋଇଥିଲା । ତମାମ ଚେଷ୍ଟା ପରେ ସେମାନଙ୍କୁ ଉଦ୍ଧାରକାରୀ ଦଳ ଆଜି ଉଦ୍ଧାର କରିଛି। ଉଦ୍ଧାର କରାଯିବା ପରେ ତୁରନ୍ତ ଉଭୟଙ୍କୁ କାଠମାଣ୍ଡୁର ଏକ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସଞ୍ଜୟ ଶାହ ଉଦ୍ଧାର ହେବା ପରେ କହିଛନ୍ତି ଯେ ସେ ଟନେଲ୍ ଭିତରେ କେବଳ ଭଗବାନଙ୍କୁ ସ୍ମରଣ କରୁଥିଲେ । ସେ କେବଳ କୃଷ୍ଣ ନାମ ଜପ କରୁଥିଲେ । ଆଉ ଶେଷରେ ଜନ୍ମାଷ୍ଟମୀ ଦିନରେ ସେ ପୁନର୍ଜନ୍ମ ପାଇ ଶୁଡ଼ଙ୍ଗ ଭିତରୁ ବାହାରିଛନ୍ତି ।

## ଛତୁ ପରଟା

ଆବଶ୍ୟକୀୟ ସାମଗ୍ରୀ : ଅଟା, ଛତୁ, ଲୁଣ, ମଇଦା, ଜୁଆଣୀ, ଘିଅ, ଗୋଲମରିଚ ଗୁଣ୍ଡ, କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ ମସଲା, ଆମଚୁର ପାଉଡର, କଟା ଧନିଆ ଓ ତେଲ।

ପ୍ରସ୍ତୁତ ପ୍ରଣାଳୀ: ପ୍ରଥମେ ଏକ ପାତ୍ରରେ ଅଟା, ଲୁଣ, ମଇଦା, ଜୁଆଣୀ ଓ ଘିଅ ନେଇ ଭଲ ଭାବେ ଗୋଳାନ୍ତୁ । ଏହାପରେ ଅଳ୍ପ ଅଳ୍ପ ପାଣି ଢାଳି ଅଟାକୁ ଦଳନ୍ତୁ । ଅଟା ଦଳି ସାରିବା ପରେ ନରମ ହେବା ପାଇଁ ଏହାକୁ ଏକ କପଡାରେ ଗୁଡାଇ କିଛି ସମୟ ରଖି ଦିଅନ୍ତୁ ।  ଏବେ ତାୱା ଗରମ କରି ତେଲ ପକାନ୍ତୁ । ତେଲ ଗରମ ହେବା ପରେ କଟା ଛତୁକୁ ପକାଇ ଅଳ୍ପ ଲୁଣ ଓ ଗୋଲମରିଚ ଗୁଣ୍ଡ ଦେଇ କିଛି ସମୟ ଭାଜନ୍ତୁ । ପରେ ଏଥିରେ କଟା ପିଆଜ, କଟା କଞ୍ଚା ଲଙ୍କା, କଟା ଅଦା, ଲଙ୍କା ଗୁଣ୍ଡ, ଚାଟ ମସଲା, ଆମଚୁର ପାଉଡର ଓ କଟା ଧନିଆ ପତ୍ର ପକାଇ ଭଲ ଭାବେ ଗୋଳାନ୍ତୁ । ମସଲା ପ୍ରସ୍ତୁତ ହୋଇଯିବା ପରେ ଏହାକୁ କାଢି ଥଣ୍ଡା କରନ୍ତୁ ।  ଏବେ ଚକଟା ଯାଇଥିବା ଅଟାକୁ ଗୁଳା କରନ୍ତୁ ଓ ଏହାକୁ ଅଳ୍ପ ବେଲି ଏହା ମଝିରେ ଛତୁ ପୁର ଦେଇ ପୁଣି ବନ୍ଦ କରିଦିଅନ୍ତୁ । ଏହାପରେ ଏଗୁଡିକୁ ରୁଟି ପରି ବେଲନ୍ତୁ ଏବଂ ଗରମ ତାୱାରେ ପକାଇ ଭଲ ଭାବେ ସେକନ୍ତୁ । ଦୁଇ ପଟ ଭଲ ଭାବେ ସେକି ହୋଇଗଲେ ତେଲ ପକାଇ ଏପଟ ସେପଟ କରନ୍ତୁ । ପ୍ରସ୍ତୁତ ହୋଇଗଲା ସୁଆଦିଆ 'ଛତୁ ପରଟା' । ଏହାକୁ ଚଟଣୀ, ସସ୍ କିମ୍ବା ଦହି ସହିତ ଗରମ ଗରମ ପରଷନ୍ତୁ ।



ଖବର

## ଉଜ୍ଜୟିନୀରେ ୬୪ ଦିନରେ ଶିକ୍ଷା ସମାପ୍ତ କରିଥିଲେ ଶ୍ରୀକୃଷ୍ଣ



ଦ୍ୱାପର ଯୁଗରେ ଉଜ୍ଜୟିନୀରେ ଜ୍ଞାନ-ବିଜ୍ଞାନ ଏବଂ ସଂସ୍କୃତିର ଏକ ମହତ୍ୱପୂର୍ଣ୍ଣ କେନ୍ଦ୍ର ଥିଲା । ଏହିଠାରେ ଗୁରୁ ସାନ୍ଦିପନୀଙ୍କ ଆଶ୍ରମ ଯେଉଁଠାରେ ଭଗବାନ ଶ୍ରୀକୃଷ୍ଣ, ଜ୍ୟୋଷ୍ଠଭ୍ରାତା ବଳରାମ ଏବଂ ମିତ୍ର ସୁଦାମା ଶିକ୍ଷାପ୍ରାପ୍ତ କରିଥିଲେ । ଶ୍ରୀମଦ ଭାଗବତ, ମହାଭାରତ ତଥା ଅନ୍ୟ କେତେକ ପୁରାଣରେ ଏହି ସ୍ଥାନ ସଂପର୍କରେ ବର୍ଣ୍ଣନା କରାଯାଇଛି । ଏହିଠାରେ ଭଗବାନ ଶ୍ରୀକୃଷ୍ଣ ୬୪ ଦିନରେ ଗୁରୁ ସାନ୍ଦିପନୀଙ୍କଠାରୁ ସଂପୂର୍ଣ୍ଣ ଶାସ୍ତ୍ର ଶିକ୍ଷା ଗ୍ରହଣ କରିଥିଲେ । ୧୮ ଦିନରେ ୧୮ ପୁରାଣ, ୪ ଦିନରେ ୪ ବେଦ, ୬ ଦିନରେ ୬ ଶାସ୍ତ୍ର, ୧୬ ଦିନରେ ୧୬ କଳା, ୨୦ ଦିନରେ ଗୀତାଜ୍ଞାନ ଆହରଣ କରିବା ସହ ଗୁରୁ ଦକ୍ଷିଣା ଏବଂ ଗୁରୁ ସେବା କାର୍ଯ୍ୟ ସଂପୂର୍ଣ୍ଣ କରିଥିଲେ । ଆଶ୍ରମ ନିକଟରେ ଏକ ପଥର ଉପରେ ୧ ରୁ ୧୦୦ ପର୍ଯ୍ୟନ୍ତ ସଂଖ୍ୟା ଲିଖିତ ହୋଇଛି । କୁହାଯାଏ ଯେ, ଏହି ସଂଖ୍ୟା ଗୁରୁ ସାନ୍ଦିପନୀଙ୍କ ଦ୍ୱାରା ଲେଖା ଯାଇଛି । ମହର୍ଷି ସାନ୍ଦିପନୀ ଆଶ୍ରମ ଗଙ୍ଗା ଘାଟରେ ଅବସ୍ଥିତ। ଏହି ସ୍ଥାନରେ ଗୋମତୀ କୁଣ୍ଡ ନିର୍ମିତ ହୋଇଥିଲା । ଯେଉଁଠାରେ ଭଗବାନ ଶ୍ରୀକୃଷ୍ଣ ଗୁରୁ ସାନ୍ଦିପନୀଙ୍କ ସ୍ନାନ ପାଇଁ ଗୋମତୀ ନଦୀର ଜଳ ଉପଲବ୍ଧ କରାଇଥିଲେ । ଆଶ୍ରମରେ ଗୁରୁ ସାନ୍ଦିପନୀଙ୍କ ସମେତ ଭଗବାନ ଶ୍ରୀକୃଷ୍ଣ, ବଳରାମ ଏବଂ ସୁଦାମାଙ୍କ ମୂର୍ତ୍ତି ସ୍ଥାପିତ ହୋଇଛି । କୁହାଯାଏ ଯେ, ଗୁରୁ ସାନ୍ଦିପନୀଙ୍କଠାରୁ ଶ୍ରୀକୃଷ୍ଣ ଯେଉଁ ଜ୍ଞାନ ଆହରଣ କରୁଥିଲେ ତାହାକୁ ନିଜ ପାଟିରେ ଲେଖି ଦେଉଥିଲେ । ଏହାପରେ ଗୋମତୀ କୁଣ୍ଡରେ ଥିବା ଜଳରେ ପାଟିକୁ ଧୋଇ ଦେଉଥିଲେ । ଏହି କାରଣରୁ କୃଷ୍ଣଙ୍କ ପାଟିରେ ଥିବା ଅଙ୍କ ଗୋମତୀ କୁଣ୍ଡରେ ପଡୁଥିଲା । ତେଣୁ ଏହି କ୍ଷେତ୍ରକୁ ଅଙ୍କପାତ ନାମରେ ପ୍ରସିଦ୍ଧ ଅଟେ। ସାନ୍ଦିପନୀଙ୍କ ଆଶ୍ରମ ପରିସରରେ ଥିବା ସର୍ବେଶ୍ୱର ମହାଦେବ ମନ୍ଦିର ୬ ହଜାର ବର୍ଷର ପୁରୁଣା ଶିବଲିଙ୍ଗ । କୁହାଯାଏ ଯେ ମହର୍ଷି ସାନ୍ଦିପନୀ ନିଜ ତପ ବଳରେ ବେଲପତ୍ର ନିର୍ମିତ ଏହି ଶିବଲିଙ୍ଗକୁ ଉତ୍ପନ୍ନ କରିଥିଲେ । ଏହିଠାରେ ଶେଷନାଗଙ୍କ ଦର୍ଶନ ମଧ୍ୟ ମିଳିଥାଏ । ଶିକ୍ଷା ସମାପ୍ତ ପରେ ଶ୍ରୀକୃଷ୍ଣ ଏବଂ ବଳରାମ ଗୁରୁ ସାନ୍ଦିପନୀଙ୍କୁ ଦକ୍ଷିଣା ମାଗିବା ପାଇଁ ପ୍ରାର୍ଥନା କଲେ । ଦକ୍ଷିଣା ସ୍ୱରୂପ ନିଜର ପୁତ୍ରକୁ ଫେରାଇ ଆଣିବାକୁ ଗୁରୁ ସାନ୍ଦିପନୀ କୃଷ୍ଣଙ୍କୁ ଦକ୍ଷିଣା ଆକାରରେ ମାଗିଥିଲେ । ଗୁରୁ ସନ୍ଦୀପନୀଙ୍କ ପୁତ୍ର ସମୁଦ୍ରର ପ୍ରଭାସ କ୍ଷେତ୍ରରେ ବିଲୁପ୍ତ ହୋଇ ଯାଇଥିଲେ । ଦୁଇ ଭାଇ କୃଷ୍ଣ ଏବଂ ବଳରାମ ପ୍ରଭାସ କ୍ଷେତ୍ରରେ ଗୁରୁପୁତ୍ରଙ୍କୁ ଖୋଜିବା ବେଳେ ଜାଣିପାରିଲେ ଯେ, ଶଙ୍ଖାସୁର ନାମକ ରାକ୍ଷସ ଋଷିପୁତ୍ରଙ୍କୁ ନେଇ ଯାଇଛି ଯିଏ ସମୁଦ୍ର ତଳେ ପବିତ୍ର ଶଙ୍ଖ ମଧ୍ୟରେ ରହୁଛି । ଏହି ଶଙ୍ଖକୁ ପଞ୍ଚଜନ୍ୟ କୁହାଯାଏ । ଦୁଇଭାଇ ରାକ୍ଷସକୁ ବିନାଶ କରି ଋଷିପୁତ୍ରଙ୍କୁ ଖୋଜିଲେ । ତେବେ ସେଠାରେ ଋଷିପୁତ୍ରଙ୍କୁ ନ ପାଇ ଶଙ୍ଖକୁ ଧରି ଯମଙ୍କ ନିକଟକୁ ଗଲେ ଏବଂ ଶଙ୍ଖ ବଜାଇଲେ । ଯମ ଦୁଇଭାଇଙ୍କୁ ଦେଖି ପ୍ରଣାମ କରିବା ସହ ଆସିବା କାରଣ ପଚାରିଲେ । ଗୁରୁପୁତ୍ରକୁ ଫେରାଇବା ପାଇଁ ଶ୍ରୀକୃଷ୍ଣ କହିବା କ୍ଷଣି ଯମ କୃଷ୍ଣଙ୍କ ଆଜ୍ଞା ପାଳନ କଲେ ।

## ଲାଫିଙ୍ଗ୍ ବୁଦ୍ଧ ଜୀବନରେ ଭରିଦିଏ ସମୃଦ୍ଧି

ହିନ୍ଦୁ ଧର୍ମରେ ଲକ୍ଷ୍ମୀ ଏବଂ କୁବେରଙ୍କୁ ଧନ ଏବଂ ସମୃଦ୍ଧିର ଦେବତା ବୋଲି ଗ୍ରହଣ କରାଯାଇଛି । ସେହିପରି ଲାଫିଙ୍ଗ ବୁଦ୍ଧ ସୁଖ ଓ ସମୃଦ୍ଧି ଆଣିଥାଏ ବୋଲି ଚୀନବାସୀ ମାନିଥାନ୍ତି । ଲାଫିଙ୍ଗ ବୁଦ୍ଧର ଏପରି ମହତ୍ତ୍ୱ ଯୋଗୁଁ ଲୋକେ ନିଜ ଘରେ କିମ୍ବା କାହାକୁ ଉପହାର ସଦୃଶ ଏହାକୁ ଦେଇଥାନ୍ତି । କିନ୍ତୁ କ'ଣ ଆପଣ ଜାଣନ୍ତି କି, ଲାଫିଙ୍ଗ ବୁଦ୍ଧକୁ ଘରେ ରଖିବାର ଅନେକ କିଛି ନିୟମ ରହିଛି । ଯାହା ଆପଣଙ୍କ ଜୀବନରେ ସୁଖ ସମୃଦ୍ଧି ଆଣିଥାଏ । ଆସନ୍ତୁ ଜାଣିବା ଘରର କେଉଁ ଦିଗରେ ଲାଫିଙ୍ଗ ବୁଦ୍ଧ ରଖିଲେ କଣ ଲାଭ ମିଳିଥାଏ ।

କୌଣସି ଘରର ଭାଗ୍ୟ ଏବଂ ସୁଖଶାନ୍ତି ପୂର୍ବଦିଗ ସହିତ ଜଡିତ ଥାଏ । ଯଦି ଆପଣ ନିଜ ଘରର ଲୋକମାନଙ୍କର ମଧ୍ୟରେ ସ୍ନେହ, ପ୍ରେମ ଏବଂ ତାଳମେଳ ବଢାଇବାକୁ ଚାହୁଁଛନ୍ତି, ତେବେ ଲାଫିଙ୍ଗ୍ ବୁଦ୍ଧକୁ ପୂର୍ବ ଦିଗରେ ରଖନ୍ତୁ ।

ଫେଙ୍ଗସୁଇ ଅନୁସାରେ ଲାଫିଙ୍ଗ ବୁଦ୍ଧ ନିଜ ଘରର ଦକ୍ଷିଣ ଦିଗରେ ରଖିବା ଦ୍ୱାରା ସକାରାତ୍ମକ ଉର୍ଜା ବଢିଥାଏ, ଯାହା ଧନ ଏବଂ ସୁଖକୁ ଘରକୁ ଆକର୍ଷିତ କରିଥାଏ । ଚାକିରି ହେଉ ଅବା ବ୍ୟବସାୟ ଆପଣଙ୍କ ଶତ୍ରୁ କିଛି ବି କରିପାରିବେ ନାହିଁ ।

ଲାଫିଙ୍ଗ୍ ବୁଦ୍ଧଙ୍କୁ ଘରେ ହେଉ ଅବା ଅଫିସରେ ନିଜ ଆଖି ସିଧା ରଖିବା ଉଚିତ । ଅର୍ଥାତ୍ ଆପଣ ଏହାକୁ ଦେଖିବା ବେଳେ ସିଧା ମୁହଁ କରି ବା ମୁର୍ତ୍ତି ଯେପରି ଉପରକୁ ନଉଠେ । ଅଧିକା ଉଚ୍ଚା କିମ୍ବା ତଳେ ରଖିବା ଉଚିତ ନୁହେଁ ।

ଗଣେଶଙ୍କ ମୁଣ୍ଡ ଯେପରି ମୁଖ୍ୟ ଦ୍ୱାରା ସାମ୍ନାକୁ ରଖୁଛନ୍ତି, ସେଭଳି ଲାଫିଙ୍ଗ ବୁଦ୍ଧକୁ ମଧ୍ୟ ଘରର ମୁଖ୍ୟ ଦ୍ୱାରକୁ ସାମ୍ନା କରି ରଖନ୍ତୁ । ଏପରି କଲେ ଧନ, ସମୃଦ୍ଧି ବୃଦ୍ଧି ହେବ ।



## ଉଚ୍ଚ ରକ୍ତଚାପ ନିୟନ୍ତ୍ରଣ କରିଥାଏ ଅଳସୀ

ଆଜିକାଲିର ବ୍ୟସ୍ତବହୁଳ ଜୀବନରେ ପ୍ରାୟତଃ ସମସ୍ତଙ୍କର ଉଚ୍ଚ ରକ୍ତଚାପ ସମସ୍ୟା ଦେଖିବାକୁ ମିଳିଥାଏ । ଏପରି ସମସ୍ୟା ହେଲେ ଧମନୀରେ ରକ୍ତର ଚାପ ବଢିଯାଏ । ଯଦି ଆପଣ ଏହି ସମସ୍ୟାର ଚିକିତ୍ସା ନକରାନ୍ତି, ତେବେ ହାର୍ଟ ଆଟାକ, ଷ୍ଟ୍ରୋକ ଏବଂ କିଡନୀ ଫେଲ ହେବାର ଆଶଙ୍କର ରହିଥାଏ । ଯଦି ଆପଣଙ୍କ ରକ୍ତଚାପ ଲଗାତାର ଭାବେ ୧୨୦/୮୦ରୁ ଅଧିକ ରହିଥାଏ, ତେବେ ତୁରନ୍ତ ଡାକ୍ତରଙ୍କ ପରାମର୍ଶ ନିଅନ୍ତୁ । ଉଚ୍ଚ ରକ୍ତଚାପକୁ କମ୍ କରିବାକୁ ହେଲେ ଆପଣ ଅନେକ କଥାକୁ ଧ୍ୟାନ ଦେବାକୁ ହେବ ।

ଯଦି ଆପଣ ଜଙ୍କ ଫୁଡ୍, ମଦ୍ୟପାନ, ସ୍ମୋକିଂ କରୁଛନ୍ତି, ତେବେ ତୁରନ୍ତ ଏହି ଜିନିଷରୁ ଦୂରେଇ ରୁହନ୍ତୁ । କିନ୍ତୁ ଏହାକୁ ନିୟନ୍ତ୍ରଣ କରିବାକୁ ହେଲେ ଅଳସୀ ଅର୍ଥାତ ଖାଇବା ଆରମ୍ଭ କରନ୍ତୁ । ଏହା ସ୍ୱାସ୍ଥ୍ୟ ପାଇଁ ବେଶ ଫାଇଦାଯୁକ୍ତ । ଏହା ଅନେକ ରୋଗ ପାଇଁ ରାମବାଣ ହୋଇଥାଏ ।

ଏହାକୁ ଖାଇବା ସମୟରେ ଚୋବାଇ ଖାଇବା ଉଚିତ୍ । ଅନେକ ଲୋକ ଏହାକୁ ଭିଜାଇ ଖାଇବାକୁ ପସନ୍ଦ କରିଥାଏ । ଆପଣ ଯଦି ଚାହିଁବେ ଏହାକୁ ଗୁଣ୍ଡ କରି ପାଉଡର କରି ଖାଇପାରିବେ । ଏହା ବ୍ଲଡପ୍ରେସରକୁ କଣ୍ଟ୍ରୋଲ କରି ହାର୍ଟକୁ ସୁସ୍ଥ ରଖିଥାଏ । ଛଅମାସ ପର୍ଯ୍ୟନ୍ତ ପ୍ରତିଦିନ ଅଳସୀ ଖାଇବା ଉଚିତ୍ । ଫଳରେ ହାର୍ଟଆଟାକ ହେବାର ୧୦ ପ୍ରତିଶତ ଆଶଙ୍କା କମ୍ ହୋଇଯାଇଥାଏ ।

ଅଳସୀ ପୋଟାସିୟମ, ଓମେଗା



୩,ଫାଇବର ଭରପୂର ମାତ୍ରାରେ ରହିଥାଏ । ପୋଟାସିୟମ ୟୁରିନରେ ଥିବା ଅତିରିକ୍ତ ସୋଡିୟମକୁ ବାହାର କରିବାରେ କିଡନୀର ସାହାଯ୍ୟ କରିଥାଏ । ୧୦୦ ଗ୍ରାମ ଅଳସୀରେ ୮୧୩ ମିଲିଗ୍ରାମ ପୋଟାସିୟମ ରହିଥାଏ । ରକ୍ତ ଧମନୀ କୋଷିକାକୁ ମଜବୁତ କରିଥାଏ ଫାଇବର । ଯାହା ରକ୍ତଚାପକୁ ନିୟନ୍ତ୍ରଣରେ ରଖିଥାଏ । ଏଥିରେ ଥିବା ଆଲଫା ଲିନୋଲେନିକା ଏସିଡ ଏବଂ ଲିଗନାନ ଉଚ୍ଚ ରକ୍ତଚାପକୁ କଣ୍ଟ୍ରୋଲରେ ରଖିଥାଏ । ଯାହା। ପାଚନ ତନ୍ତ୍ର ଏବଂ ଡାଇବେଟିଜ ଜନିତ ରୋଗ ଆଶଙ୍କା କମ୍ କରିଥାଏ ।

## ଦେବଗିରି ପାହାଡ଼ରେ ପୂଜା ପାଉଛନ୍ତି ବାବା ନୀଳକଣ୍ଠେଶ୍ୱର




ରାୟଗଡା ଜିଲ୍ଲା କଲ୍ୟାଣସିଂପୁର ଉପକଣ୍ଠରେ ରହିଛି ପ୍ରସିଦ୍ଧ ଶୈବପୀଠ ନୀଳକଣ୍ଠେଶ୍ୱର । ଦେବଗିରି ପାହାଡ଼ରେ ବିଦ୍ୟମାନ ଏହି ପ୍ରାଚୀନ ଶୈବପୀଠ ସମ୍ପର୍କରେ ଅନେକ ଲୋକକଥା ରହିଛି । ମହାଭାରତ ଯୁଦ୍ଧ ଚାଲିଥିବା ବେଳେ ବଳରାମ ଏହି ଅଞ୍ଚଳର ଦେଇ ଗସ୍ତ କରିଥିଲେ। ସାଙ୍ଗରେ ଥିବା ସୈନ୍ୟସାମନ୍ତଙ୍କୁ ପାଣି ଦେବାପାଇଁ ନିଜ ଲଙ୍ଗଳ ମୁନରେ ଲାଙ୍ଗୁଳି ନଦୀ ସୃଷ୍ଟି କରିଥିଲେ । ଏବେ ଏହା ନାଗାବଳି ନାମରେ ପରିଚିତ ।ସେତେବେଳେ ସେ ଦେବଗିରି ପାହଡ ଉପରେ ସ୍ଫଟିକରେ ନିର୍ମିତ ୫ଟି ଶିବଲିଙ୍ଗ ପ୍ରତିଷ୍ଠା କରିଥିଲେ ।ଇତିହାସରୁ ଜଣାଯାଏ, ଗଙ୍ଗବଂଶ ରାଜୁତ୍ୱ କାଳରୁ ଦେବଗିରି ପାହାଡ଼ରେ ନୀଳକଣ୍ଠେଶ୍ୱର ପୂଜା ପାଇ ଆସୁଛନ୍ତି । ସମୁଦ୍ର ପତନ ଠାରୁ ୩୯୪ ଫୁଟ ବା ୧୨୦ମିଟର ଉଚ୍ଚରେ ପଥର ଗୁମ୍ଫାରେ ପୂଜା ପାଉଛନ୍ତି ନୀଳକଣ୍ଠେଶ୍ୱର ମହାଦେବ । ପାହାଡର ପାଦଦେଶରୁ ଉପରକୁ ଯିବା ପାଇଁ ୪୮୦ଟି ପାହାଚ ରହିଛି । ଏହି ପାହାଚଗୁଡିକ ଭିତରେ ୨୦ ରୁ ୩୦ ଫୁଟ ଓସାରର ୭ଟି ରହିଛି । ୧୭୫୮ରେ ଜୟପୁର ରାଜାଙ୍କ ଅଧୀନସ୍ଥ ସ୍ୱୀକାର କରିଥିଲେ ତତ୍କାଳୀନ କଲ୍ୟାଣସିଂପୁର ରାଜା କୃଷ୍ଣଚନ୍ଦ୍ର ଦେବ । ଜୟପୁର ରାଜା ପ୍ରଥମ ବିକ୍ରମ ଦେବ ବାବା ପାତାଳେଶ୍ୱରଙ୍କ ଅଭିଷେକ କରିଥିଲେ ।ନିଜ ରାଜ୍ୟରେ ପାତାଳେଶ୍ୱରଙ୍କ ଅଭିଷେକ ହେଉଥିଲେ ମଧ କୃଷ୍ଣଚନ୍ଦ୍ର ଦେବଙ୍କୁ ନିମନ୍ତ୍ରଣ କରାଯାଇନଥିଲା ।ଶିବଭକ୍ତ କୃଷ୍ଣଚନ୍ଦ୍ର ଦେବ ଦୁଃଖରେ ଭାଙ୍ଗି ପଡିଥିଲେ । ସ୍ୱପ୍ନାଦେଶ ପରେ ଦେବଗିରିର ପାହାଡ ଶିଖରରେ ଅବସ୍ଥାନ କରୁଥିବା ନୀଳକଣ୍ଠେଶ୍ୱରଙ୍କୁ ରାଜା ପାଇଥିଲେ। କୃଷ୍ଣଚନ୍ଦ୍ର ଦେବ ଅପୁତ୍ରିକ ଥିଲେ। ଉ□ରାଧିକାରୀକୁ ନେଇ ସେ ଚିନ୍ତିତ ଥିଲେ। ବାବା ନୀଳକଣ୍ଠେଶ୍ୱରଙ୍କ ପୂଜାର୍ଚ୍ଚନା କରି ରାଜା କୃଷ୍ଣଚନ୍ଦ୍ର ଦେବ ପୁତ୍ର ସନ୍ତାନ ଲାଭ କରିଥିଲେ । ପରେ ରାଜା ପ୍ରଭୁଙ୍କୁ ନିୟମିତ ପୂଜା କରିବା ପାଇଁ ବ୍ରହ୍ମଣମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେହି ଦିନଠାରୁ ପ୍ରଭୁଙ୍କୁ ନିୟମିତ ପୂଜାର୍ଚ୍ଚନା କରାଯାଉଛି ।ପହାଡର ଉପରେ ଗଙ୍ଗା, ଯମୁନା, ସରସ୍ୱତୀ, ଇନ୍ଦ୍ରଦ୍ୟୁମ୍ନ ଓ ଭାର୍ଗବୀ ନାମରେ ୫ଟି କୁଣ୍ଡ ରହିଛି । ଏହି କୁଣ୍ଡରେ ଗାଧୋଇଲେ ଅପୁତ୍ରିକ ପୁତ୍ର ଲାଭ କରିନ୍ତି ବୋଲି ବିଶ୍ୱାସ ରହିଆସିଛି । ଶିବରାତ୍ରୀ ପ୍ରଭୁ ନୀଳକଣ୍ଠେଶ୍ୱରଙ୍କ ବଡ଼ ପର୍ବ । ଏହା ୭ ଦିନ ଧରି ପାଳନ କରାଯାଏ । ଶ୍ରାବଣ ମାସରେ ଦୂର ଦୁରାନ୍ତରୁ ମାନସିକଧାରୀମାନେ ଏଠାକୁ ଆସି ପ୍ରଭୁଙ୍କୁ ଜଳଲାଗି କରିଥାନ୍ତି । ମନ୍ଦିର ପରିଚାଳନା କମିଟି ତରଫରୁ ଭକ୍ତମାନଙ୍କୁ ମାଗଣାରେ ପ୍ରସାଦ ବିତରଣ କରାଯାଇଥାଏ । ରାୟଗଡା ସହର ଠାରୁ ଦେବଗିରିର ଦୂରତା ୫୦ କିଲୋମିଟର । ନିୟମିତ ବସ୍ ଚଳାଚଳ କରୁଛି । ଟ୍ରେନ ଯୋଗେ ରାୟଗଡା ଆସି ନୀଳକଣ୍ଠେଶ୍ୱରଙ୍କ ପୀଠକୁ ଯାଇ ହେବ ।

## ଦୈନିକ ପିଅନ୍ତୁ ଅଦା-ମହୁ ପାଣି

ବର୍ତ୍ତମାନ୍ ଚାଲିଛି ବର୍ଷା ଋତୁ । ଏହି ଋତୁରେ ବିଭିନ୍ନ ପ୍ରକାରର ସମସ୍ୟା ଦେଖାଦେଇଥାଏ । ଯେପରିକି ଥଣ୍ଡା, କାଶ, ଜ୍ୱର ଇତ୍ୟାଦି । ଏଥିସହ ପାଗ ପରିବର୍ତ୍ତନ ହେବା ସହ ମଧ ଆମେ ଅନେକ ସସସ୍ୟାରେ ସମ୍ମୁଖୀନ ହେଉଛନ୍ତି । ଯେପରିକି ପେଟ ଯନ୍ତ୍ରଣାଠାରୁ ଆରମ୍ଭ କରି ହଇଜା ପର୍ଯ୍ୟନ୍ତ ସବୁ କିଛି । ଯଦି ଆପଣ ଏହି ସବୁ ସମସ୍ୟାରେ ସମ୍ମୁଖୀନ ହେଉଛନ୍ତି, ତେବେ ଚିନ୍ତା କରନ୍ତୁ ନାହିଁ । ଆଜି ଆପଣଙ୍କୁ ଜଣାଇବୁ ଏଥିରୁ କିପରି ମୁକ୍ତି ପାଇପାରିବେ । ତେବେ ଆସନ୍ତୁ ଜାଣିବା ଏହାର ସମ୍ପୂର୍ଣ୍ଣ ତଥ୍ୟ ଯବହୁ ଆଗାମୀ କାଳରୁ ଅଦା ଏବଂ ମହୁ ସ୍ୱାସ୍ଥ୍ୟ ପାଇଁ ବହୁତ ଲାଭଦାୟକ ବୋଲି ବିବେଚନା କରାଯାଇ ଆସୁଛି । କିନ୍ତୁ ଆପଣ କେବେ ଅଦା-ମହୁ ପାଣି ପିଇଛନ୍ତି କି ? ଯଦି ପିଇନାହାଁନ୍ତି, ତେବେ ଆପଣଙ୍କୁ ଏହି ପାନୀୟର ସ୍ୱାସ୍ଥ୍ୟ ଲାଭ ବିଷୟରେ ଜାଣନ୍ତୁ । ପ୍ରତିଦିନ ଏହି ପୁଷ୍ଟିକର ପାନୀୟ ପିଇବା ଆରମ୍ଭ କରନ୍ତୁ ଏବଂ ଆପଣ ମାତ୍ର କିଛି ସପ୍ତାହ ମଧରେ ଅଟୋମେଟିକ୍ ଭାବରେ ସକାରାତ୍ମକ ପ୍ରଭାବ ଦେଖିବାକୁ ପାଇବେ ।

ଥଣ୍ଡା ଏବଂ କାଶ ସମସ୍ୟାରୁ ମୁକ୍ତି ପାଇବେ :

ଅଦା ଏବଂ ମହୁ ପାଣି ପିଇବା ଦ୍ୱାରା ଆପଣ ଥଣ୍ଡା ଏବଂ କାଶରୁ ବହୁତ ପରିମାଣରେ ମୁକ୍ତି



ପାଇପାରିବେ । ଯଦି ଆପଣ ଗଳା ଯନ୍ତ୍ରଣା, ଥଣ୍ଡା କିମ୍ବା କାଶ ସମସ୍ୟାକୁ ରୋକିବାକୁ ଚାହୁଁଛନ୍ତି, ତେବେ ଆପଣ ଏହି ପ୍ରାକୃତିକ ପାନୀୟ ପିଇବା ଆରମ୍ଭ କରିପାରିବେ । ଆପଣଙ୍କ ସୂଚନା ପାଇଁ, ଆମେ ଆପଣଙ୍କୁ କହି ରଖୁଛୁ ଯେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇଁ ଅଦା ଏବଂ ମହୁ ପାଣିକୁ ଦୈନନ୍ଦିନ ଖାଦ୍ୟ ଯୋଜନାର ଏକ ଅଂଶ ମଧ କରାଯାଇପାରିବ ଯପେଟ ସମ୍ବନ୍ଧୀୟ ସମସ୍ୟା ଦୂରେଇ ରହିବ :

ଯଦି ଆପଣ ପେଟ ସମସ୍ୟାକୁ ରୋକିବାକୁ ଚାହାଁନ୍ତି, ତେବେ ଅଦା ଏବଂ ମହୁ ପାଣି ପିଇବା ଆରମ୍ଭ କରନ୍ତୁ । ଏହି ପାନୀୟକୁ ହୃଦୟ ସ୍ୱାସ୍ଥ୍ୟ ପାଇଁ ମଧ ଲାଭଦାୟକ ବୋଲି ବିବେଚନା କରାଯାଏ । ଅର୍ଥାତ ଏହି ପାନୀୟକୁ ସଠିକ ପରିମାଣରେ ଏବଂ ସଠିକ୍ ଉପାୟରେ ସେବନ କରିବା ଦ୍ୱାରା, ଗମ୍ଭୀର ଏବଂ ହୃଦରୋଗର ଆଶଙ୍କା ହ୍ରାସ କରାଯାଇପାରିବ । ଏଥିସହ ଓଜନ ମଧ ହ୍ରାସ ପାଇବାକୁ ଲାଗିବ ।

ଅଦା ମହୁ ପାଣି କିପରି ତିଆରି କରିବେ :

ଅଦା ଏବଂ ମହୁ ପାଣି ତିଆରି କରିବା ପାଇଁ, ପ୍ରଥମେ ଗୋଟିଏ କପ୍ ପାଣି ଗରମ କରନ୍ତୁ । ଏବେ ଏହି ପାଣିରେ ଗୋଟିଏ ଚାମଚ ମହୁ ଏବଂ ଗୋଟିଏ ଅଳ୍ପ ଅଦାଛେଚା ମିଶାନ୍ତୁ । ଏବେ ଆପଣ ଏହି ପାଣିକୁ ଛାଣି ପିଇପାରିବେ ।ଏହି ପାନୀୟର ସ୍ୱାଦ ଉନ୍ନତ କରିବା ପାଇଁ, ଆପଣ ଏଥିରେ ଲେମ୍ବୁ ରସ ମଧ ମିଶାଇ ପାରିବେ । ଯଦି ଆପଣ ଏପରି ସମସ୍ୟାରୁ ମୁକ୍ତି ପାଇବାକୁ ଚାହୁଁଛନ୍ତି, ତେବେ ଏହି ଟିପ୍ସକୁ ନିଶ୍ଚିତ ଫଲୋ କରନ୍ତୁ ।

# ଓଡ଼ିଶାରେ ବୃହତ୍ ଶିଳ୍ପ ନିବେଶ ପ୍ରକଳ୍ପ କାର୍ଯ୍ୟାନ୍ୱୟନକୁ ତ୍ୱରାନ୍ୱିତ କରିବା ଉପରେ ମୁଖ୍ୟ ଶାସନ ସଚିବଙ୍କ ଗୁରୁତ୍ୱ

ଭୁବନେଶ୍ୱର,୪।୯(ମହାଭାରତ): ଓଡ଼ିଶାରେ ବୃହତ୍ ଶିଳ୍ପନିବେଶଭିତିଭୂମି ପ୍ରକଳ୍ପର ଅଗ୍ରଗତି ଏବଂ ପ୍ରକଳ୍ପ କାର୍ଯ୍ୟାନ୍ୱୟନରେ ରହୁଥିବା ବିଭିନ୍ନ ପ୍ରସଙ୍ଗର ସମାଧାନ ନେଇ ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ଏକ ସମୀକ୍ଷା ବୈଠକ ଗତକାଲି ଶୁକ୍ରବାର ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି ।



ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ, ଇସ୍ପାତ ଓ ଖଣି ବିଭାଗ ଦେଓରଞ୍ଜନ କୁମାର ସିଂହ, ଶିଳ୍ପ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ରାଜସ୍ୱ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ଡ. ଅରବିନ୍ଦ କୁମାର ପାଢ଼ୀ, ଗୃହ ଓ ନଗର ଉନ୍ନୟନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବତଥା ଇଡକୋର ଅଧ୍ୟକ୍ଷା ଶ୍ରୀମତୀ ଉଷା ପାଢ଼ୀ,ଶକ୍ତି, ଇଲେକ୍ଟ୍ରୋନିକ୍ସ ଓ ଆଇଟି ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ବିଶାଳ ଦେବଙ୍କ ସମେତ ଅର୍ଥ, ଶକ୍ତି, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ, ବାଣିଜ୍ୟ ଓ ପରିବହନ, ଜଳ ସଂପଦ ଆଦି ସଂପୃକ୍ତ ବିଭିନ୍ନ ବିଭାଗର ସଚିବ ଏବଂ ଇଡକୋ, ଓଡ଼ିଶା ଖଣି ନିଗମ, ଇପିକଲ ,ଟିପିସିଓଡିଏଲ ଆଦିର ବରିଷ୍ଠ ପଦାଧିକାରୀମାନେ ଉପସ୍ଥିତ ଥିଲେ। ବୈଠକରେ ନ୍ୟାସନାଲ ଆଲୁମିନିୟମ କମ୍ପାନୀ(ନାଲକୋ)ର ଅଧ୍ୟକ୍ଷ ତଥା ପରିଚାଳନା ନିର୍ଦ୍ଦେଶକ, ଆଦାନୀ ଗ୍ରୁପ୍ କର୍ପୋରେଟ୍ ବ୍ୟାପାର ସଭାପତିଙ୍କ ଉପସ୍ଥିତିରେ ସମ୍ପର୍କିତ ବିଭିନ୍ନ ପ୍ରକଳ୍ପର ଅଗ୍ରଗତି, ଭବିଷ୍ୟତ ନିବେଶ ଯୋଜନା ଏବଂ ପ୍ରକଳ୍ପଗୁଡ଼ିକର ସୁଗମ କାର୍ଯ୍ୟାନ୍ୱୟନ ପାଇଁ ଆବଶ୍ୟକ ସରକାରୀ ସହଯୋଗ ସମ୍ପର୍କରେ ଆଲୋଚନା କରାଯାଇଥିଲା। ନାଲକୋ ସମ୍ପର୍କିତ ଆଲୋଚନାରେସ୍ମେଲ୍ଟର ଓ କ୍ୟାପ୍ଟିଭ୍ ପାୱାର ପ୍ଲାଂଟର ବ୍ରାଉନଫିଲ୍ଡ ସମ୍ପ୍ରସାରଣ ଏବଂ ଉତ୍କଳ 'ଡି' ଏବଂ 'ଇ'କୋଇଲା ଖଣିଭଳି ପ୍ରମୁଖ ପ୍ରକଳ୍ପର ଅଗ୍ରଗତି ସମୀକ୍ଷା କରାଯାଇଥିଲା। ଜମି ଅଧିଗ୍ରହଣ ଓ ହସ୍ତାନ୍ତର, ପୁନର୍ବାସ ଓ ଥଇଥାନ, ଜନ ଶୁଣାଣି, ଗ୍ରାମସଭା ଏବଂ ପ୍ରକଳ୍ପ ସହ ଜଡ଼ିତ ଆନୁଷଙ୍ଗିକ ଭିତିଭୂମିର ବିକାଶ ଆଦି ବିଷୟରେ ଅଗ୍ରଗତି ଉପରେ ଆଲୋଚନା ହୋଇଥିଲା।

ଏହାସହଆଦାନୀ ଗ୍ରୁପ୍ ର ଓଡ଼ିଶାରେ ଚାଲୁଥିବା ଓ ପ୍ରସ୍ତାବିତ ବିଭିନ୍ନ ନିବେଶ ପ୍ରକଳ୍ପସମ୍ପର୍କରେ ମଧ୍ୟ ସମୀକ୍ଷା କରାଯାଇଥିଲା। ବନ୍ଦର ଓ ବନ୍ଦର ସମ୍ପ୍ରସାରଣ, ଶିଳ୍ପ ପାର୍କ, ଶକ୍ତି, ଆଲୁମିନିୟମ୍, ସିମେଂଟ, କୋଲ୍ ଗ୍ୟାସିଫିକେସନ୍, ଡାଟା ସେଣ୍ଟର, ଖଣି, ଲଜିଷ୍ଟିକ୍ସ ଭଳି ବିଭିନ୍ନ କ୍ଷେତ୍ରରେ ନିବେଶ ସୁଯୋଗ ଓ ପ୍ରକଳ୍ପ ଯୋଜନା ଉପସ୍ଥାପିତ ହୋଇଥିଲା। ବିଶେଷକରିଧାମରା ଓ ଗୋପାଳପୁର ବନ୍ଦରର ସମ୍ପ୍ରସାରଣ, ଶିଳ୍ପ ପାର୍କ, ଆର୍ଥିକ କରିଡର ଓ ଆନୁଷଙ୍ଗିକ ଭିତିଭୂମି ବିକାଶସମ୍ପର୍କରେ ଆବଶ୍ୟକତା ଓ ସମ୍ଭାବନା ନେଇ ଆଲୋଚନା ହୋଇଥିଲା। ଜମି ଆବଶ୍ୟକତା, ଅଧିଗ୍ରହଣ, ସଡ଼କ ଓ ରେଳ ସଂଯୋଗ, ଉପକୂଳ ନିୟନ୍ତ୍ରଣ ଅଂଚଳ ସମ୍ପର୍କିତ ପ୍ରକ୍ରିୟା ଏବଂ ଅନ୍ୟାନ୍ୟ ଆବଶ୍ୟକ ସହଯୋଗ ଉପରେ ମଧ୍ୟ ଗୁରୁତ୍ୱ ଦିଆଯାଇଥିଲା।ରାଜ୍ୟରେ ବୃହତ୍ ନିବେଶ ପାଇଁ ଅନୁକୂଳ ପରିବେଶକୁ ଆହୁରି ସୁଦୃଢ଼ କରିବା ସହ ନିବେଶକମାନଙ୍କୁ ଆବଶ୍ୟକ ସରକାରୀ ସହଯୋଗ ଯୋଗାଇ ଦେଇ ପ୍ରକଳ୍ପଗୁଡ଼ିକୁ ଶୀଘ୍ର କାର୍ଯ୍ୟକ୍ଷମ କରିବା ଉପରେ ବୈଠକରେ ଗୁରୁତ୍ୱ ଦିଆଯାଇଥିଲା।

ମୁଖ୍ୟ ଶାସନ ସଚିବ ଶ୍ରୀମତୀ ଗର୍ଗ ବୃହତ୍ ଶିଳ୍ପ ପ୍ରକଳ୍ପଗୁଡ଼ିକର ସମୟସୀମା ମଧ୍ୟରେ କାର୍ଯ୍ୟାନ୍ୱୟନ, ରାଜ୍ୟର ଶିଳ୍ପ ବିକାଶ, ନିବେଶ ବୃଦ୍ଧି, ରୋଜଗାର ସୃଷ୍ଟି ଓ ଅର୍ଥନୈତିକ ଅଭିବୃଦ୍ଧି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇଥିଲେ । ପ୍ରକଳ୍ପଗୁଡ଼ିକ ସହ ଜଡ଼ିତ ପ୍ରସଙ୍ଗ ଉପରେ ପୁଙ୍ଖାନୁପୁଙ୍ଖ ଆଲୋଚନା କରି ଶୀଘ୍ର ସମାଧାନ ପାଇଁ ସମ୍ପୃକ୍ତ ବିଭାଗ, ନାଲକୋ, ଆଦାନୀ ଗ୍ରୁପ ଏବଂ ଜିଲ୍ଲା ପ୍ରଶାସନ ମଧ୍ୟରେ ଘନିଷ୍ଠ ସମନ୍ୱୟ ରକ୍ଷା କରିସମୟବଦ୍ଧ ଓ ଫଳପ୍ରଦ ପଦକ୍ଷେପଗ୍ରହଣ ଉପରେ ସେ ଗୁରୁତ୍ୱାରୋପ କରିଥିଲେ।ବୈଠକରେ ଅନୁଗୋଳ, କୋରାପୁଟ,ରାୟଗଡ଼ା, ମାଲକାନଗିରି, ସୁନ୍ଦରଗଡ଼,କଟକଓ ଭଦ୍ରକ ଆଦି ସଂପୃକ୍ତ ଜିଲ୍ଲାର ଜିଲ୍ଲାପାଳମାନେ ଆଭାସୀ ମାଧ୍ୟମରେ ଯୋଗଦେଇଥିଲେ ।

# ଖଣିଜ କ୍ଷେତ୍ର ସଂସ୍କାରକୁ ନେଇ ବିରୋଧୀ ଦଳର ନେତାଙ୍କୁ ବିଜେପିର ଟାର୍ଗେଟ୍

ଭୁବନେଶ୍ୱର,୪।୯(ମହାଭାରତ): ଖଣିଜ କ୍ଷେତ୍ରରେ ହେଉଥିବା ସଂସ୍କାରକୁ ନେଇ ବିରୋଧୀ ଦଳର ନେତା ନବୀନ ପଟ୍ଟନାୟକଙ୍କ ସମାଲୋଚନାକୁ କଡ଼ା ଭାଷାରେ ଟାର୍ଗେଟ୍ କରିଛନ୍ତି ଓଡ଼ିଶା ବିଜେପି ପ୍ରବକ୍ତା ଅନିଲ ବିଶ୍ୱାଳ। ଯେଉଁ ରାଜନୈତିକ ବ୍ୟବସ୍ଥାର ଶାସନ ସମୟରେ ଓଡ଼ିଶାରେ ବଡ଼ ଧରଣର ଖଣି ଅନିୟମିତତା ସାମ୍ନାକୁ ଆସିଥିଲା, ସେହି ରାଜନୈତିକ ଶକ୍ତି ଏବେ ଖଣିଜ ପରିଚାଳନା ନେଇ ପ୍ରଶ୍ନ ଉଠାଉଛି ବୋଲି ସେ ଅଭିଯୋଗ କରିଛନ୍ତି।ସୋସିଆଲ ମିଡିଆରେ ଏକ ପୋଷ୍ଟ ଜରିଆରେ ବିଶ୍ୱାଳ କହିଛନ୍ତି ଯେ, ବର୍ତ୍ତମାନ ଖଣିଜ କ୍ଷେତ୍ରରେ ହେଉଥିବା ସଂସ୍କାରକୁ ବିରୋଧ କରୁଥିବା ରାଜନୈତିକ ଦଳଗୁଡ଼ିକୁ ଅତୀତରେ ଖଣିଜ ସମ୍ପଦ ପରିଚାଳନା ନେଇ ନିଜ ରେକର୍ଡର ମଧ୍ୟ ଜବାବ ଦେବା ଆବଶ୍ୟକ।ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ଶାସନ କାଳକୁ ଉଲ୍ଲେଖ କରି ବିଶ୍ୱାଳ କହିଛନ୍ତି ଯେ, ସେହି ସମୟରେ ଏମ୍.ବି. ଶାହ କମିଶନ ଓଡ଼ିଶାରେ ଲୁହାପଥର ଓ ମାଙ୍ଗାନିଜ୍ ଖଣିଜର କଥିତ ବେଆଇନ ଉତ୍ତୋଳନର ମୂଲ୍ୟ ପ୍ରାୟ ୫୯,୨୦୦ କୋଟି ଟଙ୍କା ଆକଳନ କରିଥିଲେ ଏବଂ ଏହାର ଆଦାୟ ପାଇଁ ସୁପାରିସ କରିଥିଲେ।ବିଶ୍ୱାଳଙ୍କ ଅଭିଯୋଗ ଅନୁସାରେ, ସେତେବେଳେ ବିଜୁ ଜନତା ଦଳ ନେତୃତ୍ୱାଧୀନ ଓଡ଼ିଶା ସରକାର ଏହି ମାମଲାର ତଦନ୍ତ ସିବିଆଇକୁ ହସ୍ତାନ୍ତର କରିବାକୁ ବିରୋଧ କରିଥିଲେ। ରାଜ୍ୟର ତଦନ୍ତକାରୀ ସଂସ୍ଥାଗୁଡ଼ିକ ଏହି ମାମଲାର ତଦନ୍ତ କରୁଥିବା ଦର୍ଶାଇ ସେତେବେଳେ ଏହାର ବିରୋଧ କରାଯାଇଥିଲା ବୋଲି ସେ କହିଛନ୍ତି।ଖଣି ଅନିୟମିତତା ସହ ଜଡ଼ିତ ଚିହ୍ନଟ ରାଜସ୍ୱ କ୍ଷତିର ସମ୍ପୂର୍ଣ୍ଣ ଭରଣା ଓଡ଼ିଶାରେ ହୋଇପାରିନଥିଲା ବୋଲି ମଧ୍ୟ ବିଶ୍ୱାଳ ଦାବି କରିଛନ୍ତି। ଏଥିସହ ଖଣି ବିବାଦରେ ଜଡ଼ିତ ଥିବା ଅଭିଯୋଗ ହୋଇଥିବା କିଛି କମ୍ପାନୀ ତତ୍କାଳୀନ ଶାସକ ଦଳକୁ ରାଜନୈତିକ ଚାନ୍ଦା ଦେଇଥିବା ଅଭିଯୋଗ ଉପରେ ମଧ୍ୟ ପ୍ରଶ୍ନ ଉଠିଥିବା ସେ କହିଛନ୍ତି। ବିଶ୍ୱାଳ କହିଛନ୍ତି ଯେ, ଯେତେବେଳେ ଖଣିଜ ପରିଚାଳନାରେ ବଡ଼ ଧରଣର ଅନିୟମିତତା ନେଇ ଅଭିଯୋଗ ସାମ୍ନାକୁ ଆସିଥିଲା, ସେତେବେଳେ ତତ୍କାଳୀନ ସରକାର ସରକାରୀ ରାଜସ୍ୱର ପର୍ଯ୍ୟାପ୍ତ ସୁରକ୍ଷା କରିବାରେ ବିଫଳ ହୋଇଥିଲା। ଅନ୍ୟପକ୍ଷରେ, ନରେନ୍ଦ୍ର ମୋଦୀ ସରକାର ଖଣିଜ କ୍ଷେତ୍ରରେ ସ୍ୱଚ୍ଛ ନିଲାମ, ପ୍ରତିଯୋଗିତାମୂଳକ ବିଡିଂ ଏବଂ ରାଜସ୍ୱରେ ନିଶ୍ଚିତତା ଭଳି ବ୍ୟବସ୍ଥାକୁ ପ୍ରୋତ୍ସାହନ ଦେଉଛି ବୋଲି ସେ ଦାବି କରିଛନ୍ତି।କେନ୍ଦ୍ର ସରକାରଙ୍କ ସଂସ୍କାରମୂଳକ ପଦକ୍ଷେପକୁ ନେଇ ସଂଘୀୟ ବ୍ୟବସ୍ଥାର ପ୍ରଶ୍ନ ଉଠାଇବା ନେଇ ମଧ୍ୟ ବିଶ୍ୱାଳ ବିରୋଧୀଙ୍କୁ ସମାଲୋଚନା କରିଛନ୍ତି। ଓଡ଼ିଶାର ଭବିଷ୍ୟତ ପାଇଁ ଏହା ଏକ ଦୃଢ଼ ଯୁକ୍ତି ନୁହେଁ, ବରଂ 'ରାଜନୈତିକ ପାଖଣ୍ଡ' ବୋଲି ସେ ଅଭିହିତ କରିଛନ୍ତି।ବିଶ୍ୱାଳ କହିଛନ୍ତି ଯେ, କେବଳ ନୂଆଦିଲ୍ଲୀ, ବିଜେପି କିମ୍ବା ଭାରତ ସରକାର ପକ୍ଷରୁ କୌଣସି ସଂସ୍କାର ଆସୁଛି ବୋଲି ପ୍ରତ୍ୟେକ ସଂସ୍କାରକୁ ବିରୋଧ କରିବା ରାଜନୀତିର ଉଦ୍ଦେଶ୍ୟ ହେବା ଉଚିତ ନୁହେଁ। ଓଡ଼ିଶାର ଦୀର୍ଘମିଆଦୀ ସ୍ୱାର୍ଥ ଓ ଉନ୍ନତ ଖଣିଜ ପରିଚାଳନା ଦୃଷ୍ଟିରୁ ସଂସ୍କାରଗୁଡ଼ିକୁ ବିଚାର କରିବା ଆବଶ୍ୟକ ବୋଲି ସେ ମତ ଦେଇଛନ୍ତି।

# ବିଜେପି ଓଡ଼ିଶାର ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ କରୁନାହିଁ: ବିଜେଡି

ଭୁବନେଶ୍ୱର ,୪।୯(ମହାଭାରତ): ଏମଏମଡିଆର ସଂଶୋଧନ ଆକ୍ଟ ୨୦୨୬ ପ୍ରସଙ୍ଗରେ ଆଜି ବିଜୁ ଜନତା ଦଳ ଏହି ଆକ୍ଟ ଓଡ଼ିଶାର ସ୍ୱାର୍ଥ ବିରୋଧୀ ବୋଲି କହି ପୁଣି ବିଜେପି ଉପରେ ବର୍ଷିଛି । ଏହି ଆକ୍ଟ ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଉଥିବା ବେଳେ ବିଜେପି ସାଂସଦ ମାନେ ଏହାକୁ ସମର୍ଥନ କରିଥିଲେ, ଯେଉଁଥିରୁ ସ୍ପଷ୍ଟ ପ୍ରମାଣ ହେଉଛି ଯେ ବିଜେପି ଓଡ଼ିଶାର ସ୍ୱାର୍ଥ ହାସଲ ପାଇଁ କାର୍ଯ୍ୟ କରୁନାହିଁ ବୋଲି ବିଜେଡି କହିଛି ।

ଶଙ୍ଖ ଭବନରେ ଆଜି ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଦଳର ରାଜ୍ୟସଭା ସାଂସଦ ଡ. ସଂତୃପ୍ତ ମିଶ୍ର କହିଥିଲେ, ଏମଏମଡିଆର ଆକ୍ଟ ମାଧ୍ୟମରେ ଖଣି ଓ ଖଣି ଥିବା ଜମି ଉପରୁ ରାଜ୍ୟ ସରକାରଙ୍କର ଅଧିକାର ସବୁଦିନ ପାଇଁ କେନ୍ଦ୍ର ସରକାର ଛଡାଇ ନେଲା । ମାନ୍ୟବର ସର୍ବୋଚ୍ଚ ନ୍ୟାୟାଳୟଙ୍କ ନଅ ଜଣିଆ ଖଣ୍ଡପୀଠ ଦ୍ୱାରା ୨୫ ଜୁଲାଇ ୨୦୨୬ରେ ପ୍ରଦାନ କରାଯାଇଥିବା ଜଜମେଣ୍ଟରେ ରାଜ୍ୟ ମାନେ ଖଣି ଓ ଖଣି ଥିବା ଜମି ଉପରେ ଟିକସ ଓ ଲେଭି ଲଗାଇ ପାରିବେ । ଏହାଛଡ଼ା ୨୦୦୫ ମସିହାରୁ ଟିକସ ଲେଭି ବାବଦକୁ ବାକି ଥିବା ଟିକସକୁ ମଧ୍ୟ ଆଦାୟ ହେବ ବୋଲି କହିଥିଲେ । ଏହି ଜଜମେଣ୍ଟ ଅନୁଯାୟୀ ବକେୟା ବାବଦକୁ ଓଡିଶା ଏକ ଲକ୍ଷ କୋଟି ଟଙ୍କାରୁ ଉର୍ଦ୍ଧ୍ୱ ଟଙ୍କା ପାଇବାକୁ ହକଦାର ହୋଇଥିଲା ଓ ବାର୍ଷିକ ରାଜସ୍ୱ ବାବଦକୁ ଅଧିକ ୧୨,୦୦୦ କୋଟି ଟଙ୍କା ମିଳିବ ବୋଲି ପଥ ପରିଷ୍କାର ହୋଇଥିଲା । ଏମଏମଡିଆର ସଂଶୋଧନ ଆକ୍ଟ ହେବା ପରେ ଖଣି ଓ ଖଣି ଥିବା ଜମି ଉପରୁ ରାଜ୍ୟ ସରକାରଙ୍କ ଅଧିକାର ସବୁଦିନ ପାଇଁ ଛଡାଇ ନିଆଗଲା । ଏହା ସହିତ ବକେୟା ବାବଦକୁ ପାଇବାକୁ ଏକ ଲକ୍ଷ କୋଟି ଟଙ୍କା ଓ ବାର୍ଷିକ ରାଜସ୍ୱ ସବୁଦିନ ପାଇଁ ହରାଇଲା ।

ଡ. ମିଶ୍ର କହିଥିଲେ, ଓଡ଼ିଶାର ସ୍ୱାର୍ଥ ବିରୋଧରେ ଯାଉଥିବା ଏହି ଆକ୍ଟ ବିରୋଧରେ ମୁହଁ ଖୋଲିବା ପାଇଁ ବିଜେଡି ସଭାପତି ଶ୍ରୀ ନବୀନ ପଟ୍ଟନାୟକ ବିଜେପି ସାଂସଦ ମାନଙ୍କୁ ଚିଠି ଲେଖିଥିଲେ । ବିଜେପି ନେତାମାନେ ଏହି ଆକ୍ଟ ଯୋଗୁ ଓଡ଼ିଶାର କୌଣସି କ୍ଷତି ହେବ ନାହିଁ ବୋଲି ଯୁକ୍ତି ବାଢୁଛନ୍ତି । କିନ୍ତୁ, ନଭେମ୍ବର ୨୦୨୫ ରେ ପ୍ରକାଶିତ ଓଡିଶା ରିଭ୍ୟୁରେ, ଖଣି ବକେୟା ବାବଦକୁ ଓଡିଶା ଏକ ଲକ୍ଷ କୋଟି ଟଙ୍କା ଓ ବାର୍ଷିକ ରାଜସ୍ୱ ବାବଦକୁ ଅଧିକ ୧୨, ୦୦୦ କୋଟି ଟଙ୍କା ଓଡିଶା ପାଇବାକୁ ଯାଉଥିବା ବେଳେ ଏହା ରାଜ୍ୟର ଆର୍ଥିକ ସ୍ଥିତିକୁ ସୁଦୃଢ଼ କରିବ ବୋଲି କୁହାଯାଇଥିଲା । ଏହାଛଡା, ଓଡ଼ିଶା ସରକାରଙ୍କ ତରଫରୁ ଓଡିଶାର ଆଡ଼ଭୋକେଟ ଜେନେରାଲ ପିତାମ୍ବର ଆଚାର୍ଯ୍ୟ ସର୍ବୋଚ୍ଚ ନ୍ୟାୟାଳୟ ସମ୍ମୁଖରେ ଆଫିଡେଫିଟ ମାଧ୍ୟମରେ କହିଥିଲେ, ବକେୟା ଏକ ଲକ୍ଷ କୋଟି ଟଙ୍କା ଓଡ଼ିଶାର ନ୍ୟାର୍ଯ୍ୟ ପ୍ରାପ୍ୟ ଓ ଏହା ନମିଳିଲେ ଓଡ଼ିଶାର ବ୍ୟାପକ କ୍ଷତି ହେବ ।

ଡ. ମିଶ୍ର ଆହୁରି ମଧ୍ୟ କହିଥିଲେ, ଉଭୟ ଓଡିଶା ରିଭ୍ୟୁ ଓ ଆଡ଼ଭୋକେଟ ଜେନେରାଲଙ୍କ ଅଫିଡେଫିଟରେ ଖଣି ଟିକସ ଓ ବକେୟା ବାବଦକୁ ମିଳିବାକୁ ଥିବା ଟଙ୍କା ଓଡ଼ିଶାର ପ୍ରଗତି ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି କୁହାଯାଇଥିବା ବେଳେ ଏବେ ବିଜେପି ନେତା ମାନେ ଓଡ଼ିଶାର କୌଣସି କ୍ଷତି ହେବନାହିଁ ବୋଲି ଯୁକ୍ତି ବାଢୁଛନ୍ତି । ସ୍ୱାଭାବିକ ଭାବେ ପ୍ରଶ୍ନ ଉଠେ ଯେ, ଓଡିଶା ରିଭ୍ୟୁ ଓ ଆଡ଼ଭୋକେଟ ଜେନେରାଲଙ୍କ ଆଫିଡେଫିଟରେ ଦିଆଯାଇଥିବା ତଥ୍ୟ କ'ଣ ଭୁଲ ଥିଲା କି ନା ବିଜେପି ନେତା ମାନେ ନିଜର ସ୍ଥିତିକୁ ବଞ୍ଚାଇବା ପାଇଁ ମିଛ କହୁଛନ୍ତି । ରାଜ୍ୟ ମାନଙ୍କ ଠାରୁ ଖଣି ଓ ଖଣି ଥିବା ଜମି ଉପରୁ ସବୁଦିନ ପାଇଁ ଅଧିକାର ଛଡାଇ ନେବା ଦେଶର ସଂଘୀୟ ବ୍ୟବସ୍ଥା ଉପରେ ଆକ୍ରମଣ ।

# ଜିଲ୍ଲା ଗସ୍ତ କରିବେ ଅଧିକାରୀ

ଭୁବନେଶ୍ୱର, ୪।୯(ମହାଭାରତ): ସଚିବ ଓ ବରିଷ୍ଠ ଅଧିକାରୀଙ୍କୁ ଜିଲ୍ଲା ଗସ୍ତ କରିବାକୁ ନିର୍ଦ୍ଦେଶ ଦେଇଛନ୍ତି ଉନ୍ନୟନ କମିଶନର। ଉନ୍ନୟନ କମିଶନର ଦେଓରଞ୍ଜନ ସିଂହ ଚିଠି ଲେଖି ଅଧିକାରୀମାନଙ୍କୁ ଜଣାଇଛନ୍ତି। ଅଧିକାରୀମାନେ ଅକ୍ଟୋବର ଯାଏଁ ଦାୟିତ୍ୱ ଦିଆଯାଇଥିବା ଜିଲ୍ଲାକୁ ୨/୩ ଦିନିଆ ଗସ୍ତ କରିବେ ଏବଂ ଗୋଟିଏ ରାତି ଜିଲ୍ଲା/ଉପଖଣ୍ଡ ମୁଖ୍ୟାଳୟରେ ରହିବେ। ସେମାନେ ସେଠାରେ ରାଜ୍ୟ ସରକାରୀ ଓ କେନ୍ଦ୍ର ପ୍ରାୟୋଜିତ ଯୋଜନାର କାର୍ଯ୍ୟକାରିତା ଦେଖିବେ। ଏହାସହ ଜିଲ୍ଲା ମୁଖ୍ୟ ହସ୍ପିଟାଲ, ପିଏଚସି/ସିଏଚସି ଯାଇ ରୋଗୀ ସେବା ଅନୁଧ୍ୟାନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। କୌଣସି ଦୁର୍ଗମ ଅଂଚଳ ଅଚାନକ ଗସ୍ତ କରି ସ୍ଥିତି ପରଖିବେ।ଗ୍ରାମପଂଚାୟତକୁ ଯାଇ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିପାରିବେ। ୩୦ ଜିଲ୍ଲା ପାଇଁ ୩୦ ଆଇଏଏସ୍ ଅଧିକାରୀଙ୍କୁ ଦାୟିତ୍ୱ ପ୍ରଦାନ କରିଛନ୍ତି ଉନ୍ନୟନ କମିଶନର।

# ଚିଲିକା ନିର୍ବାଚନ ମଣ୍ଡଳୀରେ କୃଷି, ଉଦ୍ୟାନକୃଷି ଓ ମୃତିକା ସଂରକ୍ଷଣ ବିକାଶ ନେଇ ଆଲୋଚନା

ଭୁବନେଶ୍ୱର,୪।୯(ମହାଭାରତ): ଖୋର୍ଦ୍ଧା ଜିଲ୍ଲା ଚିଲିକା ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଚିଲିକା ଓ ବାଣପୁର ବ୍ଲକ୍ ରେ କୃଷି ଓ ଉଦ୍ୟାନକୃଷିର ଭରପୂର ସୁଯୋଗ ରହିଛି । ଏଠାକାର ଜଳବାୟୁ ଓ ମୃତିକା ନଡ଼ିଆ, ଆମ୍ବ, ପଣସ, କାଜୁ ଠାରୁ ଆରମ୍ଭ କରି ଧାନ, ମୁଗ, ମାଣ୍ଡିଆ, କାଙ୍ଗୁ, ବାଇଗଣ, ପୋଟଳ,କାଙ୍କଡ଼ ଆଦି ବିଭିନ୍ନ ଫଳ, ଶସ୍ୟ ଓ ପନିପରିବା ପାଇଁ ବେଶ ଉପଯୋଗୀ । ତେଣୁ, କୃଷି ଓ ଉଦ୍ୟାନକୃଷି କ୍ଷେତ୍ରରେ ଚିଲିକା ନିର୍ବାଚନ ମଣ୍ଡଳୀର କିଭଳି ସର୍ବାଙ୍ଗୀନ ଉନ୍ନତି ହୋଇପାରିବ, ସେଥିନେଇ ଏକ ସମୀକ୍ଷା ବୈଠକ ଆଇନ, ପୂର୍ତ୍ତ ଓ ଅବକାରୀ ମନ୍ତ୍ରୀ ଶ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି ।

ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ଏହି ଅଂଚଳରେ କାର୍ଯ୍ୟକାରୀ ହେଉଥିବା କୃଷି, ଉଦ୍ୟାନକୃଷି ଓ ମୃତିକା ସଂରକ୍ଷଣ ସମ୍ପର୍କିତ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ଏବଂ ବର୍ତ୍ତମାନର ସ୍ଥିତି ନେଇ ବିସ୍ତୃତ ଆଲୋଚନା କରିଥିଲେ । ଏହି ଅବସରରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ କହିଲେ ଯେ କୃଷି ଓ ଉଦ୍ୟାନକୃଷିକୁ ଏକ ମର୍ଯ୍ୟାଦାଜନକ ସ୍ଥିତିରେ ପହଂଚାଇବାକୁ ହେଲେ ଏକ ସମନ୍ୱିତ ମଡେଲ ବ୍ୟବସ୍ଥାକୁ ଆପଣାଇବାକୁ ହେବ। ଏଠାକାର ମୃତିକା ଓ ଜଳବାୟୁର ସ୍ଥିତିକୁ ଅନୁଧ୍ୟାନ କରି ଭଲ ଉତ୍ପାଦନ ହୋଇପାରୁଥିବା ଫସଲ ଉତ୍ପାଦନ ନେଇ ଯୋଜନା ପ୍ରସ୍ତୁତ କରିବାକୁ ପଡ଼ିବ । ଉଦାହରଣ ସ୍ୱରୂପ ବାଣପୁର ଅଂଚଳରେ ଉତ୍ପାଦିତ ମୁଗର ସ୍ୱାଦ ଓ ଗୁଣ ବେଶ ପ୍ରସିଦ୍ଧ । ସେହିଭଳି ଭାବେ ଚିଲିକା ଉପକୂଳ ଅଂଚଳରେ ନଡ଼ିଆ ଗଛ ଭଲ ବଢ଼ିବାର ସମ୍ଭାବନା ରହିଛି । ଏସବୁକୁ ଅନୁଧ୍ୟାନ କରି ବିଭିନ୍ନ ଫଳ, ପରିବା ସହ ବଜାରରେ ଅଧିକ ଚାହିଦା ଥିବା ଧାନ ଏବଂ ଶ୍ରୀଅନ୍ନ ଉତ୍ପାଦନ ବଢ଼ାଇବା ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ଫସଲ ସଂରକ୍ଷଣ ନେଇ ଆବଶ୍ୟକ ସ୍ଥାନରେ ଶୀତଳ ଭଣ୍ଡାର ପ୍ରତିଷ୍ଠା, ଜୈବିକ କୃଷି ଉପରେ ଅଧିକ ଗବେଷଣା ସହିତ ଅଂଚଳରେ ଫୁଲ ଚାଷ, ଛତୁଚାଷ, ପଶୁଖାଦ୍ୟ ଉତ୍ପାଦନ ଦିଗରେ ଗୁରୁତ୍ୱ ଦେବାକୁ ପଡ଼ିବ ଓ ଏଥି ସହିତ ବିକଶିତ ଓଡିଶା ଗଠନ ନେଇ ରାଜ୍ୟ ସରକାରଙ୍କ ଯେଉଁ ଲକ୍ଷ୍ୟ ରହିଛି ତାହାକୁ ପୂରଣ ନେଇ ରାଜ୍ୟ ଓ କେନ୍ଦ୍ର ସରକାରଙ୍କ ବିଭିନ୍ନ ଯୋଜନାକୁ ଚାଷୀଙ୍କ ନିକଟରେ ପହଂଚାଇବା କ୍ଷେତ୍ରରେ କାର୍ଯ୍ୟ କରିବା ଉପରେ ମନ୍ତ୍ରୀ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ । ବୈଠକରେ ଯୋଗଦେଇଥିବା ଅଧିକାରୀମାନେ ଏହି ଅଂଚଳରେ ଗ୍ରହଣ କରାଯାଉଥିବା ବିଭିନ୍ନ କାର୍ଯ୍ୟକ୍ରମ, ତାଲିମ ଶିବିର ଆୟୋଜନ, ଚାଷୀମାନଙ୍କୁ ଦିଆଯାଉଥିବା ରିହାତି ଯୋଜନା ସମ୍ପର୍କରେ କହିବା ସହ କୃଷି, ଉଦ୍ୟାନକୃଷି ଓ ମୃର୍ତ୍ତିକା ସଂରକ୍ଷଣ କାର୍ଯ୍ୟକ୍ରମକୁ ଅଧିକ ବ୍ୟାପକ କରିବା ନେଇ ମନ୍ତ୍ରୀ ଶ୍ରୀ ହରିଚନ୍ଦନଙ୍କ ସହ ଆଲୋଚନା କରିଥିଲେ । ଏହି ବୈଠକରେ ଖୋର୍ଦ୍ଧାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ମନୋରଞ୍ଜନ ମିଶ୍ର, ଉଦ୍ୟାନକୃଷି ସହକାରୀ ନିର୍ଦ୍ଦେଶକ ଶ୍ରେୟା ଶାଶ୍ୱତୀ , ମୃତିକା ସଂରକ୍ଷଣ ପ୍ରକଳ୍ପ ନିର୍ଦ୍ଦେଶକ ସୃଷ୍ଟି ନନ୍ଦଙ୍କ ସମେତ ଜିଲ୍ଲାର ଅନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ ।

# ବିରୋଧୀ ଦଳ ଭ୍ରମିତ କରୁଛନ୍ତି - ପ୍ରଦୀପ ପୁରୋହିତ

ଭୁବନେଶ୍ୱର,୪।୯(ମହାଭାରତ): ଏମଏମଡିଆରକୁ ନେଇ ବିଜେପି ସାଂସଦଙ୍କୁ ନବୀନଙ୍କ ଚିଠି ପ୍ରସଙ୍ଗରେ ପ୍ରତିକ୍ରିୟା ରଖି ବିରୋଧୀ ଦଳ ଭ୍ରମିତ କରୁଥିବା କହିଛନ୍ତି ବିଜେପି ସାଂସଦ ପ୍ରଦୀପ ପୁରୋହିତ। ସେ କହିଛନ୍ତି ଯେ ନବୀନ ୨୪ ବର୍ଷ ଧରି ଏକଚ୍ଛତ୍ର ଶାସନ କରୁଥିଲେ। ସେତେବେଳେ ନିଜ ମନ୍ତ୍ରୀ ଓ ଅଧିକାରୀଙ୍କୁ ପରାମର୍ଶ ଦେଲେନି। ପରାମର୍ଶ ଦେଇଥିଲେ ୧ ଲକ୍ଷ କୋଟିର ଖଣିଜ ଲୁଟ୍ ହୋଇନଥାନ୍ତା। ଆଜି ଓଡ଼ିଶାର କ୍ଷତି ହେବ କହୁଛନ୍ତି, ଯଦି ହେବ ତେବେ ହିସାବ ଦିଅନ୍ତୁ। ଖଣିଜ ସମ୍ପଦ ଯେପରି ଲୁଟ୍ ନହେବ ସେଥି ନେଇ ବିଲ୍ ରେ ସଂଶୋଧନ କରାଯାଇଛି। ବିକଶିତ ଓଡ଼ିଶା ଓ ଆତ୍ମନିର୍ଭରଶୀଳ ଭାରତ ପାଇଁ ବିଲରେ ବ୍ୟବସ୍ଥା ହୋଇଛି।

ନବୀନଙ୍କ ସରକାରରେ ତ୍ରିବେଣୀ ଆର୍ଥ ମୁଭର୍ସକୁ ଖଣି ଟେକି ଦେଇଥିଲେ। ସିଏ ଲକ୍ଷ ଲକ୍ଷ କୋଟି ଟଙ୍କା ଲୁଟ୍ କରିନେଇଗଲା, କିଛି କହିଲେନି। ଡବଲ ଇଞ୍ଜିନ ସରକାରରେ ଓଡ଼ିଶାର ବିକାଶ ହୋଇଛି । ସଂଶୋଧିତ ଆଇନରୁ ଓଡ଼ିଶା ପୂର୍ବ ଅପେକ୍ଷା ଅଧିକ ରାଜସ୍ୱ ପାଇବ ବୋଲି କହିଛନ୍ତି ସାଂସଦ ପ୍ରଦୀପ ପୁରୋହିତ।

# ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ହିନ୍ଦୀ ପଖୱାଡ଼ା ଉଦ୍‌ଘାଟିତ

ଭୁବନେଶ୍ୱର,୪।୯(ମହାଭାରତ):: ପୂର୍ବତଟ ରେଳପଥ ଅନ୍ତର୍ଗତ ଖୋର୍ଦ୍ଧା ରୋଡ୍ ମଣ୍ଡଳରେ ସେପ୍ଟେମ୍ବର ୦୧ରୁ ସେପ୍ଟେମ୍ବର ୨୩ ପର୍ଯ୍ୟନ୍ତ 'ହିନ୍ଦୀ ପଖୱାଡ଼ା–୨୦୨୬' ପାଳନ କରାଯାଉଛି। ରେଳ ଅଧିକାରୀ ଓ କର୍ମଚାରୀମାନଙ୍କ ମଧ୍ୟରେ ରାଜଭାଷା ହିନ୍ଦୀର ପ୍ରଚାର ଓ ପ୍ରସାର କରିବା ସହ ସରକାରୀ କାର୍ଯ୍ୟରେ ଏହାର ବ୍ୟାପକ ବ୍ୟବହାରକୁ ପ୍ରୋତ୍ସାହିତ କରିବା ଏହି ପଖୱାଡ଼ାର ମୁଖ୍ୟ ଉଦ୍ଦେଶ୍ୟ।

ଖୋର୍ଦ୍ଧା ରୋଡ୍ ମଣ୍ଡଳର ମଣ୍ଡଳ ରେଳ ପ୍ରବନ୍ଧକ ଡି. ସୁନୀଲ ପ୍ରଦୀପ ପ୍ରଜ୍ୱଳନ କରିବା ସହ ମା' ସରସ୍ୱତୀଙ୍କ ନିକଟରେ ପୁଷ୍ପମାଲ୍ୟ ଅର୍ପଣ କରି 'ହିନ୍ଦୀ ପଖୱାଡ଼ା–୨୦୨୬'ର ଆନୁଷ୍ଠାନିକ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ସେ ପ୍ରଭାବଶାଳୀ ଯୋଗାଯୋଗ, ଜାତୀୟ ଏକତା ତଥା ନିଜର ଚିନ୍ତାଧାରା ଓ ଭାବନାର ଅଭିବ୍ୟକ୍ତିର ମାଧ୍ୟମ ଭାବେ ହିନ୍ଦୀ ଭାଷାର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। ସରକାରୀ କାର୍ଯ୍ୟରେ ହିନ୍ଦୀର ଅଧିକରୁ ଅଧିକ ବ୍ୟବହାର କରିବା ସହ ହିନ୍ଦୀ ପଖୱାଡ଼ା ଅବସରରେ ଆୟୋଜିତ ବିଭିନ୍ନ କାର୍ଯ୍ୟକ୍ରମରେ ସକ୍ରିୟ ଭାବେ ଅଂଶଗ୍ରହଣ କରିବାକୁ ସେ ସମସ୍ତ କର୍ମଚାରୀଙ୍କୁ ଆହ୍ୱାନ ଦେଇଥିଲେ।

ଖୋର୍ଦ୍ଧା ରୋଡ୍ ମଣ୍ଡଳର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ (ପରିଚାଳନା) ପି. କେ. ବେହେରା ସରକାରୀ କାର୍ଯ୍ୟରେ ହିନ୍ଦୀର ପ୍ରସାର ଓ ବ୍ୟବହାର ଉପରେ ଗୁରୁତ୍ୱାରୋପ କରିଥିଲେ। ଦୈନନ୍ଦିନ ସରକାରୀ ଯୋଗାଯୋଗରେ ସ୍ୱାଭାବିକ ଓ ନିରନ୍ତର ଭାବେ ହିନ୍ଦୀ ବ୍ୟବହାର କରିବାକୁ ସେ କର୍ମଚାରୀମାନଙ୍କୁ ଉତ୍ସାହିତ କରିଥିଲେ। କେବଳ ହିନ୍ଦୀ ପଖୱାଡ଼ା ପାଳନ କରିବାରେ ନୁହେଁ, ବରଂ ଏହାର ନିୟମିତ ଓ ଅର୍ଥପୂର୍ଣ୍ଣ ବ୍ୟବହାର ଦ୍ୱାରା ହିଁ ହିନ୍ଦୀ ପ୍ରତି ପ୍ରକୃତ ସମ୍ମାନ ପ୍ରକାଶ ପାଇଥାଏ ବୋଲି ସେ କହିଥିଲେ। ହିନ୍ଦୀ ପଖୱାଡ଼ା ଅବଧିରେ ଖୋର୍ଦ୍ଧା ରୋଡ୍ ମଣ୍ଡଳର ରାଜଭାଷା ବିଭାଗ ପକ୍ଷରୁ ରେଳ କର୍ମଚାରୀମାନଙ୍କ ପାଇଁ ହିନ୍ଦୀ ନୋଟିଂ ଓ ଡ୍ରାଫ୍ଟିଂ, ହିନ୍ଦୀ ପ୍ରବଚନ ଏବଂ ହିନ୍ଦୀ କର୍ମଶାଳା ଭଳି ବିଭିନ୍ନ ପ୍ରତିଯୋଗିତା ଓ କାର୍ଯ୍ୟକ୍ରମ ଆୟୋଜନ କରାଯିବ।

# ରାହୁଲ ଗାନ୍ଧୀଙ୍କ ନାମରେ ଏତଲା ପ୍ରତିବାଦରେ ମହିଳା କଂଗ୍ରେସର ବିକ୍ଷୋଭ

ଭୁବନେଶ୍ୱର,୪।୯(ମହାଭାରତ): ଉତରାଖଣ୍ଡର ବିଜେପି ନେତା ଓ କର୍ମୀ ଏବଂ ଏକ ଗୈରିକ ସଂଗଠନ ପକ୍ଷରୁ ଲୋକସଭାର ବିରୋଧିଦଳର ନେତା ଶ୍ରୀ ରାହୁଲ ଗାନ୍ଧୀଙ୍କ ନାମରେ ଦେଇଥିବା ଏତଲା ପ୍ରତିବାଦରେ ମଙ୍ଗଳବାର ପ୍ରଦେଶ ମହିଳା କଂଗ୍ରେସ ପକ୍ଷରୁ ସଭାନେତ୍ରୀ ମିନାକ୍ଷୀ ବାହିନୀପତିଙ୍କ ନେତୃତ୍ୱରେ ଏକ ବିକ୍ଷୋଭ ପ୍ରଦର୍ଶିତ ହୋଇଥିଲା। ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟରୁ ମହିଳା କଂଗ୍ରେସ କର୍ମୀମାନେ ଏକ ରାଲିରେ ଆସି ମାଷ୍ଟରକ୍ୟାଂଟିନ ଛକରେ ବିକ୍ଷୋଭ ପ୍ରଦର୍ଶନ କରିବା ସହ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ଗୃହମନ୍ତ୍ରୀ ଅମୀତ ଶାହାଙ୍କର କୁଶପୁତଳିକା ଦାହ କରିଥିଲେ । ଏଥିସହ ମନସ୍ମୃତି ଫଟୋ ଥିବା ବ୍ୟାନରରେ ଛକି ଚିହ୍ନ ଦେଇ ପ୍ରଦର୍ଶନ କରାଯାଇଥିଲା । ମହିଳା କଂଗ୍ରେସ ପକ୍ଷରୁ କୁହାଯାଇଛି ଯେ, ଆମେ ଆମ୍ବେଦକରଙ୍କ ଦ୍ୱାରା ପ୍ରଣିତ ସମ୍ବିଧାନକୁ ସମ୍ମାନ କରୁ ଏବଂ ସମ୍ବିଧାନରେ ନିର୍ଦ୍ଦେଶିତ ପଥକୁ ଅନୁସରଣ କରୁ । ମନସ୍ମୃତି ମଣିଷ ଭିତରେ ଉଚ୍ଚନିଚ୍ଚ ଭେଦଭାବକୁ ଜାହିର କରିଥାଏ । ଆଜିର ଦିନରେ ମନସ୍ମୃତି ଗ୍ରହଣୀୟ ହୋଇନାହିଁ ।ଉତରାଖଣ୍ଡର ହଲଦ୍ୱାନୀସ୍ଥିତ ରାମଲିଲା ମଇଦାନରେ ଏକ ସଭାକୁ ଅଗଷ୍ଟ ୮ ତାରିଖରେ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖର୍ଗେ ସମ୍ବୋଧିତ କରିଥିଲେ । ଅଗଷ୍ଟ ୧୧ ତାରିଖ ଦିନ ଭାରତୀୟ ଜନତାପାର୍ଟିର ପ୍ରରୋଚନାରେ ଏକ ଗୈରିକ ସଂଗଠନ ରାମଲୀଲା ମଇଦାନ ସଭାସ୍ଥଳରେ ଗଙ୍ଗାଜଳ ଓ ଗୋମୂତ୍ର ଛିଂଚନ ଏବଂ ହୋମ କରି ଶୁଦ୍ଧିକରଣ କରିଥିଲେ । କାରଣ ଖର୍ଗେ ଜଣେ ଦଳିତ ବର୍ଗର ଲୋକ । ବିଜେପି ଏହାର ସହଯୋଗୀ ଗୈରିକ ସଂଗଠନ ଦଳିତଙ୍କୁ ଘୃଣା କରନ୍ତି । ଅଗଷ୍ଟ ୨୯ ତାରିଖ ଦିନ ରାହୁଲ ଗାନ୍ଧୀ ଦିଲ୍ଲୀରେ ଏକ ସାମ୍ବାଦିକ ସମ୍ମିଳନୀରେ ଏହି ଘଟଣାର ଦୃଢ଼ ନିନ୍ଦା କରିଥିଲେ । ସେ କହିଥିଲେ ଏତଦ୍ ଦ୍ୱାରା ଅସ୍ପୃଶ୍ୟତାକୁ ଉତ୍ସାହିତ କରାଯିବା ସହ ଯେଉଁ ବିଜେପି କର୍ମୀ ଓ ତାଙ୍କ ସହଯୋଗୀ ସଂଗଠନର କର୍ମୀମାନେ ଏହି 'ଶୁଦ୍ଧିକରଣ' କାର୍ଯ୍ୟ କରିଛନ୍ତି, ସେମାନଙ୍କ ବିରୁଦ୍ଧରେ ଏତଲା ଦରଜ କରାଯାଉ । ମାତ୍ର ଉତରାଖଣ୍ଡର ପୁଲିସ ରାହୁଲ ଗାନ୍ଧୀଙ୍କ ଦାବିକୁ ଗ୍ରହଣ କରିବା ବଦଳରେ ଓଲଟା ରାହୁଲ ଗାନ୍ଧୀଙ୍କ ନାମରେ ଏତଲା କରିଛନ୍ତି ।

# ପୂର୍ବତଟ ରେଳପଥ ପକ୍ଷରୁ ଅନେକ ଟ୍ରେନର ସମୟସୂଚୀରେ ପରିବର୍ତ୍ତନ

ଭୁବନେଶ୍ୱର୪।୯(ମହାଭାରତ): ଯାତ୍ରୀମାନଙ୍କ ସୁବିଧା ଏବଂ ଟ୍ରେନ ଚଳାଚଳକୁ ସୁଗମ କରିବା ଉଦ୍ଦେଶ୍ୟରେ ପୂର୍ବତଟ ରେଳପଥ ପକ୍ଷରୁ ଅନେକ ଟ୍ରେନର ସମୟସୂଚୀରେ ପରିବର୍ତ୍ତନ କରାଯାଇଛି। ସମ୍ପୃକ୍ତ ଟ୍ରେନଗୁଡ଼ିକର ଯାତ୍ରା ଆରମ୍ଭର ନିର୍ଦ୍ଧାରିତ ତାରିଖଠାରୁ ସଂଶୋଧିତ ସମୟସୂଚୀ କାର୍ଯ୍ୟକାରୀ ହେବ।ଟ୍ରେନ ନଂ. ୧୫୦୨୭ ସମ୍ବଲପୁର–ଗୋରଖପୁର ମୌର୍ଯ୍ୟ ଏକ୍ସପ୍ରେସ ସମ୍ବଲପୁରରୁ ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୦୯:୨୦ ଘଟିକା ପରିବର୍ତ୍ତେ ୦୯:୦୫ ଘଟିକାରେ ଛାଡ଼ିବ। ଏହି ଟ୍ରେନ ରେଙ୍ଗାଲିରେ ୦୯:୩୯ ଘଟିକା ପରିବର୍ତ୍ତେ ୦୯:୨୮ ଘଟିକାରେ ପହଞ୍ଚିବ ଏବଂ ୦୯:୪୧ ଘଟିକା ପରିବର୍ତ୍ତେ ୦୯:୩୦ ଘଟିକାରେ ଛାଡ଼ିବ। ଏହି ସଂଶୋଧିତ ସମୟସୂଚୀ ୨୮ ଅକ୍ଟୋବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ।୧୫୦୨୮ ଗୋରଖପୁର–ସମ୍ବଲପୁର ମୌର୍ଯ୍ୟ ଏକ୍ସପ୍ରେସ ସମ୍ବଲପୁରରେ ପୂର୍ବ ନିର୍ଦ୍ଧାରିତ ସମୟ ଅପରାହ୍ନ ୧୪:୪୦ ଘଟିକା ପରିବର୍ତ୍ତେ ୧୪:୫୦ ଘଟିକାରେ ପହଞ୍ଚିବ। ଏହି ପରିବର୍ତ୍ତିତ ସମୟ ୦୪ ସେପ୍ଟେମ୍ବର ୨୦୨୬ ଠାରୁ ଲାଗୁ ହେବ।

ସେହିପରି, ୧୨୮୯୩ ଭୁବନେଶ୍ୱର–ପୁରୁଣାକଟକ ଇଣ୍ଟରସିଟି ଏକ୍ସପ୍ରେସ ପୁରୁଣାକଟକରେ ପୂର୍ବ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୧୭:୦୦ ଘଟିକା ପରିବର୍ତ୍ତେ ୧୭:୧୦ ଘଟିକାରେ ପହଞ୍ଚିବ। ଏହି ପରିବର୍ତ୍ତନ ୦୪ ସେପ୍ଟେମ୍ବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ।

୧୨୮୯୪ ପୁରୁଣାକଟକ–ଭୁବନେଶ୍ୱର ଇଣ୍ଟରସିଟି ଏକ୍ସପ୍ରେସ ପୁରୁଣାକଟକରୁ ପୂର୍ବ ନିର୍ଦ୍ଧାରିତ ସମୟ ୧୧:୨୫ ଘଟିକା ପରିବର୍ତ୍ତେ ୧୧:୧୫ ଘଟିକାରେ ଛାଡ଼ିବ। ଏହି ଟ୍ରେନ



ବିରନରସିଂହପୁରରେ ୧୧:୩୦/୧୧:୩୨ ଘଟିକା, ବୌଦ୍ଧରେ ୧୧:୪୫/୧୧:୫୦ ଘଟିକା, ଝାରମୁଣ୍ଡାରେ ୧୨:୦୨/୧୨:୦୪ ଘଟିକା, ପୁରୁଣାପାଣିରେ ୧୨:୨୦/୧୨:୨୨ ଘଟିକା, ସୋନପୁରରେ ୧୨:୩୫/୧୨:୪୦ ଘଟିକା, ନରସିଂହଗଡ଼ରେ ୧୨:୫୫/୧୨:୫୭ ଘଟିକା, ଝାରତରଭାରେ ୧୩:୧୦/୧୩:୧୨ ଘଟିକା ଏବଂ ବିଚ୍ଛୁପାଲିରେ ୧୩:୨୫/୧୩:୨୭ ଘଟିକାରେ ପହଞ୍ଚିବ/ଛାଡ଼ିବ। ଏହି ପରିବର୍ତ୍ତନଗୁଡ଼ିକ ୨୮ ଅକ୍ଟୋବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ।

୧୧୩୧୪ ଭୁବନେଶ୍ୱର ନୂଆ –ବୌଦ୍ଧ ସାପ୍ତାହିକ ଏକ୍ସପ୍ରେସ ବୌଦ୍ଧରେ ପୂର୍ବ ନିର୍ଦ୍ଧାରିତ ସମୟ ୧୦:୩୦ ଘଟିକା ପରିବର୍ତ୍ତେ ୧୦:୪୫ ଘଟିକାରେ ପହଞ୍ଚିବ। ଏହି ପରିବର୍ତ୍ତନ ୦୭ ସେପ୍ଟେମ୍ବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ।

ସେହିପରି, ୧୮୪୨୧ ପୁରୀ–ସୋନପୁର ସାପ୍ତାହିକ ଏକ୍ସପ୍ରେସ ସୋନପୁରରେ ପୂର୍ବ ନିର୍ଦ୍ଧାରିତ ସମୟ ସକାଳ ୦୫:୫୦ ଘଟିକା ପରିବର୍ତ୍ତେ ୦୬:୦୦ ଘଟିକାରେ ପହଞ୍ଚିବ। ଏହି ପରିବର୍ତ୍ତନ ୦୩ ସେପ୍ଟେମ୍ବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ।ଅନ୍ୟପକ୍ଷରେ, ୧୮୪୨୨ ସୋନପୁର–ପୁରୀ ସାପ୍ତାହିକ ଏକ୍ସପ୍ରେସ ସୋନପୁରରୁ ପୂର୍ବ ନିର୍ଦ୍ଧାରିତ ସମୟ ସନ୍ଧ୍ୟା ୧୯:୦୦ ଘଟିକା ପରିବର୍ତ୍ତେ ୧୮:୪୫ ଘଟିକାରେ ଛାଡ଼ିବ। ଏହି ଟ୍ରେନର ନରସିଂହଗଡ଼, ଝାରତରଭା ଏବଂ ବିଚ୍ଛୁପାଲିରେ ସଂଶୋଧିତ ପହଞ୍ଚିବା/ଛାଡ଼ିବା ସମୟ ଯଥାକ୍ରମେ ୧୮:୫୫/୧୮:୫୭ ଘଟିକା, ୧୯:୦୬/୧୯:୦୮ ଘଟିକା ଏବଂ ୧୯:୨୦/୧୯:୨୨ ଘଟିକା ରହିବ। ଏହି ସଂଶୋଧିତ ସମୟସୂଚୀ ୩୦ ଅକ୍ଟୋବର ୨୦୨୬ ଠାରୁ କାର୍ଯ୍ୟକାରୀ ହେବ। ଟ୍ରେନ ସମ୍ବନ୍ଧୀୟ ଅଧିକ ସୂଚନା ପାଇଁ, ଯାତ୍ରୀମାନେ ଯାତ୍ରା ଆରମ୍ଭ କରିବା ପୂର୍ବରୁ 'ନ୍ୟାସନାଲ୍ ଟ୍ରେନ ଏନକ୍ୱାରୀ ସିଷ୍ଟମ୍' (ଘଞ୍ଚରେଝ) କୁ ଭିଜିଟ୍ କରନ୍ତୁ କିମ୍ବା ରେଳବାଇର ଅଫିସିଆଲ୍ ୱେବସାଇଟ ଯାଞ୍ଚ କରିପାରିବେ।

# ଓଡ଼ିଶା ପାଇଁ ଲଢ଼ାଯାଉ

ବିଧାନସଭାରେ ମାଇକ୍ ବନ୍ଦ ହେଲେ ଓଡ଼ିଶାର ସ୍ୱର ବନ୍ଦ ହୁଏ ନାହିଁ, ସଭା ମୁଲତବି ହେଲେ ଲୋକଙ୍କ ପ୍ରଶ୍ନ ମୁଲତବି ହୁଏ ନାହିଁ, ନାରା ଥମିଗଲେ ମଧ୍ୟ ଚାଷୀଙ୍କ ଚିନ୍ତା, ଯୁବକଙ୍କ ବେକାରି, ଛାତ୍ରଛାତ୍ରୀଙ୍କ ଭବିଷ୍ୟତ, ମହିଳାଙ୍କ ସୁରକ୍ଷା ଓ ସାଧାରଣ ଲୋକଙ୍କ ଆଶା ଥମିଯାଏ ନାହିଁ। ତେଣୁ ଆସନ୍ତା ବିଧାନସଭା ଅଧିବେଶନ ଆରମ୍ଭ ହେବା ପୂର୍ବରୁ ଗୋଟିଏ ପ୍ରଶ୍ନ ସମଗ୍ର ଓଡ଼ିଶା ଶାସକ ଓ ବିରୋଧୀ—ଉଭୟଙ୍କୁ ପଚାରିବା ଦରକାର—ଆପଣମାନେ ଲଢ଼ିବେ କାହା ପାଇଁ ସରକାରକୁ ହରାଇବା ପାଇଁ, ନା ଓଡ଼ିଶାକୁ ଜିତାଇବା ପାଇଁ ଏହି ପ୍ରଶ୍ନ ସହଜ ନୁହେଁ, କିନ୍ତୁ ଆଜି ଏହାର ଉତ୍ତର ଆବଶ୍ୟକ। କାରଣ ବିଧାନସଭାରେ ଯେଉଁ ପ୍ରତ୍ୟେକ ଆସନରେ ଜନପ୍ରତିନିଧି ବସନ୍ତି, ସେହି ଆସନ କୌଣସି ଦଳର ବ୍ୟକ୍ତିଗତ ସମ୍ପତ୍ତି ନୁହେଁ; ତାହା ଲୋକଙ୍କ ବିଶ୍ୱାସର ଆସନ। ଯେଉଁ ଲୋକ ନିଜ ଦୈନନ୍ଦିନ ଜୀବନରୁ ସମୟ କାଢ଼ି ଭୋଟ ଦେଇଛି, ଯେଉଁ ଚାଷୀ ନିଜ ଘାମରେ ମାଟିକୁ ଫସଲରେ ପରିଣତ କରୁଛି, ଯେଉଁ ଯୁବକ ହାତରେ ପ୍ରମାଣପତ୍ର ଧରି ଚାକିରି ଖୋଜୁଛି, ଯେଉଁ ମାଆ ନିଜ ପିଲାର ଭବିଷ୍ୟତ ପାଇଁ ଚିନ୍ତିତ, ଯେଉଁ ରୋଗୀ ଭଲ ଚିକିତ୍ସା ପାଇଁ ହସ୍ପିଟାଲ ଦ୍ୱାରରେ ଠିଆ ହେଉଛି—ସେମାନେ ବିଧାନସଭାକୁ ନିଜ ସ୍ୱର ପଠାଇଛନ୍ତି। ସେହି ସ୍ୱରକୁ ଦଳୀୟ ନାରାରେ ଢାଙ୍କିଦେବା ମାନେ ଜନତାଙ୍କ ବିଶ୍ୱାସକୁ ଅବମାନ କରିବା। ବିରୋଧୀ ଦଳର କାମ ସରକାରକୁ ପ୍ରଶ୍ନ କରିବା। ଏହା ଗଣତନ୍ତ୍ରର ମୂଳ ଶକ୍ତି। କିନ୍ତୁ ପ୍ରଶ୍ନ କରିବା ଓ କେବଳ ବିରୋଧ କରିବା ଏକ କଥା ନୁହେଁ। ସରକାରର ପ୍ରତ୍ୟେକ କାମକୁ ଭୁଲ କହିଦେବା ବିରୋଧୀ ରାଜନୀତି ନୁହେଁ; ତଥ୍ୟ ଖୋଜି ଭୁଲକୁ ଧରିବା, ଦୁର୍ବଳତାକୁ ଦେଖାଇବା ଏବଂ ତାହାର ବିକଳ୍ପ ଦେବା ହେଉଛି ପ୍ରକୃତ ବିରୋଧୀ ରାଜନୀତି। ସେହିପରି ସରକାରର କାମ ମଧ୍ୟ କେବଳ ବିରୋଧୀଙ୍କୁ ଉତ୍ତର ଦେଇ ନିଜକୁ ସଠିକ୍ ପ୍ରମାଣ କରିବା ନୁହେଁ। ଯେଉଁଠି ତ୍ରୁଟି ଅଛି, ତାହା ସ୍ୱୀକାର କରିବାର ସାହସ ଏବଂ ତାହାକୁ ସୁଧାରିବାର ଇଚ୍ଛା ହିଁ ଭଲ ଶାସନର ପରିଚୟ। ଆସନ୍ତା ଅଧିବେଶନରେ ଖଣି ଆଇନ ସଂଶୋଧନ ନେଇ ଯଦି ତୀବ୍ର ତର୍କ ହୁଏ, ତେବେ ଓଡ଼ିଶା ଚାହିଁବ ନାହିଁ କିଏ କାହାକୁ ହରାଇଲା; ଓଡ଼ିଶା ଜାଣିବାକୁ ଚାହିବ ରାଜ୍ୟର ଅଧିକାର କେତେ ସୁରକ୍ଷିତ ରହିଲା। ଖଣିଜ ସମ୍ପଦ ଓଡ଼ିଶାର ଅର୍ଥନୀତିର ଏକ ବଡ଼ ଆଧାର। ତେଣୁ ଖଣି ସମ୍ପର୍କିତ କୌଣସି ନୀତି ପରିବର୍ତ୍ତନର ପ୍ରଭାବ କେବଳ ରାଜନୈତିକ ମଞ୍ଚରେ ନୁହେଁ, ରାଜ୍ୟର ରାଜସ୍ୱ, ଖଣି ଅଞ୍ଚଳର ଲୋକଙ୍କ ଜୀବନ, ପରିବେଶ ଓ ଆଗାମୀ ପିଢ଼ିର ଭବିଷ୍ୟତରେ ପଡ଼ିପାରେ। ତେଣୁ ଏହି ପ୍ରସଙ୍ଗରେ ଚିତ୍କାର ନୁହେଁ, ତଥ୍ୟ ଦରକାର। ଅଭିଯୋଗ ନୁହେଁ, ହିସାବ ଦରକାର। ଦଳୀୟ ରାଜନୀତି ନୁହେଁ, ଓଡ଼ିଶାର ଅଧିକାର ଦରକାର। ଯଦି କୌଣସି ନୀତି ରାଜ୍ୟ ପାଇଁ ଲାଭଦାୟକ, ତେବେ ତାହାକୁ ସ୍ୱୀକାର କରାଯାଉ; ଯଦି କୌଣସି ନୀତି ରାଜ୍ୟର ସ୍ୱାର୍ଥକୁ କ୍ଷତି କରିବାର ଆଶଙ୍କା ରଖେ, ତେବେ ଦଳୀୟ ପତାକାକୁ ପାଖରେ ରଖି ସମସ୍ତେ ମିଶି ପ୍ରଶ୍ନ କରାଯାଉ। ଏହା ଦଳ ବିରୋଧୀ ରାଜନୀତି ନୁହେଁ; ଏହା ଓଡ଼ିଶା ପ୍ରତି ଦାୟିତ୍ୱ। ପାଠ୍ୟପୁସ୍ତକରେ ତ୍ରୁଟି ନେଇ ମଧ୍ୟ ଏହି ମାପକାଠି ଲାଗୁ ହେବା ଦରକାର। ଏକ ପାଠ୍ୟପୁସ୍ତକର ଗୋଟିଏ ଭୁଲ ତଥ୍ୟ ହଜାର ହଜାର ପିଲାଙ୍କ ମନରେ ଭୁଲ ଧାରଣା ସୃଷ୍ଟି କରିପାରେ। ଏହାକୁ ନେଇ ପ୍ରଶ୍ନ ଉଠିଲେ ସରକାର ରାଗିବା ନୁହେଁ, ଯାଞ୍ଚ କରିବା ଦରକାର। ବିରୋଧୀ ପ୍ରଶ୍ନ କଲେ ରାଜନୈତିକ ଲାଭ ନୁହେଁ, ପିଲାଙ୍କ ଭବିଷ୍ୟତକୁ ଆଗରେ ରଖିବା ଦରକାର। କାରଣ ପୁସ୍ତକର ଭୁଲ କୌଣସି ଦଳର ଭୁଲ ନୁହେଁ; ଏହା ଆମ ପିଲାଙ୍କ ଭବିଷ୍ୟତ ସହ ଜଡ଼ିତ ଭୁଲ। ଏହି ଅଧିବେଶନରେ ଆହୁରି ଅନେକ ପ୍ରସଙ୍ଗ ଉଠିବ। ଚାଷୀଙ୍କ ସମସ୍ୟା ରହିବ, ଯୁବକଙ୍କ ନିଯୁକ୍ତି ରହିବ, ଶିକ୍ଷା ରହିବ, ସ୍ୱାସ୍ଥ୍ୟ ରହିବ, ମହିଳା ସୁରକ୍ଷା ରହିବ, ଆଦିବାସୀ ଅଞ୍ଚଳର ବିକାଶ ରହିବ, ପାନୀୟଜଳ ରହିବ, ରାସ୍ତାଘାଟ ରହିବ। କିନ୍ତୁ ପ୍ରଶ୍ନ ହେଉଛି—ଏହି ସମସ୍ତ ପ୍ରସଙ୍ଗ କେତେ ସମୟ ରାଜନୀତିର ମୁଖ୍ୟ ଆଲୋଚନାରେ ରହିବ କେତେ ସମୟ ପରେ ଏଗୁଡ଼ିକ ଦଳୀୟ ଅଭିଯୋଗର ଭିଡ଼ରେ ହଜିଯିବ ଲୋକଙ୍କ ଦୁଃଖ ଯଦି ଦୁଇ ଦଳର ମୁହାଁମୁହିଁ ଲଢେଇ ମଧ୍ୟରେ ହଜିଯାଏ, ତେବେ ବିଧାନସଭାର ଗରିମା କେଉଁଠି ରହିବ ଜନତା ଆଉ କେବଳ ହଙ୍ଗାମା ଦେଖିବାକୁ ଚାହୁଁନାହାନ୍ତି। ଲୋକେ ଚାହୁଁଛନ୍ତି ପ୍ରଶ୍ନ ହେଉ, ଉତ୍ତର ଆସୁ, ଦାୟିତ୍ୱ ନିର୍ଦ୍ଧାରିତ ହେଉ ଏବଂ ସମାଧାନର ରାସ୍ତା ବାହାରୁ। ଯେଉଁ ବିଧାୟକ ନିଜ ଅଞ୍ଚଳର ସମସ୍ୟା ନେଇ ବିଧାନସଭାରେ ଠିଆ ହେଉଛନ୍ତି, ସେ ମନେ ରଖିବା ଦରକାର—ସେ କେବଳ ନିଜ ଦଳର ପ୍ରତିନିଧି ନୁହେଁ, ସେ ଓଡ଼ିଶାର ଲୋକଙ୍କ ପ୍ରତିନିଧି। ତାଙ୍କ ସ୍ୱରରେ ତାଙ୍କ ନିର୍ବାଚନମଣ୍ଡଳୀର ଲୋକଙ୍କ ସ୍ୱର ରହିବା ଦରକାର। ତାଙ୍କ ପ୍ରଶ୍ନରେ ରାଜ୍ୟର ଭବିଷ୍ୟତ ଦେଖାଯିବା ଦରକାର। ଏହିଠି ହିଁ ଜନପ୍ରତିନିଧିତ୍ୱର ଅର୍ଥ। ଶାସକ ଦଳ ଯଦି ଭାବେ ଯେ ବିରୋଧୀଙ୍କ ପ୍ରଶ୍ନ ମାନେ ସରକାର ବିରୋଧୀ ଷଡ଼ଯନ୍ତ୍ର, ତେବେ ସେହି ଚିନ୍ତା ଗଣତନ୍ତ୍ର ପାଇଁ ବିପଜ୍ଜନକ। ବିରୋଧୀ ଯଦି ଭାବନ୍ତି ଯେ ସରକାରକୁ ଅସୁବିଧାରେ ପକାଇଦେବା ହିଁ ତାଙ୍କର ସଫଳତା, ତେବେ ସେହି ଚିନ୍ତା ମଧ୍ୟ ଲୋକଙ୍କ ପାଇଁ ନିରାଶାଜନକ। ଦୁଇ ପକ୍ଷ ମନେ ରଖିବା ଦରକାର—ସରକାର ବଦଳିବ, ବିରୋଧୀ ବଦଳିବ, ନେତା ବଦଳିବେ, କିନ୍ତୁ ଲୋକଙ୍କ ସମସ୍ୟା ଯଦି ସେହିଠାରେ ରହିଯାଏ, ତେବେ ବଦଳିବ କଣ ରାଜନୀତିର ସବୁଠାରୁ ବଡ଼ ବିଡ଼ମ୍ବନା ହେଉଛି—ନିର୍ବାଚନ ପୂର୍ବରୁ ଲୋକେ ରାଜା, ନିର୍ବାଚନ ପରେ ଲୋକେ ଦର୍ଶକ। ଏହି ଧାରଣା ବଦଳିବା ଦରକାର। ଲୋକେ ଦର୍ଶକ ନୁହେଁ, ସେମାନେ ଗଣତନ୍ତ୍ରର ମାଲିକ। ବିଧାନସଭାର ପ୍ରତ୍ୟେକ ତର୍କ, ପ୍ରତ୍ୟେକ ପ୍ରଶ୍ନ ଓ ପ୍ରତ୍ୟେକ ନିଷ୍ପତ୍ତି ଲୋକଙ୍କ ଜୀବନକୁ ପ୍ରଭାବିତ କରେ। ତେଣୁ ଏଥର ଅଧିବେଶନରେ ଓଡ଼ିଶା ଏକ ନୂଆ ଦୃଶ୍ୟ ଦେଖିବାକୁ ଚାହେ—ଶାସକ ଦଳ ନିଜ କାମର ହିସାବ ଦେଉ, ବିରୋଧୀ ତଥ୍ୟ ସହ ପ୍ରଶ୍ନ କରୁ, ମନ୍ତ୍ରୀମାନେ ସ୍ପଷ୍ଟ ଉତ୍ତର ଦିଅନ୍ତୁ, ବିଧାୟକମାନେ ଲୋକଙ୍କ ପ୍ରଶ୍ନ ନେଇ ଲଢ଼ନ୍ତୁ ଏବଂ ଦଳୀୟ ସୀମା ପାର କରି ଓଡ଼ିଶାର ମୂଳ ସ୍ୱାର୍ଥରେ ଏକାଠି ଠିଆ ହୁଅନ୍ତୁ। ଏହା ହେଲେ ବିଧାନସଭାର ମର୍ଯ୍ୟାଦା ବଢ଼ିବ। ଲୋକଙ୍କ ବିଶ୍ୱାସ ବଢ଼ିବ। ରାଜନୀତିର ମାନ ବଢ଼ିବ। ଏବଂ ସବୁଠାରୁ ବଡ଼ କଥା—ଓଡ଼ିଶା ଜିତିବ। ନହେଲେ ଆମେ ପୁଣି ସେହି ପୁରୁଣା ଦୃଶ୍ୟ ଦେଖିବା—ନାରା, ହଙ୍ଗାମା, ଅଭିଯୋଗ, ପ୍ରତିଅଭିଯୋଗ, ସଭା ମୁଲତବି ଏବଂ ଶେଷରେ ଲୋକଙ୍କ ପ୍ରଶ୍ନ ପୁଣି ଅନୁତ୍ତରିତ। ଓଡ଼ିଶା ଏବେ ଏହାଠାରୁ ଅଧିକ ଆଶା କରୁଛି। ଓଡ଼ିଶାର ରାଜନୀତିକୁ ଏବେ ନିଷ୍ପତ୍ତି ନେବାକୁ ହେବ—ଦଳୀୟ ଜିତ ବଡ଼ ନା ଜନତାର ଜିତ ସରକାରକୁ ହରାଇବା ବଡ଼ ନା ଓଡ଼ିଶାକୁ ଜିତାଇବା ବଡ଼ ଇତିହାସ ମନେ ରଖିବ ନାହିଁ କିଏ କେତେ ଉଚ୍ଚ ସ୍ୱରରେ ନାରା ଦେଇଥିଲା; ଇତିହାସ ମନେ ରଖିବ କିଏ ଓଡ଼ିଶାର ଅଧିକାର ପାଇଁ ଠିଆ ହୋଇଥିଲା। ଆସନ୍ତା ଅଧିବେଶନ ତେଣୁ କେବଳ ଆଉ ଏକ ଅଧିବେଶନ ନୁହେଁ; ଏହା ଓଡ଼ିଶାର ରାଜନୀତିର ଚରିତ୍ର ପରୀକ୍ଷା। ଯେଉଁମାନେ ଲୋକଙ୍କ ଭୋଟରେ ବିଧାନସଭାକୁ ଆସିଛନ୍ତି, ସେମାନଙ୍କ ସାମ୍ନାରେ ଆଜି ଓଡ଼ିଶା ଗୋଟିଏ ଆଇନା ଧରିଛି। ସେହି ଆଇନାରେ ଦେଖାଯିବ—କିଏ ଦଳ ପାଇଁ ଠିଆ ହୋଇଛି, କିଏ କ୍ଷମତା ପାଇଁ ଲଢ଼ୁଛି ଏବଂ କିଏ ସତରେ ଓଡ଼ିଶା ପାଇଁ ଲଢ଼ୁଛି। ଶେଷରେ ନିଷ୍ପତ୍ତି ଲୋକଙ୍କର। କାରଣ ଦଳର ପତାକା ବଦଳିପାରେ, ନେତାଙ୍କ ଚେହେରା ବଦଳିପାରେ, ସରକାର ବଦଳିପାରେ; କିନ୍ତୁ ଓଡ଼ିଶା ବଦଳିବ ନାହିଁ। ଓଡ଼ିଶା ହିଁ ରହିବ। ତେଣୁ ଏଥର ବିଧାନସଭାରେ ପ୍ରଶ୍ନ ଗୋଟିଏ ହେଉ—"ଆପଣ କାହା ପାଇଁ ଲଢ଼ୁଛନ୍ତି" ଏବଂ ଉତ୍ତର ମଧ୍ୟ ଗୋଟିଏ ହେଉ—"ମୁଁ ଓଡ଼ିଶା ପାଇଁ ଲଢ଼ୁଛି।

# ଗୁରୁ, ସାମ୍ପ୍ରଦାୟିକତା ଓ ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର

ପ୍ରଫେସର ଡାକ୍ତର ଉମେଶ ଚନ୍ଦ୍ର ପାତ୍ର

ଆମର ଏକାନ୍ତ ଗନ୍ତବ୍ୟ ହେଲା - ଈଶ୍ୱରପ୍ରାପ୍ତି, ଧାରଣ-ପାଳନ-ସମ୍ବେଗ-ସିଦ୍ଧ ବ୍ୟକ୍ତିତ୍ୱ, ତାର ଉପାୟ ହେଉଛି ଆଚାର୍ଯ୍ୟଙ୍କ ଠାରେ ସକ୍ରିୟ ଅନୁରତି, ତା'ଠାରୁ ଆସେ - ଆତ୍ମନିୟନ୍ତ୍ରଣ, ପରିବାର ନିୟନ୍ତ୍ରଣ, ସମାଜ ନିୟନ୍ତ୍ରଣ ଓ ରାଷ୍ଟ୍ର ନିୟନ୍ତ୍ରଣ । ଆଉ ଏଇ ରାଷ୍ଟ୍ର ନିୟନ୍ତ୍ରଣର ଭିତର ଦେଇ, ସାରା ବିଶ୍ୱର ସଙ୍ଗେ ଯୋଗସୂତ୍ର ରଚନା କରି ସବୁଟାକୁ ନେଇ ବିବର୍ଦ୍ଧନର ଦିଗରେ ଆଗେଇ ଚାଲିବା । ଆଉ ଏଇ ସବୁଗୁଡ଼ିକୁ ସାର୍ଥକ କରି ତୋଳିବା ଈଶ୍ୱରଙ୍କ ଠାରେ, ଆଉ ପ୍ରାପ୍ତିର ପରମ ବେଦନା ଏହା ହିଁ । ଶ୍ରୀ ଶ୍ରୀ ଠାକୁର ଅନୁକୂଳଚନ୍ଦ୍ର କଥା ପ୍ରସଙ୍ଗରେ କହିଲେ - ଯାହା ବି କରିବାକୁ ଯାଅ, ମୂଳରେ ଥିବା ଦରକାର ଗୁରୁଭକ୍ତି । ତହିଁରେ ପ୍ରବୃତ୍ତି କବ୍‌ଜାରେ ଥାଏ, ସେବାବୃତ୍ତି ଚଞ୍ଚଳ ହୋଇଉଠେ, ଏବଂ କାର୍ଯ୍ୟଟା ନିଖୁଣ ହୁଏ । ଏହି ଗୁରୁଭକ୍ତିରୁ ହିଁ ମଣିଷ ମଙ୍ଗଳର ଅଧିକାରୀ ହୁଏ । ତେଣୁ ଗୁରୁଙ୍କୁ ଇଷ୍ଟ ବୋଲି କୁହାଯାଏ । ଇଷ୍ଟମାନେ ମଙ୍ଗଳ, ଅର୍ଥାତ୍ ଗୁରୁଙ୍କୁ ଅନୁସରଣ କରିଲେ ହିଁ ମଣିଷର ମଙ୍ଗଳ ଆସେ । ଆଉ ଏଇ ଅନୁସରଣର ପନ୍ଥା ହିଁ ହେଉଛି ଯଜନ, ଯାଜନ ଓ ଇଷ୍ଟଭୃତି । ଇଷ୍ଟ ହେଲେ ଗୁରୁ, ସଦ୍‌ଗୁରୁ, ଆଚାର୍ଯ୍ୟ, ଯିଏ ଆଚରଣ କରି ଜାଣିଛନ୍ତି । ତାହା ନକରି ଯାହାଙ୍କୁ ତାହାଙ୍କୁ ଗୁରୁ କହିଲେ ହୁଏନାହିଁ । ଗୁରୁ ଗ୍ରହଣ କରିବାର ପ୍ରଥା ଆମ୍ଭମାନଙ୍କର ଅଛି । ଏହି ପ୍ରଥା ବର୍ତ୍ତମାନ କୁଳଗୁରୁ ଗ୍ରହଣର ଭିତର ଦେଇ ଚାଲିଛି। କିନ୍ତୁ କୁଳଗୁରୁଙ୍କ ପାଖରୁ ଦୀକ୍ଷାଟା ଶେଷ ନୁହେଁ । ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେବା ଏକାନ୍ତ ଆବଶ୍ୟକ । ଗୁରୁ ଗ୍ରହଣମାନେ ଆଚାର୍ଯ୍ୟ ବା ଇଷ୍ଟଗ୍ରହଣ । ଏହି ଆଚାର୍ଯ୍ୟ ହେଲେ ଲିଭିଙ୍ଗ ଟିଚର୍ ବା ଜୀବନ୍ତ ଦିଶାରୀ । ସେ ହେଲେ ମୂର୍ତ୍ତ ନିଷ୍ଠା, ତାଙ୍କ ପ୍ରତି ଯଦି ନିଷ୍ଠା ନଥାଏ, ଆନୁଗତ୍ୟ ନଥାଏ, ତେବେ ତୁମେ କୌଣସି ବୁଦ୍ଧି ଦେଇ ମଧ୍ୟ ସର୍ବତୋମୁଖୀ ସାଫଲ୍ୟରେ ପହଞ୍ଚିପାରିବ ନାହିଁ । ଅବତାର, ସଦ୍‌ଗୁରୁ ବା ମହାପୁରୁଷ ମାନେ କ'ଣ ଉତ୍ତରରେ ଶ୍ରୀ ଶ୍ରୀ ଠାକୁର କହିଲେ - ଅବତାରମାନେ ସଦ୍‌ଗୁରୁ, ଯିଏ ପ୍ରବୃତ୍ତି - ପରାୟଣତାର ଉର୍ଦ୍ଧ୍ୱ ଲୋକରୁ ଆସନ୍ତି ଏବଂ ବଞ୍ଚିବା - ବଢ଼ିବାର ବିଧି ଜଣାଇଦିଅନ୍ତି । ମହାପୁରୁଷମାନେ ମହାପୂରଣକାରୀ । ସଦ୍‌ଗୁରୁଙ୍କର ଲକ୍ଷଣ ହେଲା - ତାଙ୍କର ବହିଃ ପ୍ରକାଶରେ ଏହା ଦେଖାଯାଏ, ସେ ଅଚ୍ୟୁତ ଅନୁରାଗ - ସମ୍ପନ୍ନ, ଜାକଜମକରେ ମଧ୍ୟ ବି ସରଳ, ସ୍ୱାଭାବିକ ଭାବେ ସ୍ୱାଭାବିକ ଓ ମହାଜ୍ଞାନୀ ସତ୍ତ୍ୱେ ସରଳ। ଜୀବନରେ ଗୁରୁ ନ ରହିଲେ ମଣିଷର ସମତା ଠିକ୍ ରହେନି । ଶ୍ରୀ ଶ୍ରୀ ଠାକୁର କହିଲେ - ଗୁରୁମାନେ ହିଁ ସଦ୍‌ଗୁରୁ - ଆଚାର୍ଯ୍ୟ । ସଦ୍‌ଗୁରୁ ବା ଗୁରୁ - ପୁରୁଷୋତ୍ତମ ହିଁ ସଚ୍ଚିଦାନନ୍ଦଙ୍କର ମୂର୍ତ୍ତି - ବିଗ୍ରହ, ସେ ହିଁ ରୂପାୟିତ ଈଶ୍ୱର - ପ୍ରେରଣା, ସେ ହିଁ ଆତ୍ମିକ ଶକ୍ତିର ପ୍ରୋଜ୍ଜ୍ୱଳ ପ୍ରକାଶ, ଅସ୍ତି-ବୃଦ୍ଧିର ପରମ ଅମୃତପଥ । ଦୁନିଆରେ ଯେତେ ଦ୍ୱନ୍ଦ୍ୱ ମଧ୍ୟରେ ଅନ୍ୱୟୀ ସାର୍ଥକତାର ସାର-କେନ୍ଦ୍ର ସେ ହିଁ । ତାଙ୍କୁ ଭଲ ପାଏ, ତାଙ୍କ ଇଚ୍ଛା ପରିପୂରଣ କରେ, ତଦନଗୁଗ ଆତ୍ମନିୟନ୍ତ୍ରଣରେ । ତାଙ୍କର ସଙ୍ଗ, ସାହଚର୍ଯ୍ୟ ଓ ସେବ ଭିତର ଦେଇ ମଣିଷ ଈଶୀସ୍ପର୍ଶ ଲାଭ କରି ଧନ୍ୟ ହୁଏ ।

ତେବେ ପ୍ରଶ୍ନ ଉଠେ - ସବୁ ଅବତାର ଓ ଗୁରୁ - ପୁରୁଷୋତ୍ତମ କ'ଣ ସମାନ ଶ୍ରୀ ଶ୍ରୀ ଠାକୁର କହିଲେ - ସକଳ ହିଁ ପୂର୍ଣ୍ଣ, ସମସ୍ତେ ବରିଷ୍ଠ, ବଡ଼ କଥାର ମଧ୍ୟରେ ରହିଛି ପରିପୂରଣ । ଯେତେବେଳେ ଯେପରି ପ୍ରୟୋଜନ, ସେତେବେଳେ ସେପରି ଆବିର୍ଭାବ - ଯୁଗ ପ୍ରୟୋଜନ ପରିପୂରଣ ପାଇଁ । ଯୁଗେ - ଯୁଗେ ସେଇ ଜଣେ ହିଁ ଆସନ୍ତି, ପୂର୍ବତନ ଓ ପରବର୍ତ୍ତୀଙ୍କ ମଧ୍ୟରେ ତେଣୁ ରହିଛି ଅଚ୍ଛେଦ୍ୟ ସଙ୍ଗତ । ବିବର୍ତ୍ତନର ଧାରା ଏଇ ଭାବରେ ଆଗେଇ ଚାଲିଛି । ତେଣୁ ଜଣଙ୍କୁ ଛୋଟ କରି ଆଉ ଜଣଙ୍କୁ ବଡ଼ କରିବାର ପ୍ରଚେଷ୍ଟା ଭଲ ନୁହେଁ



। ଶ୍ରୀକୃଷ୍ଣଙ୍କ ମଧ୍ୟରେ ରାମଚନ୍ଦ୍ରଙ୍କୁ ଦେଖେନି - ବୁଦ୍ଧଦେବଙ୍କ ମଧ୍ୟରେ ଶ୍ରୀକୃଷ୍ଣଙ୍କୁ ଖୋଜି ଦେଖେନି - ଏହା ହିଁ ଦୋଷ । ବର୍ତ୍ତମାନ ମଧ୍ୟରେ ପୂର୍ବତନଙ୍କୁ ଖୋଜି ଦେଖିବାର ବୁଦ୍ଧି ଯଦି ଆମ୍ଭମାନଙ୍କର ଥାଏ, ତା'ହେଲେ ବର୍ତ୍ତମାନଙ୍କ ମଧ୍ୟର ପୂର୍ବତନ ପ୍ରତ୍ୟେକଙ୍କୁ ଆମେ ପାଇପାରିବା ଏବଂ ତାଙ୍କୁ କେନ୍ଦ୍ର କରି ସମଗ୍ର ମାନବ-ସମାଜ ଐକ୍ୟବଦ୍ଧ ହୋଇ ଉଠିପାରିବ - ପ୍ରତ୍ୟେକ ସ୍ୱ-ସ୍ୱ ବୈଶିଷ୍ଟ୍ୟରେ ଅକ୍ଷୁର୍ଣ୍ଣ ଥାଇ । ସତ୍ତ୍ୱପୂର୍ବେଷାମପି ଗୁରୁଃ କାଲୋନାନବଚ୍ଛେଦାତ୍, ଆପଣଙ୍କ ମଧ୍ୟରେ ଆପଣଙ୍କ ବାପା ଅଛନ୍ତି, ଜେଜେବାପା ଅଛନ୍ତି - ସେଇମାନଙ୍କ ହିଁ ବିବର୍ତ୍ତିତ ରୂପ ଆପଣ । ପରବର୍ତ୍ତୀ ମଧ୍ୟ ସେହିପରି ପୂର୍ବବର୍ତ୍ତୀର ବିବର୍ତ୍ତିତ ରୂପ ।

ଆଜିକାର ଦିନରେ ତେଣୁ ପୂର୍ବବର୍ତ୍ତୀ କୌଣସି ଅବତାର - ମହାପୁରୁଷଙ୍କୁ ଯଦି ବୁଝିବାକୁ ଚାହୁଁ ତେବେ ବର୍ତ୍ତମାନ ପୂରୟମାଣ ଅବତାର ମହାପୁରୁଷ ଯଦି କେହି ଥାଆନ୍ତି, ତାଙ୍କ ମଧ୍ୟ ଦେଇ ହିଁ ବୁଝିପାରିବା, ନଚେତ୍ ତାଙ୍କ ମର୍ମ କେନ୍ଦ୍ରର ସନ୍ଧାନ ପାଇବାନି । ପ୍ରଭୁ ଯୀଶୁ ଖ୍ରୀଷ୍ଟ କହିଲେ, ମୁଁ ହିଁ ଆଲୋକ, ମୁଁ ହିଁ ପଥ, ମୋତେ ବାଦ ଦେଇ ପିତାଙ୍କ ପାଖକୁ କେହି ଯାଇପାରିବେ ନାହିଁ। ଜଣେ ପ୍ରଶ୍ନ କରିଲେ - ଗୁରୁଙ୍କ ନେଇ ଆମର ଚଳିବା ଦରକାର କ'ଣ ଏବଂ ଗୁରୁ କ'ଣ ଆମକୁ ସ୍ୱୟଂସମ୍ପୂର୍ଣ୍ଣ କରି ତୋଳି ପାରିବେ ଶ୍ରୀ ଶ୍ରୀ ଠାକୁର କହିଲେ - ଗୁରୁଙ୍କ ଉପରେ ଯଦି ଆମର ନିଷ୍ଠା ଥାଏ ଆଉ ତାଙ୍କର ନିର୍ଦ୍ଦେଶଗୁଡ଼ିକ ଯଦି ଠିକ୍ ଠିକ୍ କାର୍ଯ୍ୟରେ ଫୁଟେଇ ତୋଳୁ, ତାହେଲେ ଏହାର ଭିତର ଦେଇ ଆମର ଅଭିଜ୍ଞତା ବଢ଼େ, ଆମେ ଶିକ୍ଷିତ ହୋଇ ଉଠୁ । ଜୀବନର ଆରମ୍ଭରେ, ମଧ୍ୟରେ ଓ ଶେଷରେ ସବୁ ଅବସ୍ଥାରେ ଯାହା ଦରକାର ତାହା ହେଉଛି ଏହି ଇଷ୍ଟପ୍ରାଣତା । ମଣିଷ ଜୀବନ୍ତ ଆଦର୍ଶ ବା ଇଷ୍ଟଙ୍କ ସହିତ ଯୁକ୍ତ ହେଲେ ପ୍ରଜ୍ଞାବାନ, ମଧୁର, ଗମ୍ଭୀର ଓ ଶକ୍ତିମାନ ହୁଏ । ତାର ପ୍ରବୃତ୍ତିଗୁଡ଼ିକ ମଧ୍ୟ ଏଇ ଇଷ୍ଟଙ୍କର ହିଁ ସେବା କରେ । ଇଷ୍ଟ ହେଉଛନ୍ତି ଚିର ମଙ୍ଗଳମୟ, ତେଣୁ ପ୍ରବୃତ୍ତିଗୁଡ଼ିକ ମଧ୍ୟ ସେତେବେଳେ ନିଜର ଓ ପରର ମଙ୍ଗଳ ଆବାହନ କରେ, ପ୍ରବୃତ୍ତି ଗୁଡ଼ିକ ସେତେବେଳେ ହୁଅନ୍ତି ଧର୍ମର ବାହନ, ରିପୁ ରହେନା । ଆଉ ତାକୁ ଦମନ କରିବାକୁ କସରତ ମଧ୍ୟ କରିବାକୁ ପଡ଼େନି । ଗୀତାରେ ଭଗବାନ ଶ୍ରୀକୃଷ୍ଣ କହିଲେ - 'ମନ୍ମନା ଭବ ମଦ୍‌ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ, ମାମେବୈଷ୍ୟସି ସତ୍ୟଂ ତେ ପ୍ରତିଜାନେ ପ୍ରିୟୋସି ମେ' ଅର୍ଥାତ୍ ହେ ଅର୍ଜୁନ ! ତୁମେ ମୋ ଠାରେ ମନ ଲଗାଅ, ମୋର ଭକ୍ତ ହୋଇଯାଅ, ମୋର ଯାଜନ କର, ମୋତେ ନମସ୍କାର କର, ଏପରି କଲେ ତୁମେ ମୋତେ ହିଁ ପ୍ରାପ୍ତ ହେବ, ଏହା ମୁଁ ତୁମକୁ ସତ୍ୟ ପ୍ରତିଜ୍ଞା କରି କହୁଛି, କାରଣ ତୁମେ ମୋର ଅତ୍ୟନ୍ତ ପ୍ରିୟ।

ସେହିପରି ଶ୍ରୀ ଶ୍ରୀ ଠାକୁର ସ୍ୱହସ୍ତ ଲିଖିତ ପବିତ୍ର ସତ୍ୟାନୁସରଣ ଗ୍ରନ୍ଥରେ କହିଲେ - ସଦ୍‌ଗୁରୁଙ୍କର ଶରଣାପନ୍ନ ହୁଅ, ସତ୍‌ନାମ ମନନ କର, ଆଉ ସତ୍‌ସଙ୍ଗର ଆଶ୍ରୟ ଗ୍ରହଣ କର, ମୁଁ ନିଶ୍ଚୟ କହୁଛି, ତୁମକୁ ଆଉ ତୁମର ଉନ୍ନୟନ୍ନ ପାଇଁ ଭାବିବାକୁ ହେବ ନାହିଁ । ଏ ପ୍ରକାର ଅଭୟବାଣୀ କେବଳ ଈଶ୍ୱର ବା ପରମପିତା ହିଁ ଦେଇପାରିବେ । ଜନୈକ ବ୍ୟକ୍ତି କହିଲେ - ଅନେକେ ଦୀକ୍ଷା ନେବାକୁ ଚାହାଁନ୍ତି ନାହିଁ। ଶ୍ରୀ ଶ୍ରୀ ଠାକୁର କହିଲେ - ତାର ଅର୍ଥ ସେ ଜୀବନ ହିଁ ଚାହେଁନା । ମଣିଷ ଜୀବନର ଅସଲ ସମ୍ପଦ ହେଲା ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ତାଙ୍କ ପ୍ରତି ଅଚ୍ୟୁତ ଅନୁରାଗୀ ହୋଇ ଚଳିବା । ସତ୍‌ଦୀକ୍ଷା ନେବାକୁ ଆପତ୍ତି ଥାଏ ସେତେବେଳେ ହିଁ ଯେତେବେଳେ ଆମେ ପ୍ରବୃତ୍ତିର ଅନୁଚର ହେଉ । ଅମୃତରେ ଅରୁଚି ହୁଏ ସେତେବେଳେ ହିଁ, ଯେତେବେଳେ ଆମେ ମୃତ୍ୟୁକୁ ଭଲ ପାଉ । ଶ୍ରୀ ଶ୍ରୀ ଠାକୁର କହିଲେ - ସବୁର ମୂଳରେ ହେଲା ଇଷ୍ଟ ନିଷ୍ଠା । ଗୁରୁଙ୍କ ପାଖରୁ ଦୀକ୍ଷା ନେଇ ଭାବୁଛ ମନରେ ସବୁ ହେଲା, ତା ତ ନୁହେଁ, ତା' ତ ନୁହେଁ ହିଁ, ନିଷ୍ଠା ସହ ଯଦି ନ ପାଳ । ସଦ୍‌ଗୁରୁଙ୍କ ପାଖରୁ ଦୀକ୍ଷା ନେବା ପରେ ହିଁ ଦ୍ୱିତୀୟ ଜୀବନ ଆରମ୍ଭ ହୁଏ । ଜନ୍ମ ଜନ୍ମାନ୍ତରର ଜମି ରହିଥିବା ପାପ ଓ ମଇଳା ସେଇ ଗୁରୁଙ୍କ ପ୍ରଦତ୍ତ ସତ୍‌ନାମ ମନନରେ ସଫା ହେବା ଆରମ୍ଭ ହୁଏ ଏବଂ କେତେ ଜନ୍ମ ମଧ୍ୟ ଲାଗିପାରେ । ସେ ସତ୍‌ନାମ ବା ଆଦିନାମର ସ୍ୱତଃ ପ୍ରକ୍ରିୟା ଯୋଗୁଁ ଧୀରେ ଧୀରେ ପ୍ରପବୃତ୍ତିଗୁଡ଼ିକରେ ସାମଞ୍ଜସ୍ୟ ହୋଇ ସତ୍ତାକୁ ବିବର୍ଦ୍ଧନ ଦିଗରେ ଆଗେଇ ନେଇ ଜୀବନକୁ ନିଶ୍ଚୟ ମଧୁମୟ କରି ତୋଳିବ ।

**ପ୍ରତିରତ୍ନିକ ଓ ଅବସରପ୍ରାପ୍ତ ବିଭାଗୀୟମୁଖ୍ୟ ହେପାଟୋଲୋଜି ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,**
**ଦୂରଭାଷ : ୯୪୩୭୦୫୧୯୫୭**

# ଆଜିର ଆବଶ୍ୟକତା ବିଜ୍ଞାନ ଭିତ୍ତିକ ଶିଶୁ ଯତ୍ନ

ପ୍ରଫେସର ଡାକ୍ତର ଜ୍ୟୋତିରଞ୍ଜନ ଚମ୍ପତିରାୟ

ଶିଶୁଙ୍କର ଯତ୍ନ ନେବା ଏବଂ ସେମାନଙ୍କୁ ସୁସ୍ଥ ଓ ସୁଖୀ ଭାବେ ବଡ଼ କରିବା ଏକ ଆହ୍ୱାନପୂର୍ଣ୍ଣ କାମ। ତେବେ ଅନେକ ସମୟରେ ପିତାମାତା ଅନ୍ଧବିଶ୍ୱାସର ବଶବର୍ତ୍ତୀ ହୋଇ ଶିଶୁଙ୍କ ସ୍ୱାସ୍ଥ୍ୟକୁ ଅଜାଣତରେ କ୍ଷତିଗ୍ରସ୍ତ କରିଦିଅନ୍ତି। ଆମ ଦେଶରେ ଏପରି ଅନେକ ପାରମ୍ପରିକ ରୀତି ଓ ଅଭ୍ୟାସ ପ୍ରଚଳିତ, ଯାହା ବୈଜ୍ଞାନିକ ଚିନ୍ତାଧାରାର ବିପରୀତ ଏବଂ ଶିଶୁର ସମଗ୍ର ବିକାଶ୍ରେ ବାଧା ଦିଏ। ତେଣୁ ଆମକୁ ବିଜ୍ଞାନ ଭିତ୍ତିକ ଶିଶୁ ଯତ୍ନ ଶିକ୍ଷା ଗ୍ରହଣ କରିବାକୁ ପଡ଼ିବ ବୋଲି ବିଶେଷଜ୍ଞମାନେ ପରାମର୍ଶ ଦେଇଛନ୍ତି। ଆମ ଦେଶରେ ଶିଶୁଯତ୍ନକୁ ନେଇ ଅନେକ ପାରମ୍ପରିକ ରୀତିନୀତି ରହିଛି ଯାହା ଦୃଢ଼ ସାମାଜିକ ଏବଂ ପାରିବାରିକ ସମ୍ପର୍କ ଗଠନ କରିବାରେ ସାହାଯ୍ୟ କରେ। ତେବେ ସେଥି ମଧ୍ୟରୁ କିଛି ଶିଶୁର ଶାରୀରିକ ଓ ମାନସିକ ବିକାଶ ଉପରେ ପ୍ରତିକୂଳ ପ୍ରଭାବ ପକାଇଥାଏ। ସେଭଳି କିଛି ଅଭ୍ୟାସ ବାବଦରେ ଜାଣିବା। ପାରମ୍ପରିକ ଅଭ୍ୟାସ ସ୍ୱରୂପ ପ୍ରସବ ପରେ ପ୍ରସୂତୀଙ୍କ ଖାଦ୍ୟ ଉପରେ ଅନେକ କଟକଣା ଜାରି କରାଯାଇଥାଏ। ଯାହା କୁପୋଷଣ ଓ ଅପପୁଷ୍ଟିର ପ୍ରମୁଖ କାରଣ ଭାବରେ ଚିହ୍ନଟ କରାଯାଇଛି। ଅନେକ ପିତାମାତା ଶିଶୁର ଖେଳ ଆଧାରିତ ଏବଂ ପୂର୍ଣ୍ଣାଙ୍ଗ ଶିକ୍ଷାକୁ ବାଦ ଦେଇ ପ୍ରାରମ୍ଭିକ ସ୍ତରରୁ ପରୀକ୍ଷାରେ ସଫଳତା ଏବଂ ଘୋଷିବା ମାଧ୍ୟମରେ ତଥ୍ୟ ମନେ ରଖିବା ଉପରେ ଧ୍ୟାନ ଦେଇଥାନ୍ତି। କିନ୍ତୁ ଗବେଷଣାରୁ ପ୍ରମାଣିତ ହୋଇଛି ଯେ ଖେଳ ଆଧାରିତ ଓ ପୂର୍ଣ୍ଣାଙ୍ଗ ଶିକ୍ଷା ଉପରେ ଗୁରୁତ୍ୱ ସେମାନଙ୍କ ଠାରେ ତାର୍କିକ ଚିନ୍ତନ ଏବଂ ସମସ୍ୟା ସମାଧାନ ଦକ୍ଷତା ବିକାଶ କରିଥାଏ। ନବଜାତ ଶିଶୁଙ୍କ ଯତ୍ନ ନିମନ୍ତେ ନାକରେ ତେଲ ଲଗାଇବା, ରୋଗ ପ୍ରତିରୋଧକ ଶକ୍ତି ପାଇଁ ଶିଶୁକୁ ମହୁ ପିଆଇବା, ଦୃଷ୍ଟି ଶକ୍ତି ଉନ୍ନତ କରିବା ପାଇଁ ଆଖିରେ କଜଳ ଲଗାଇବା, ମା'ଅସୁସ୍ଥ କିମ୍ବା ଜ୍ୱରାକ୍ରାନ୍ତ ଥିଲେ ସ୍ତନ୍ୟପାନ ବନ୍ଦ କରାଇବା, ଡିହାଇଡ୍ରେସନ ପାଇଁ ପାଣି ବଦଳରେ ଗ୍ଲୁକନ-ଡି, ଓଆରଏସ କିମ୍ବା ଏନର୍ଜି ଡ୍ରିଙ୍କ ଦେବା, ହାକୁଟି ବନ୍ଦ ହେବା ପାଇଁ ପେଟରେ ମୁଦ୍ରା, ଗରମ ଚାମଚ କିମ୍ବା ଷ୍ଟିଲ ପାତ୍ର ରଖିବା, କାଶ ଥଣ୍ଡା ହୋଇଥିବା ପିଲାଙ୍କୁ ଅଣ୍ଡା, ମାଛ କିମ୍ବା ମାଂସ ନ ଦେବା, ପିଲାଙ୍କ ପାଇଁ ଘୁଟି, ଜନ୍ମ ଘୁଟି କିମ୍ବା ଘରୋଇ ଟନିକକୁ ନିରାପଦ ବିଚାରିବା ପରି କିଛି ପୁରୁଣା ପଦ୍ଧତି ପିଢ଼ି ପରେ ପିଢ଼ି ଅନୁସୃତ ହେଉଛି। ମାତ୍ର ସେଗୁଡ଼ିକ ସ୍ୱାସ୍ଥ୍ୟ ସମସ୍ରା ସୃଷ୍ଟି କରିପାରେ ବୋଲି ଶିଶୁ ବିଶେଷଜ୍ଞମାନେ ସତର୍କ କରାଇ ଦେଇଛନ୍ତି। ଅପରପକ୍ଷେ, ବିଜ୍ଞାନ ଭିତ୍ତିକ ଶିଶୁ ଯତ୍ନ ଶିଶୁ ବିକାଶର ଉପଯୁକ୍ତ ଅଭ୍ୟାସକୁ ଉତ୍ସାହିତ କରେ, ଯାହା ପିଲାର ଜ୍ଞାନାତ୍ମକ, ସାମାଜିକ ଓ ଆବେଗିକ ବିକାଶ ପାଇଁ ଜରୁରୀ। ସେଥି ମଧ୍ୟରେ ଖେଳ ଭିତ୍ତିକ ଶିକ୍ଷା, କେବଳ ଶିକ୍ଷାଗତ ସଫଳତା ଉପରେ ଧ୍ୟାନ ଦେବା ପରିବର୍ତ୍ତେ ପିଲାର ଶାରୀରିକ, ଆବେଗିକ, ବୌଦ୍ଧିକ ଓ ସାମାଜିକ ଦିଗକୁ ବିକଶିତ କରିବା, ଅଭିଭାବକ ଏବଂ ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ଶିଶୁ ସ୍ୱାସ୍ଥ୍ୟ ଓ ପୁଷ୍ଟି ବାବଦରେ ସୂଚନା ଦେବା ସମେତ ବିକାଶରେ ବିଳମ୍ବ ଓ ଅଭାବକୁ ଚିହ୍ନଟ କରି ସେଗୁଡ଼ିକର ତ୍ୱରିତ ସମାଧାନ ଅନ୍ତର୍ଭୁକ୍ତ।

**ପ୍ରଫେସର ଓ ବିଭାଗୀୟ ମୁଖ୍ୟ, ଶିଶୁରୋଗ ବିଭାଗ,**
**ଫକୀରମୋହନ ମେଡ଼ିକାଲ କଲେଜ, ବାଲେଶ୍ୱର,**

# ସମ୍ଭବାମି ଯୁଗେ ଯୁଗେ

ଅନୀତା ପଟ୍ଟନାୟକ

ଅବତାର ମନୁଷ୍ୟକୁ ତାର ନିଜତ୍ୱ ଦେଖାଇବାକୁ ଓ ତାର ଜନ୍ମଗତ ଅଧିକାର ଆତ୍ମାନନ୍ଦକୁ ଫେରାଇ ଆଣିବାକୁ ଧରାପୃଷ୍ଠରେ ବାରମ୍ବାର ଜନ୍ମଗ୍ରହଣ କରନ୍ତି। ତାଙ୍କୁ ବାରମ୍ବାର ଏ ପୃଥିବୀରେ ଜନ୍ମଗ୍ରହଣ କରିବାକୁ ପଡ଼ିଥାଏ। ସେଥିପାଇଁ ସେ ଗୀତାରେ ଉଦଘୋଷଣ କରିଛନ୍ତି 'ଧର୍ମ ସଂସ୍ଥାପନାର୍ଥାୟ ସମ୍ଭବାମି ଯୁଗେ ଯୁଗେ'।

ମନୁଷ୍ୟ କିନ୍ତୁ ନିଜ ମନ ଦ୍ୱାରା ନିର୍ବିକଳ୍ପ ଓ ନିର୍ଗୁଣ ତତ୍ତ୍ୱକୁ ବୁଝିପାରି ନଥାଏ। କାରଣ ଭଗବାନଙ୍କର କଥା ମନୁଷ୍ୟର ବାକ ମନ ଓ ବୁଦ୍ଧିର ଉର୍ଦ୍ଧ୍ୱରେ ହୋଇଥାଏ। ସେହିପରି ଅବତାର ଥିଲେ ଗୋପାଳ ନନ୍ଦନ ଶ୍ରୀକୃଷ୍ଣ। ଶାସ୍ତ୍ରରେ ଲେଖାଯାଇଛି ଶ୍ରୀକୃଷ୍ଣ ଥିଲେ ଷୋଳକଳାପୂର୍ଣ୍ଣ। ସେହି ଷୋଳକଳା ଗୁଡ଼ିକ ହେଉଛି ଧନ, ବଳ, ବୁଦ୍ଧି, ଯୌବନ, ଉଚ୍ଚଶିକ୍ଷା, ପଦ, ବଂଶ, ସୌନ୍ଦର୍ଯ୍ୟ, କାମ, କ୍ରୋଧ, ଲୋଭ, ମୋହ, ମଦ, ମାତ୍ସର୍ଯ୍ୟ, ରଜ, ତମ। ମନୁଷ୍ୟ ନିକଟରେ ଏହି ସବୁ ଗୁଣ ଗୁଡ଼ିକ ପରିଲକ୍ଷିତ ହୋଇଥାଏ। ସେଥିପାଇଁ ସେ କହିଥାନ୍ତି ମୁଁ ତୁମର ଓ ତୁମେ ମୋର। ଏହି ଷୋଳ କଳାର ଉତ୍ତମ ପରିଚାଳନାର ଶିକ୍ଷା ଦେବାପାଇଁ ଭଗବାନଙ୍କୁ ଅବତାର ଗ୍ରହଣ କରିବା ପାଇଁ ପଡ଼ିଥାଏ। ଏହାର ଏକ ଉଦାହରଣ ଦିଆଯାଇପାରେ। ଯଥା ସୌଜନ୍ୟ ପ୍ରଧାନ ନୀତି ହେଲେ ଈର୍ଷାର ସ୍ଥାନ ଜଗତରେ ରହିବ ନାହିଁ। କିନ୍ତୁ ପ୍ରକୃତ କଥା ହେଉଛି ଭଗବାନ ଯେତେବେଳେ ଅବତାରତ୍ୱ ଗ୍ରହଣ କରନ୍ତି ସେ ଆମ କଥା ଶୁଣନ୍ତି ଆମେ ଭଗବାନଙ୍କ କଥା ଶୁଣୁନା।

କୃଷ୍ଣ ଅବତାରତ୍ୱ ଗ୍ରହଣ କରିଥିବା ସମୟରେ ଆମର ମନକୁ ସୀମାହୀନତାର ପାଠ ପଢ଼ାଇଥିଲେ। ତାଙ୍କର ମନ ଥିଲା ସୀମାପାର। ଏହାକୁ ହିରଣ୍ୟଗର୍ଭ ବା ବ୍ରହ୍ମରେ ଲୀନ କୁହାଯାଏ। ସେହିପରି ତାଙ୍କ ଶରୀରର ଅସୀମତ୍ୱ ଧାରଣ କରି ଦେଖା ଦେଇଥିଲେ ସେ ବିରାଟ ସ୍ୱରୂପ ଶାସ୍ତ୍ରଙ୍କ କୁହନ୍ତି ସେ ଥିଲେ ସୀମାହୀନ ଆଲୋକ ତେଣୁ ସେ ପରମ ଜ୍ୟୋତି। ସେ ମାନବ ସମାଜକୁ ଦେଖାଇଥିଲେ, ଯେଉଁ ସଂସ୍କାରକୁ ନେଇ ତୁମେ ଆନ୍ଦୋଳିତ ତାହା କ'ଣ ବ୍ରହ୍ମ ମାୟା ହେଉଛି ଏ ସଂସାର। ତୁମେମାନେ ହେଉଛ ଜୀବ, ଏହାକୁ ବୁଝାଇବାକୁ ଯାଇ କହିଥିଲେ ବ୍ରହ୍ମ + ଅବିଦ୍ୟା = ଜୀବ। ଜୀବନ ଓ କାମନାର ମିଶ୍ରଣର ସୃଷ୍ଟି ହେଉଛି ମାନବ। ଜୀବନ ବିଯୁକ୍ତ କାମନା ହେଉଛି ମାଧବ। କୃଷ୍ଣ ଅବତାରତ୍ୱ ସମ୍ପର୍କରେ କୁବଜୀକୁ ଏକ ସୁନ୍ଦର ନାରୀରେ ପରିଣତ କରି ପ୍ରମାଣ କରିଦେଇଥିଲେ ରୂପ ପାଇବାରେ ମଣିଷର ନିୟନ୍ତ୍ରଣ ନଥାଏ। ଏହା ଭଗବାନଙ୍କ ଦ୍ୱାରା ପ୍ରଦତ୍ତ। କିନ୍ତୁ ଗୁଣ ଗୁଡ଼ିକ ଉପରେ ମଣିଷର ନିୟନ୍ତ୍ରଣ ଥାଏ କିନ୍ତୁ ମଣିଷ ତାହା ଉପରେ ନିୟନ୍ତ୍ରଣ ନରଖି ଦୁଃଖ ଯନ୍ତ୍ରଣା ପାଇ ଥାଏ।

ଯୁଦ୍ଧ ସମୟରେ ଦେବକୀନନ୍ଦନ ଅର୍ଜ୍ଜୁନଙ୍କୁ ବଝାଇ ଦେଇଥିଲେ ଗୀତାର ମୁଖ୍ୟ ଯୋଗ ଗୁଡ଼ିକୁ ବୁଝିବାର ଉପାୟ। ଯଥା ପ୍ରେମ+ହସ୍ତ = କର୍ମଯୋଗ। ପ୍ରେମ + ହୃଦୟ = ଭକ୍ତିଯୋଗ। ପ୍ରେମ + ମସ୍ତିଷ୍କ = ଜ୍ଞାନଯୋଗ। ଅର୍ଜ୍ଜୁନଙ୍କୁ ବିରାଟ ସ୍ୱରୂପ ଦେଖାଇ ବୁଝାଇ ଦେଇଥିଲେ କେହି ମରେ ନାହିଁ କି କେହି ମାରି ପାରେ ନାହିଁ। ଆମେ ପ୍ରତ୍ୟେକ ତାଙ୍କ ହାତରେ କଣ୍ଢେଇ। ଭଗବାନଙ୍କର ଅଦେଶକୁ ପାଳନ କରିବାକୁ ପାପ କୁହାଯାଏ। ଭଗବାନ ଆମ ମଧ୍ୟରେ ବିବେକ ରୂପରେ ବିଦ୍ୟମାନ। ବିବେକର କଥା ନଶୁଣିବା ହିଁ ପାପ। ମହାଭାରତ ଯୁଦ୍ଧରେ ସେ ପ୍ରମାଣ କରି ଦେଇଥିଲେ ପ୍ରସାରଣ ହେଉଛି ପ୍ରେମ। ସଂକୋଚନ ହେଉଛି ମୃତ୍ୟୁ। କୌରବମାନେ ତାଙ୍କର ସଂକୋଚନ ମନୋଭାବ ହେତୁ ମୃତ୍ୟୁବରଣ କରିଥିଲେ। ଶ୍ରୀକୃଷ୍ଣଙ୍କର ନାମ କଥାକୁ ବିଚାର କଲେ ନାମର ତାତ୍ପର୍ଯ୍ୟ ଜଣାପଡ଼ିଥାଏ। କୃଷ ଧାତୁର ନିଷ୍ପନ୍ନ ଏହାର ଅର୍ଥ ଆକର୍ଷଣ, କର୍ଷଣ ବା ହଳ କରିବା, ଦେଶ, କାଳ, ସମୟ ଓ କାରଣ ଉର୍ଦ୍ଧ୍ୱର ଦିବ୍ୟତ୍ୱ। କୃଷ୍ଣ କେବଳ ସାଧକ, ସନ୍ଥ ଓ ଋଷିମାନଙ୍କୁ ନୁହେଁ ବରଂ ସରଳ ନିରୀହ ଉତ୍ତମଜନଙ୍କୁ ଆକର୍ଷିତ କରିଥାନ୍ତି। ସେ କୌତୁହଳୀ ନିନ୍ଦୁକ, ସମାଲୋଚକ ନାସ୍ତିକ ମାନଙ୍କୁ ମଧ୍ୟ ଆକର୍ଷିତ କରିଥାନ୍ତି। କୃଷ୍ଣ ତାଙ୍କର କମନୀୟ ରୂପ, ଅଜୟ ଦୃଷ୍ଟି, ବଂଶୀର ସ୍ୱର ଓ ଉପଦେଶ ମାଧ୍ୟମରେ ନିର୍ଭୀକ ବୀରତ୍ୱ ମନୋଭାବ ଦେଖାଇ ସମସ୍ତଙ୍କୁ ଆକର୍ଷିତ କରିଥାନ୍ତି। ସେ ବୃନ୍ଦାବନର ଶାନ୍ତି ପରିବେଶରେ ଗୋଚର ଭୂମିରେ ଓ କୁରୁକ୍ଷେତ୍ରର ରକ୍ତାକ୍ତ ଯୁଦ୍ଧକ୍ଷେତ୍ରରେ ରକ୍ତନଦୀ ନିକଟରେ ବଂଶୀର ଧ୍ୱନୀରେ ସ୍ୱର ରଚନା କରିଥିଲେ। କି ଅପୂର୍ବ। ଗୋଟିଏ ହାତରେ ବଂଶୀ ଓ ଗୋଟିଏ ହାତରେ ଘୋଡ଼ାର ଲଗାମ ମୁଖରୁ କିନ୍ତୁ ନିସୃତ ଅଭିଭୂତକାରୀ ସଙ୍ଗୀତ ତୁମେ ଯାହାକୁ ବେଣୁମାନ କୁହ ବା ଭଗବତଗୀତା। ଗାନ ଓ ଗୀତା ଉଭୟର ଅର୍ଥ ଗୀତା। ସେ ଆମର ହୃଦୟକୁ ଆକର୍ଷଣ କରି କୃପାବୃଷ୍ଟି କରନ୍ତି। ପ୍ରେମର ବୀଜକୁ ବପନ କରନ୍ତି। ଆନନ୍ଦର ଶିଷ୍ୟକୁ ନଷ୍ଟ କରୁଥିବା ଅସତ୍ ଚିନ୍ତାକୁ ଫୋପାଡ଼ି ଦିଅନ୍ତି। ମଣିଷର ଜ୍ଞାନ ସ୍ୱୟଂ କୃଷ୍ଣଙ୍କ ଠାରେ ପୂର୍ଣ୍ଣତା ହାସଲ କରେ କାରଣ ସେ ହେଉଛନ୍ତି ଶୁଦ୍ଧ ସାରତତ୍ତ୍ୱ, ପରମତତ୍ତ୍ୱ, ସଚ୍ଚିଦାନନ୍ଦ। ଆଜି ଜନ୍ମାଷ୍ଟମୀ ତିଥିରେ ଚାଲନ୍ତୁ ତାଙ୍କୁ ପ୍ରଣାମ କରିବା।

ଅବସର ପ୍ରାପ୍ତ ପ୍ରଧାପିକା, ସିଡ଼ିଏ, କଟକ, ଦୂରଭାଷ : ୯୬୯୨୯୮୦୦୨୬



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






# ପାରାଦ୍ୱୀପରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ଟାଇମ୍ସ କ୍ରିଟିକାଲ ଥିଙ୍କିଂ ଚାମ୍ପିୟନଶିପ୍ ? କୃତୀ ପ୍ରତିଯୋଗୀ ସମ୍ବର୍ଦ୍ଧିତ




ପାରାଦ୍ୱୀପ, (ମହାଭାରତ) : ଆର୍ସେଲରମିତ୍ତଲ ନିପ୍ପନ୍ ଷ୍ଟିଲ ଇଣ୍ଡିଆ (ଏଏମ୍/ଏନ୍ଏସ୍ ଇଣ୍ଡିଆ), ଟାଇମ୍ସ ଫାଉଣ୍ଡେସନ୍ ? ସହଭାଗିତାରେ, ଏଏମ୍/ଏନ୍ଏସ୍ ଇଣ୍ଡିଆ ଟାଇମ୍ସ କ୍ରିଟିକାଲ ଥିଙ୍କିଂ ଚାମ୍ପିୟନଶିପ୍ ? (ଏଏମ୍/ଏନ୍ଏସ୍ ଇଣ୍ଡିଆ ଟିସିଟିସି) ୨୦୨୬ର କୃତୀ ପ୍ରତିଯୋଗୀମାନଙ୍କୁ ସମ୍ବର୍ଦ୍ଧିତ କରିବା ପାଇଁ ସେପ୍ଟେମ୍ବର ୪, ୨୦୨୬ରେ ପାରାଦ୍ୱୀପସ୍ଥିତ ଜୟଦେବ ସଦନଠାରେ ଏକ ସମ୍ବର୍ଦ୍ଧନା ସମାରୋହ ଆୟୋଜନ ହୋଇଥିଲା । ପାରାଦ୍ୱୀପରୁ ବିଭିନ୍ନ ବିଦ୍ୟାଳୟରୁ ଉଲ୍ଲେଖନୀୟ ପ୍ରଦର୍ଶନ କରିଥିବା ୩୪ ଜଣ ଛାତ୍ରଛାତ୍ରୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର ଦୃଷ୍ଟିକୋଣ ସହ ସମନ୍ୱୟ ରକ୍ଷା କରି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତାଧାରା, ବିଶ୍ଳେଷଣାତ୍ମକ ଯୁକ୍ତି, ସମସ୍ୟା ସମାଧାନ ଏବଂ ନିଷ୍ପତ୍ତି ଗ୍ରହଣ ଭଳି ଦକ୍ଷତା ବିକଶିତ କରିବା ଉଦ୍ଦେଶ୍ୟରେ ଏହି ଚାମ୍ପିୟନଶିପ୍ ?ର ପରିକଳ୍ପନା କରାଯାଇଛି । ପାରାଦ୍ୱୀପରେ ୨୧ଟି ବିଦ୍ୟାଳୟର ୪,୦୦୦ରୁ ଅଧିକ ଛାତ୍ରଛାତ୍ରୀ ପ୍ରଥମ ରାଉଣ୍ଡରେ ଅଂଶଗ୍ରହଣ କରିଥିଲେ। ଗୋବିନ୍ଦ ଚନ୍ଦ୍ର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଛାତ୍ର ନିଶାନ ମଣ୍ଡଳ ରାଜ୍ୟସ୍ତରରେ ଦ୍ୱିତୀୟ ରାଉଣ୍ଡ ପାଇଁ ସଫଳତାର ସହ ଯୋଗ୍ୟତା ଅର୍ଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଓଡ଼ିଶା ସରକାରଙ୍କ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ମାନ୍ୟବର ରାଷ୍ଟ୍ର ମନ୍ତ୍ରୀ (ସ୍ୱାଧୀନ ଦାୟିତ୍ୱ) ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପାରାଦ୍ୱୀପ ପୌରପାଳିକାର ଅଧ୍ୟକ୍ଷ ଶ୍ରୀ ବସନ୍ତ ବିଶ୍ୱାଳ, ପାରାଦ୍ୱୀପ ପୌରପାଳିକାର କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ଅଭିଷେକ ପଣ୍ଡାଙ୍କ ସହିତ ଏଏମ୍/ଏନ୍ଏସ୍ ଇଣ୍ଡିଆର ବରିଷ୍ଠ ନେତୃବୃନ୍ଦ ଯଥା ମାନବ ସମ୍ବଳ ଓ ପ୍ରଶାସନ ବିଭାଗ (ପୂର୍ବ) ମୁଖ୍ୟ ଡ. ଦେବବ୍ରତ ଦାଶ, ପାରାଦ୍ୱୀପ ପେଲେଟ୍ ପ୍ଲାଣ୍ଟ ମୁଖ୍ୟ ଶ୍ରୀ ଭାବେଶ ଝା, ସିଏସ୍ଆର ବିଭାଗ ମୁଖ୍ୟ ଡ. ବିକାଶ ଯାଦଭେନ୍ଦୁ, ଟାଇମ୍ସ ଫାଉଣ୍ଡେସନ୍ ଅପରେସନ୍ସ ବିଭାଗ ମୁଖ୍ୟ ଶ୍ରୀମତୀ ଆରୁଷି ମାଥୁର, ନୂଆଗଡ଼ ସରପଞ୍ଚ ଶ୍ରୀ ଦେବେନ୍ଦ୍ର ରାଉତ, ଏବଂ ପାରାଦ୍ୱୀପଗଡ଼ ସରପଞ୍ଚ ଶ୍ରୀମତୀ ଶଶ୍ମିତା ବେହେରା ଆଦି ଉପସ୍ଥିତ ଥିଲେ। ଉପସ୍ଥିତ ଅତିଥିମାନେ ସମାବେଶକୁ ସମ୍ବୋଧିତ କରି ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମାଲୋଚନାତ୍ମକ ଚିନ୍ତାଧାରାର ବିକାଶ ଏବଂ ଭବିଷ୍ୟତ ନେତୃତ୍ୱ ଗଠନରେ ଶିକ୍ଷାର ଭୂମିକା ଉପରେ ଆଲୋକପାତ କରିଥିଲେ। ସମ୍ବର୍ଦ୍ଧନା ସମାରୋହରେ ଶିକ୍ଷକ ଓ ଛାତ୍ରଛାତ୍ରୀମାନେ ନିଜ ଅନୁଭୂତି ବାଣ୍ଟିବା ପରେ କୃତୀ ପ୍ରତିଯୋଗୀମାନଙ୍କୁ ସମ୍ମାନିତ କରାଯାଇଥିଲା। ଶ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ, "ଏଆଇ, ପ୍ରଯୁକ୍ତିବିଦ୍ୟା ଓ ନବସୃଜନ ଦ୍ୱାରା ଦ୍ରୁତ ଗତିରେ ପରିବର୍ତ୍ତିତ ହେଉଥିବା ଏହି ବିଶ୍ୱରେ ପିଲାମାନଙ୍କ ମଧ୍ୟରେ ଜିଜ୍ଞାସା, ସମାଲୋଚନାତ୍ମକ ଚିନ୍ତାଧାରା, ତାର୍କିକ ଚିନ୍ତାଧାରା, ସମସ୍ୟା ସମାଧାନର ଦକ୍ଷତା ଏବଂ ଶିଖିବାର ମାନସିକତା ବିକଶିତ ହେବା ଆବଶ୍ୟକ। ଏଏମ୍/ଏନ୍ଏସ୍ ଇଣ୍ଡିଆ ଟାଇମ୍ସ କ୍ରିଟିକାଲ ଥିଙ୍କିଂ ଚାମ୍ପିୟନଶିପ୍ ? ଛାତ୍ରଛାତ୍ରୀଙ୍କ ବିକାଶର ଏହି ଭିତ୍ତିକୁ ସୁଦୃଢ଼ କରିବାରେ ସହାୟକ ହୋଇଛି। ପାରାଦ୍ୱୀପରୁ ୪,୦୦୦ରୁ ଅଧିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଏବଂ ସମଗ୍ର ଓଡ଼ିଶାର ୫୪ଟି ବିଦ୍ୟାଳୟରୁ ୧୧,୦୦୦ ଛାତ୍ରଛାତ୍ରୀ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିବାରୁ ଏହା ଆମ ସମସ୍ତଙ୍କ ପାଇଁ ଆନନ୍ଦ ଓ ଗର୍ବର ବିଷୟ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆମ ଅଞ୍ଚଳର ପ୍ରତିଭା ଚିହ୍ନଟ କରିବା ପାଇଁ ପ୍ରୟାସ କରିଥିବାରୁ ମୁଁ ଏଏମ୍/ଏନ୍ଏସ୍ ଇଣ୍ଡିଆ ଏବଂ ଟାଇମ୍ସ ଫାଉଣ୍ଡେସନକୁ ଧନ୍ୟବାଦ ଜଣାଉଛି।"

ଏହି ଅବସରରେ ଏଏମ୍/ଏନ୍ଏସ୍ ଇଣ୍ଡିଆ ମାନବ ସମ୍ବଳ ଓ ପ୍ରଶାସନ ବିଭାଗ ନିର୍ଦ୍ଦେଶକ ତଥା ଭାଇସ୍ ପ୍ରେସିଡେଣ୍ଟ ଶ୍ରୀ ଆଶୁତୋଷ ତେଲାଙ୍ଗ କହିଥିଲେ, "ଏଏମ୍/ଏନ୍ଏସ୍ ଇଣ୍ଡିଆ ଓଡ଼ିଶାରେ ଏଭଳି ଏକ ଗୁରୁତ୍ୱପୂର୍ଣ୍ଣ ଜାତୀୟ ସ୍ତରର ପ୍ରତିଯୋଗିତା ଅୟୋଜନ କରି ଅତ୍ୟନ୍ତ ଆନନ୍ଦିତ ଅନୁଭବ କରୁଛି। ଜାତୀୟସ୍ତରରେ ୧୦ ଲକ୍ଷରୁ ଅଧିକ ବିଦ୍ୟାଳୟ ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିବାରୁ ଏହାର ପ୍ରଭାବ ଇତିମଧ୍ୟରେ ବେଶ ବ୍ୟାପକ ହୋଇଛି। ଆଗାମୀ ସଂସ୍କରଣଗୁଡ଼ିକୁ ଆହୁରି ବ୍ୟାପକ କରିବା ସହ ଅଧିକ ସଂଖ୍ୟକ ଯୁବ ପ୍ରତିଭା ଯେପରି ଏହି ମଞ୍ଚରୁ ଉପକୃତ ହୋଇପାରିବେ, ସେଥିପାଇଁ ଆମେ ପ୍ରତିବଦ୍ଧ।" ଜାତୀୟସ୍ତରରେ ଏହି କାର୍ଯ୍ୟକ୍ରମରେ ତୃତୀୟରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ୪,୦୦୦ଟି ବିଦ୍ୟାଳୟର ୧୦ ଲକ୍ଷ ଛାତ୍ରଛାତ୍ରୀଙ୍କୁ ସାମିଲ କରାଯାଉଛି। ସେପ୍ଟେମ୍ବର ୧୯, ୨୦୨୬ରେ ନୂଆଦିଲ୍ଲୀସ୍ଥିତ ପ୍ରଧାନମନ୍ତ୍ରୀ ସଂଗ୍ରହାଳୟରେ ଗ୍ରାଣ୍ଡ ଫିନାଲେ ସହିତ ଏହି ଚାମ୍ପିୟନଶିପ୍ ?ର ସମାପନ ହେବ। ଏଠାରେ ଶ୍ରେଷ୍ଠ ପ୍ରଦର୍ଶନ କରିଥିବା ଛାତ୍ରଛାତ୍ରୀଙ୍କୁ ସେମାନଙ୍କର ଅସାଧାରଣ ଦକ୍ଷତା ପାଇଁ ସମ୍ମାନିତ କରାଯିବ।

# ନୟାଗଡ଼ରେ ଭୟଙ୍କର ବସ : ଘଟଣାସ୍ଥଳରେ ଡ୍ରାଇଭରଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ ରୁ ଉର୍ଦ୍ଧ ଯାତ୍ରୀ ଆହତ



ନୟାଗଡ଼, (ମହାଭାରତ) : ନୟାଗଡ଼ରେ ଭୟଙ୍କର ବସ ଦୁର୍ଘଟଣା। ଭୁବନେଶ୍ୱର ରୁ ନୟାଗଡ଼ ଆସୁଥିବା ନିଳକଣ୍ଠେଶ୍ୱର ନାମକ ଘରୋଇ ବସ ନୟାଗଡ଼ ଇଟାମାଟି ଥାନା ଅନ୍ତର୍ଗତ ବାଉଁଶିଆପଡା ନିକଟରେ ହୋଇଛି ଦୁର୍ଘଟଣା। ରାସ୍ତା ପାର୍ଶ୍ୱରେ ଥିବା ଏକ ଅର୍ଜୁନ ଗଛ କୁ ପିଟି ହୋଇ ହୋଇଛି ଦୁର୍ଘଟଣା। ଘଟଣା ସ୍ଥଳରେ ବସ ଡ୍ରାଇଭର ଙ୍କ ମୃତ୍ୟୁ ହୋଇଥିବା ବେଳେ ୨୫ ରୁ ଉର୍ଦ୍ଧ ଯାତ୍ରୀ ଆହତ ହୋଇଛନ୍ତି। ଦୁର୍ଘଟଣା ସ୍ଥଳ ଦେଇ ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ଯାଉଥିବା ବେଳେ ଘଟଣା ସ୍ଥଳରେ ରହି ଆହତ ମାନଙ୍କୁ ତୁରନ୍ତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନେବାକୁ କରିଥିଲେ ପ୍ରୟାସ। ନୟାଗଡ଼ ବିଧାୟକ ତୁରନ୍ତ ଜିଲ୍ଲା ପ୍ରଶାସନ କୁ ଖବର ଦେବା ସହ ନିଜେ ସେହି ରାସ୍ତା ଦେଇ ଯାଉଥିବା ବିଭିନ୍ନ ଗାଡିରେ ଆହତ ମାନଙ୍କୁ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ କୁ ପଠାଇଥିଲେ। ଜିଲ୍ଲା ପ୍ରଶାସନ ମଧ୍ୟ ତୁରନ୍ତ ଦୁର୍ଘଟଣା ସ୍ଥଳ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ପହଞ୍ଚି ଆହତ ମାନଙ୍କ ଚିକିତ୍ସା ପ୍ରତି ତ୍ୱରିତ ପଦକ୍ଷେପ ନେଇଛନ୍ତି। ଘଟଣା ସ୍ଥଳରେ ମଧ ନୟାଗଡ଼ ଅଗ୍ନିଶମ କର୍ମଚାରୀ ମାନେ ପହଞ୍ଚି ବସ୍ ରୁ ଆହତ ମାନଙ୍କୁ ଉଦ୍ଧାର କରିଥିଲେ। ଗୁରୁତର ଆହତ ମାନଙ୍କୁ ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ରୁ ଭୁବନେଶ୍ୱର ସ୍ଥାନାନ୍ତରିତ କରାଯାଇଛି।

# କିରାନା ଦୋକାନରେ ମଦର ମହାକାରବାର ! ୨୦୬ ଲିଟର ବିଦେଶୀ ମଦ ଜବତ, ଦୁଇ ଗିରଫ



ରାଇଘର, (ମହାଭାରତ) : କିରାନା ଦୋକାନରେ ଚାଉଳ, ଡାଲି କି ତେଲ ନୁହେଁ, ଚାଲିଥିଲା ବିଦେଶୀ ମଦର କାରବାର। ରାଇଘର ବ୍ଲକ ଅନ୍ତର୍ଗତ କୁନ୍ଦେଇ ଥାନା ପୁଲିସ ପରଚିପାରା ଗ୍ରାମରେ ଚଢ଼ଉ କରି ପ୍ରାୟ ୨୦୬ ଲିଟର ବିଦେଶୀ ମଦ ଜବତ କରିଛି। ଏହି ଘଟଣାରେ ଦୁଇ ଜଣଙ୍କୁ ଗିରଫ କରାଯାଇଥିବା ଜଣାପଡ଼ିଛି। ନବରଙ୍ଗପୁର ଏସ୍ପିଙ୍କ ନିର୍ଦ୍ଦେଶକ୍ରମେ କୁନ୍ଦେଇ ଥାନା ଅଧିକାରୀ ପ୍ରଦୀପ କୁମାର ଶବରଙ୍କ ନେତୃତ୍ୱରେ ପୁଲିସ ଟିମ୍ ବୁଧବାର ସନ୍ଧ୍ୟା ୭ଟା ସମୟରେ ପରଚିପାରା ଗ୍ରାମର ଦୁଇଟି କିରାନା ଦୋକାନରେ ପୃଥକ ପୃଥକ ଭାବେ ଚଢ଼ଉ କରିଥିଲେ।ଚଢ଼ଉ ସମୟରେ ସନ୍ତୁ ଗଣ୍ଡଙ୍କ କିରାନା ଦୋକାନରୁ ୧୬୮ ଲିଟର ଏବଂ ପବିତ୍ର ସର୍ଦାରଙ୍କ କିରାନା ଦୋକାନରୁ ୩୮ ଲିଟର ବିଦେଶୀ ମଦ ଜବତ ହୋଇଥିଲା। ମଦ କାରବାର ଅଭିଯୋଗରେ ପୁଲିସ ଉଭୟ ଦୋକାନୀଙ୍କୁ ଗିରଫ କରିବା ପରେ ଜାମିନରେ ଛାଡ଼ି ଦେଇଛି। ଏନେଇ କୁନ୍ଦେଇ ଥାନାରେ କେସ୍ ନମ୍ବର ୧୫୬/୨୦୨୬ରେ ମାମଲା ରୁଜୁ ହୋଇଛି।କିରାନା ଦୋକାନର ଆଢୁଆଳରେ ଚାଲିଥିବା ଏହି ମଦ କାରବାର ଉପରେ ପୁଲିସର ଚଢ଼ଉ ପରେ ଏବେ ଅଞ୍ଚଳରେ ଚର୍ଚ୍ଚା ଜୋର ଧରିଛି।

# ବିଶ୍ୱ ହିନ୍ଦୁ ପରିଷଦ ପାଟଣା ଖଣ୍ଡ ତରଫରୁ ଜନ୍ମାଷ୍ଟମୀ ପାଳିତ



ପାଟଣା, (ମହାଭାରତ): କେନ୍ଦୁଝର ଜିଲ୍ଲା ପାଟଣା ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ପାଟଣା ଶିଶୁ ବିଦ୍ୟା ମନ୍ଦିର ପରିସରରେ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି ।ଏହି କାର୍ଯ୍ୟକ୍ରମ କୁ ବିଶ୍ୱହିନ୍ଦୁ ପରିଷଦ ସଭାପତି ସନାତନ ଦାଶ ଙ୍କ ତତ୍ୱାବଧାନ ରେ ଅନୁଷ୍ଠିତ ହୋଇଥିଲା ।କାର୍ଯ୍ୟକ୍ରମରେ ମୁଖ୍ୟ ବକ୍ତା ଭାବେ ବିଶ୍ୱ ହିନ୍ଦୁ ପରିଷଦ ପ୍ରାନ୍ତ ସହ ବିଶେଷ ପ୍ରମୁଖ ମଦନ ମୋହନ ଦ୍ୱିବେଦୀ ଯୋଗଦାନ କରି ପବିତ୍ର ଜନ୍ମାଷ୍ଟମୀ ଉପରେ ଅଭିଭାଷଣ ରଖିଥିଲେ ।ସମ୍ମାନିତ ଅତିଥି ଭାବେ ସମ୍ପାଦକ ଡମ୍ବରୁଧର ମହାନ୍ତ ,ପାଟଣା ଖଣ୍ଡ ସଭାପତି ଚତୁର୍ଭୁଜ ମହାନ୍ତ, ଜିଲ୍ଲା କାର୍ଯ୍ୟ କାରଣୀ ସଦସ୍ୟ ଭରତ ଚନ୍ଦ୍ର ମହାନ୍ତ ଙ୍କ ସମେତ ବିଦ୍ୟାଳୟର ଗୁରୁଜୀ ଗୁରୁମା ପ୍ରମୁଖ ଉପସ୍ଥିତ ଥିଲେ ।କାର୍ଯ୍ୟକ୍ରମ ଶେଷରେ ବିଶ୍ୱ ହିନ୍ଦୁ ପରିଷଦ ପକ୍ଷରୁ ଏକ ଶୋଭାଯାତ୍ରା ଶିଶୁ ବିଦ୍ୟା ମନ୍ଦିର ପରିସରରୁ ବାହାରି ପାଟଣା ଅଞ୍ଚଳ ପରିକ୍ରମା କରିଥିଲା।

# ରେଙ୍ଗାଲ୍ ବେଡାରେ ଜନ୍ମାଷ୍ଟମୀ ଶୋଭାଯାତ୍ରା

ଦେବଗଡ, (ମହାଭାରତ) : ଦେବଗଡ ଜିଲ୍ଲା ରିଆମାଳ ବ୍ଲକ ଅନ୍ତର୍ଗତ ରେଙ୍ଗାଲବେଡା ଶିଶୁ ବିଦ୍ୟା ମନ୍ଦିର ତରଫରୁ ପବିତ୍ର ଜନ୍ମାଷ୍ଟମୀ ମହତ୍ସବ ପାଳନ ଅବସରେ ସାଂସ୍କୃତିକ ସଭା ଯାତ୍ରା ଓ ପବିତ୍ର ଜନ୍ମାଷ୍ଟମୀ ଉତ୍ସବ ପାଳିତ ହୋଇଯାଇଛି। ଶିଶୁ ବିଦ୍ୟା ମନ୍ଦିର ପ୍ରଧାନ ଆଚାର୍ଯ୍ୟ ଚିତ୍ରସେନ ଭୋଇ ଙ୍କ ସଭାପତିତ୍ୱରେ ଆୟୋଜିତ ସାଂସ୍କୃତିକ ସଭା ଯାତ୍ରାରେ ଛାତ୍ରଛାତ୍ରୀ , ଗୁରୁଜୀ ଗୁରୁ ମା ଅଭିଭାବକ ସାମିଲ ହୋଇ ଶିଶୁ ବିଦ୍ୟା ମନ୍ଦିର ପ୍ରାଙ୍ଗଣରୁ ଏକ ସାଂସ୍କୃତିକ ସଭା ଯାତ୍ରା ବାହାରିଥିଲା ।କୁନି କୁନି ଛାତ୍ରଛାତ୍ରୀମାନେ ନନ୍ଦରାଜା, ଯଶୋଦା ,କୃଷ୍ଣ, ବଳରାମ, ଗୋପାଳ ବେଶ ରେ ସୁସଜ୍ଜିତ ହୋଇ ନଗର ପରିକ୍ରମା କରିଥିଲେ। ଶ୍ରୀ କୃଷ୍ଣ ଙ୍କ ପ୍ରତିମାକୁ ଧରି ନଗର ପରିକ୍ରମା କରିବା ସମୟରେ ସ୍ଥାନୀୟ ବାସିନ୍ଦା ସେମାନଙ୍କୁ ବିଭିନ୍ନ ସ୍ଥାନରେ ବନ୍ଦାପନା କରୁଥିବା ଦେଖାଯାଇଥିବା ବେଳେ ଏକ ଆଧାତ୍ମିକ ପରିବେଶ ସୃଷ୍ଟି ହୋଇଥିଲା । ପରେ ଶିଶୁ ବିଦ୍ୟାମନ୍ଦିର ପରିସରରେ ଦହିହାଣ୍ଡି ଭଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି କାର୍ଯ୍ୟକ୍ରମ ରେ ବିଦ୍ୟାମନ୍ଦିର ର ଛାତ୍ର ଛାତ୍ରୀ ଅଂଶଗ୍ରହଣ କରିଥିଲେ ।ପ୍ରଧାନ ଆଚାର୍ଯ୍ୟ ଚିତ୍ରସେନ ଭୋଇ ଙ୍କ ତତ୍ତ୍ୱାବଧାନରେ ଗୁରୁଜୀ ବିନୋଦ ବିହାରୀ ପ୍ରଧାନ, ଗୁରୁ ମା ପ୍ରିୟଦର୍ଶିନୀ ସାହୁ, ପୁଷ୍ପାଜଳି ଆଚାର୍ଯ୍ୟ ତପସ୍ୱିନୀ ସାହୁ ଚପଳା ସାହୁ, ଯାଜ୍ଞସେନୀ ପ୍ରଧାନ, ପ୍ରିୟଦର୍ଶିନୀ ସାହୁ, ରିଙ୍କି ବେହେରା, ସୌଦାମିନୀ ସାହୁ ପ୍ରମୁଖ ଗୁରୁ ଜୀ ଗୁରୁ ମା ଉପସ୍ଥିତ ରହି ସହଯୋଗ କରିଥିଲେ । ଅଭିଭାବକ ଗ୍ରାମବାସୀ ସାମିଲ ହୋଇ ଆଧାତ୍ମିକ କାର୍ଯ୍ୟକ୍ରମ କୁ ମନଭରି ଉପଭୋଗ କରିଥିଲେ।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ଧୂମଧାମରେ ପାଳିତ ହେଲା ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ



ଗଣିଆ, (ମହାଭାରତ): ଗଣିଆ ବ୍ଲକ ଅନ୍ତର୍ଗତ ବିଭିନ୍ନ ଶିକ୍ଷାନୁଷ୍ଠାନରେ ପବିତ୍ର ଶ୍ରୀକୃଷ୍ଣ ଜନ୍ମାଷ୍ଟମୀ ମହାସମାରୋହରେ ପାଳିତ ହୋଇଯାଇଛଥିଲା । ବିଶେଷ କରି ଗଣିଆ ଓ ଆଡ଼କଟା ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଏହି ଉତ୍ସବ ବେଶ୍ ଉତ୍ସାହ ଓ ଉଦ୍ଦୀପନା ମଧ୍ୟରେ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ବିଦ୍ୟାଳୟର ଛୋଟ ଛୋଟ ଶିଶୁ ଭାଇଭଉଣୀମାନେ ରାଧା ଓ ଶ୍ରୀକୃଷ୍ଣଙ୍କ ଆକର୍ଷଣୀୟ ବେଶଭୂଷାରେ ସଜ୍ଜିତ ହୋଇ ସ୍ଥାନୀୟ ରାମ ମନ୍ଦିର ଓ ବଜାର ପରିକ୍ରମା କରିଥିଲେ। ହରେ କୃଷ୍ଣ ନାମ ସଂକୀର୍ତ୍ତନ ଓ ଶିଶୁମାନଙ୍କ ମନମୁଗ୍ଧକର ରୂପ ସମଗ୍ର ପରିବେଶକୁ ଭକ୍ତିମୟ କରି ଗଢ଼ିତୋଳିଥିଲା। ସ୍ଥାନୀୟ ଜନସାଧାରଣ ଓ ବ୍ୟବସାୟୀମାନେ ଏହି ଶୋଭାଯାତ୍ରାକୁ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ। ଏହା ବ୍ୟତୀତ ଗଣିଆ ବ୍ଲକ ଅନ୍ତର୍ଗତ ଅନ୍ୟାନ୍ୟ ବିଦ୍ୟାଳୟ ଓ ଅନୁଷ୍ଠାନଗୁଡ଼ିକରେ ମଧ୍ୟ ଭଜନ, କୀର୍ତ୍ତନ ମାଧ୍ୟମରେ ଶ୍ରୀକୃଷ୍ଣ ଜନ୍ମୋତ୍ସବ ଆନନ୍ଦ ଉଲ୍ଲାସର ସହ ସମ୍ପନ୍ନ ହୋଇଯାଇଥିଲା । ସମସ୍ତ କାର୍ଯ୍ୟକ୍ରମରେ ବିଦ୍ୟାଳୟର ଗୁରୁଜୀ, ଗୁରୁମା, ପରିଚାଳନା କମିଟିର ସଦସ୍ୟ ଏବଂ ଅଭିଭାବକମାନେ ଉପସ୍ଥିତ ରହି ସହଯୋଗ କରିଥିଲେ।

# ଦୁଇଟି ସରକାରୀ ବିଦ୍ୟାଳୟରୁ ଚାଉଳ ଚୋରି : ଧାମନଗର ଥାନାରେ ଏତଲା




ଧାମନଗର, (ମହାଭାରତ) : ଗୋଟିଏ ଦିନରେ ଦୁଇଟି ସରକାରୀ ବିଦ୍ୟାଳୟରୁ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହେବା ନେଇ ଉଭୟ ବିଦ୍ୟାଳୟର ପ୍ରଧାନଶିକ୍ଷକ ଙ୍କ ପକ୍ଷରୁ ଧାମନଗର ଥାନାରେ ଶୁକ୍ରବାର ଏତଲା ହୋଇଛି । ଏତଲା କୁ ଭିତ୍ତି କରି ଧାମନଗର ପୋଲିସ ଘଟଣାରେ ତଦନ୍ତ କରିବା ସହ ଅଭିଯୋଗ ମୁତାବକ ଧାମନଗର ବ୍ଲକ ଦଇପୁର ପଞ୍ଚାୟତ ବାବୁରି ଗ୍ରାମ ସ୍ଥିତ ଶ୍ରୀଜଗନ୍ନାଥ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟ କୁ ଦୁର୍ବୃତ୍ତ ମାନେ ଗୁରୁ ବାର ବିଳମ୍ବିତ ରାତିରେ ବିଦ୍ୟାଳୟକୁ ପଶି ଚାଉଳ ରଖାଯାଇଥିବା ଘରର ତାଲା ଭାଙ୍ଗି ୭ ବସ୍ତା ଚାଉଳ ସମେତ ଅନ୍ୟାନ୍ୟ ସାମଗ୍ରୀ ଚୋରି କରିଛନ୍ତି। ଶୁକ୍ରବାର ବିଦ୍ୟାଳୟ ଛୁଟି ଥିବାରୁ ଚାଉଳ ଚୋରି ନେଇ ପ୍ରଧାନ ଶିକ୍ଷକ ସୁଧାଂଶୁ ଶେଖର ଜେନା ବିଶେଷ ସୂତ୍ରରୁ ଖବର ପାଇଥିଲେ ।ପରେ ବିଦ୍ୟାଳୟକୁ ଆସି ଚାଉଳ ରଖାଯାଇଥିବା ଘର ତାଲା ଭଙ୍ଗା ଜିବା ସହ ଚାଉଳ ଓ ଅନ୍ୟାନ୍ୟ ସାମଗ୍ରୀ ଚୋରି ହେଇଥିବା ନେଇ ଜାଣିବାକୁ ପାଇଥିଲେ। ଏନେଇ ପ୍ରଧାନ ଶିକ୍ଷକ ଶ୍ରୀ ଜେନା ଥାନାରେ ଅଭିଯୋଗ କରିଛନ୍ତି। ଅନୁରୂପ ଭାବେ ନିକଟସ୍ଥ ପଞ୍ଚାୟତ ଚୁଡ଼ାକୁଟି-ସୋରିଷଡିହି ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ଦୁର୍ବୃତ୍ତ ମାନେ ଗୁରୁବାର ବିଳମ୍ବିତ ରାତିରେ ଗେଟ୍ ? ତାଲା ଭାଙ୍ଗି ଭିତରକୁ ପଶିବା ସହ ଅଫିସ ଘରର ତାଲା ଭାଙ୍ଗି ୨ଟି ପାଲ ଓ କାଗଜପତ୍ର ନେଇଯିବା ସହ ଚାଉଳ ରଖାଯାଇଥିବା ଘରର ତାଲା ଭାଙ୍ଗି ୧୧ ବସ୍ତା ଚାଉଳ ଚୋରି କରିଥିବା ଅଭିଯୋଗ ହୋଇଛି। ଏନେଇ ପ୍ରଧାନଶିକ୍ଷକ ପ୍ରେମାନନ୍ଦ ଜେନା ଶୁକ୍ରବାର ଧାମନଗର ଥାନାରେ ଅଭିଯୋଗ କରିଛନ୍ତି ।ପ୍ରକାଶ ଥାଉକି, ଚୁଡ଼ାକୁଟି-ସୋରିଷଡିହି ବିଦ୍ୟାଳୟରେ ଗତ ୨୧ ଜୁଲାଇ ୨୦୨୫ରେ ମଧ ସମାନ ଢଙ୍ଗରେ ଚୋରି ହୋଇଥିଲା। ଏନେଇ ପୁଣି ଚୋରି ହେବାରୁ ବିଦ୍ୟାଳୟର ସୁରକ୍ଷାକୁ ନେଇ ପ୍ରଶ୍ନ ଉଠିଛି। ଅଭିଯୋଗ ପାଇ ଧାମନଗର ପୁଲିସ ଉଭୟ ବିଦ୍ୟାଳୟରେ ପହଞ୍ଚି ତଦନ୍ତ ଆରମ୍ଭ କରିବା ସହ ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଫୁଟେଜ ମଧ ଯାଞ୍ଚ କରିଥିଲା।

# ପାରାଦୀପର ବିଭିନ୍ନ ହୋଟେଲ ଓ ରେସ୍ତୁରାଣ୍ଟ ଉପରେ ଚଢ଼ାଉ ଓ ଯାଞ୍ଚ



ପାରାଦୀପ(ମହାଭାରତ): ପାରାଦୀପ ପୌରପାଳିକାର ଏନଫୋର୍ସମେଣ୍ଟ ସ୍କ୍ୱାଡ୍ ଓ ଜଗତସିଂହପୁର ଖାଦ୍ୟ ନିରାପତ୍ତା ବିଭାଗର ମିଳିତ ସହଯୋଗରେ ପାରାଦୀପ ବଡପଡ଼ିଆ ଅଞ୍ଚଳର ବିଭିନ୍ନ ହୋଟେଲ ଓ ଖାଦ୍ୟ ପ୍ରତିଷ୍ଠାନରେ ଏକ ସ୍ୱତନ୍ତ୍ର ଯାଞ୍ଚ ଓ ଏନଫ୍ଫୋର୍ସମେଣ୍ଟ ଅଭିଯାନ କରାଯାଇଥିଲା ।ଏହି ଅଭିଯାନରେ ହୋଟେଲଗୁଡ଼ିକରେ ପ୍ରସ୍ତୁତ ଓ ପରିବେଷିତ ଖାଦ୍ୟର ମାନ, ଗୁଣବତ୍ତା ଓ ଖାଦ୍ୟ ନିରାପତ୍ତା ମାନଦଣ୍ଡ ଯାଞ୍ଚ କରାଯିବା ସହ ଏକକ ବ୍ୟବହୃତ ପଲିଥିନ୍/ପ୍ଲାଷ୍ଟିକ୍ ବ୍ୟବହାର ସମ୍ପର୍କରେ ମଧ୍ୟ ଯାଞ୍ଚ କରାଯାଇଥିଲା । ଯାଞ୍ଚ ସମୟରେ ନିୟମ ଉଲ୍ଲଂଘନ କରିଥିବା ୦୬ ଟି ହୋଟେଲ/ଖାଦ୍ୟ ପ୍ରତିଷ୍ଠାନ ବିରୋଧରେ ନିୟମାନୁଯାୟୀ ଜୋରିମାନା ଆଦାୟ କରାଯାଇଥିଲା । ଏହି ଅଭିଯାନରେ ମୋଟ ୫ ,୦୦୦/- ଜୋରିମାନା ଆଦାୟ କରାଯାଇଛି ।

# ଲକ୍ଷାଧିକ ଟଙ୍କାର ଚନ୍ଦନ କାଠ ଜବତ ସହ ତିନି ଅଭିଯୁକ୍ତ ଗିରଫ

ଗଜପତି(ମହାଭାରତ): ଚନ୍ଦନ କାଠ ଚୋରା ଚାଲାଣ ଉପରେ ଗଜପତି ଜିଲ୍ଲା କାଶୀନଗର ଥାନା ପୁଲିସର ଚଢ଼ାଉ ହୋଇଛି । ପାରଳାଖେମୁଣ୍ଡି-ଗୁଣୁପୁର ରାଜ୍ୟ ରାଜପଥର ଖାରଡ଼ା ଛକ ନିକଟରେ ଏକ ଅଟୋରେ ଚୋରା ଚାଲାଣ ହେଉଥିବା ୧୦୫ କିଲୋ ଚନ୍ଦନ କାଠ ପୁଲିସ ଜବତ କରିଛି । ଜବତ ଚନ୍ଦନ କାଠର ଆନୁମାନିକ ମୂଲ୍ୟ ପ୍ରାୟ ୧୦ ଲକ୍ଷ ଟଙ୍କା ହେବ ବୋଲି ପୋଲିସ ପକ୍ଷରୁ ସୂଚନା ମିଳିଛି ।ଚୋରା ଚାଲାଣ ଘଟଣାରେ ୩ ଅଭିଯୁକ୍ତଙ୍କୁ ପୋଲିସ ଗିରଫ କରିବା ସହ ଚନ୍ଦନ କାଠ ପରିବହନରେ ବ୍ୟବହୃତ ହୋଇ ଥିବା ଅଟୋକୁ ଜବତ କରିଛି । ପୋଲିସ କହିଛି କାଶୀନଗର ଥାନା ଏ ଏସ୍ ଆଇ ଆର.କେ. ଚୌଧୁରୀଙ୍କ ନେତୃତ୍ୱରେ ଟିମ୍ ଗୁରୁବାର ସକାଳୁ ଖାରଡ଼ା ଛକ ନିକଟରେ ପାଟ୍ରୋଲିଂ କରୁଥିଲା । ଏହି ସମୟରେ ଏକ ଅଟୋରେ ଚୋରା ସାମଗ୍ରୀ ଚାଲାଣ ହେଉଥିବା ନେଇ ପୋଲିସକୁ ସୂଚନା ମିଳିଥିଲା । ସୂଚନା ଆଧାରରେ ପୋଲିସ ନଜର ରଖିଥିବା ବେଳେ ଉକ୍ତ ଅଟୋଟି ସେହି ରାସ୍ତାରେ ଆସୁଥିବା ଦେଖି ଅଟକାଇଥିଲା ।ପୋଲିସ ଗାଡ଼ିକୁ ଦେଖି ଅଟୋ ଚାଳକ ଦ୍ରୁତ ଗତିରେ ଖସିଯିବାକୁ ଚେଷ୍ଟା



କରିଥିଲେ ମଧ୍ୟ ପୋଲିସ ଅଟୋ କୁ କାବୁ କରି ଅଟୋକୁ ଯାଞ୍ଚ କରାଯିବାରୁ ୫ଟି ବ୍ୟାଗ୍ ଭିତରେ ଚନ୍ଦନ କାଠ ରଖାଯାଇଥିବା ଜଣାପଡ଼ିଥିଲା । ଓଜନ କରାଯିବା ପରେ ଏଥିରୁ ମୋଟ ୧୦୫ କିଲୋ ଚନ୍ଦନ କାଠ ମିଳିଥିଲା । ଏଥିସହ ୩ଟି ମୋବାଇଲ୍ ଫୋନ୍, ନଗଦ ୪ ହଜାର ଟଙ୍କା ସହ ଅଟୋକୁ ପୋଲିସ ଜବତ କରିଛି । ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ଜିଲ୍ଲା ଟାଙ୍ଗୀ ଥାନା କୁସୁମୀ ଗ୍ରାମର ସିରାଜ ଖାନ୍, ଆକ୍ରମ ଖାନ୍ ଏବଂ ଗଜପତି ଜିଲ୍ଲା ରାମଗିରି ଥାନାର ସାନଶଢ଼ । ଗ୍ରାମର ଦାମୋଦର ପ୍ରଧାନ । ଏନେଇ କାଶୀନଗର ଥାନାରେ ଏକ ମାମଲା ରୁଜୁ ହୋଇଛି । ଏସ୍ଆଇ ପଞ୍ଚାନନ ବେହେରା ଘଟଣାର ତଦନ୍ତ ଚଳାଇଛନ୍ତି । ଚନ୍ଦନ କାଠ କେଉଁଠାରୁ ଆସିଥିଲା ଏବଂ ଏହା କେଉଁଠାକୁ ଚାଲାଣ ହେଉଥିଲା, ସେନେଇ ତଦନ୍ତ ଜାରି ରହିଛି ।

# ଅଜଣା ଗାଡ଼ି ଧକ୍କାରେ ଶଳା ମୃତ, ଭେଣେଇ ଗୁରୁତର



କରଞ୍ଜିଆ,(ମହାଭାରତ) ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ଥାନା ଅନ୍ତର୍ଗତ ଠାକୁରମୁଣ୍ଡା-କରଞ୍ଜିଆ ରାସ୍ତାର ୫୪ ନମ୍ବର ରାଜ୍ୟ ରାଜପଥର ଅଖାପଲାଣ ସିମନଦୀ ବାଙ୍କ ନିକଟରେ ଶୁକ୍ରବାର ଏକ ମର୍ମାନ୍ତିକ ସଡ଼କ ଦୁର୍ଘଟଣା ଘଟିଛି । ଏକ ଅଜଣା ଗାଡ଼ି ପଛପଟୁ ବାଇକ୍‌କୁ ଧକ୍କା ଦେବା ଫଳରେ ବାଇକ୍‌ରେ ଯାଉଥିବା ଶଳା ଘଟଣାସ୍ଥଳରେ ମୃତ୍ୟୁବରଣ କରିଥିବା ବେଳେ ଭେଣେଇ ଗୁରୁତର ଆହତ ହୋଇଛନ୍ତି । ଗୁରୁତର ଭେଣେଇଙ୍କୁ ପ୍ରାଥମିକ ଚିକିତ୍ସା ପରେ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।ପ୍ରାପ୍ତ ସୂଚନା ଅନୁଯାୟୀ, ମହୁଲଡିହା ଥାନା ଚମ୍ପାଝର ପଞ୍ଚାୟତ ଅନ୍ତର୍ଗତ ଡଙ୍ଗାଡିହା ଗ୍ରାମର ଗୋବିନ୍ଦ ପିଙ୍ଗୁଆ (୪୦) ଏବଂ ଠାକୁରମୁଣ୍ଡା ଥାନା ତାଳପଦା ପଞ୍ଚାୟତ ଅନ୍ତର୍ଗତ କାଳିଆପୋଷି ଗ୍ରାମର ତାଙ୍କ ଶଳା ହିନ୍ଦୁ ଲୁଗୁନ (୪୦) କୌଣସି ଏକ କାମରେ ଖେଜୁରିପଦା ଗ୍ରାମକୁ ଯାଇଥିଲେ । କାମ ସାରି ଦୁଇଜଣ ଏକ ବାଇକ୍ ଯୋଗେ ନିଜ ଘରକୁ ଫେରୁଥିଲେ ।ସେମାନେ ଠାକୁରମୁଣ୍ଡା-କରଞ୍ଜିଆ ୫୪ ନମ୍ବର ରାଜ୍ୟ ରାଜପଥର ଅଖାପଲାଣ ସିମନଦୀ ବାଙ୍କ ନିକଟରେ ପହଞ୍ଚିଥିବା ସମୟରେ ପଛପଟୁ ଆସୁଥିବା ଏକ ଅଜଣା ଗାଡ଼ି ସେମାନଙ୍କ ବାଇକ୍‌କୁ ଧକ୍କା ଦେଇଥିଲା । ଧକ୍କାର ତୀବ୍ରତାରେ ବାଇକ୍‌ରେ ଥିବା ଉଭୟେ ରାସ୍ତା ଉପରକୁ ଛିଟିକି ପଡ଼ିଥିଲେ । ଦୁର୍ଘଟଣାରେ ହିନ୍ଦୁ ଲୁଗୁନଙ୍କ ଗୁରୁତର ଆଘାତ ଲାଗି ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା ।ଘଟଣା ସମ୍ପର୍କରେ ଖବର ପାଇବା ପରେ ୧୦୮ ଆମ୍ବୁଲାନ୍ସ ଯୋଗେ ଉଭୟଙ୍କୁ ଠାକୁରମୁଣ୍ଡା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା । ସେଠାରେ ଡାକ୍ତର ହିନ୍ଦୁ ଲୁଗୁନଙ୍କୁ ମୃତ ଘୋଷଣା କରିଥିଲେ । ଅନ୍ୟପକ୍ଷରେ ଗୁରୁତର ଆହତ ଗୋବିନ୍ଦ ପିଙ୍ଗୁଆଙ୍କୁ ପ୍ରାଥମିକ ଚିକିତ୍ସା ପରେ ଅଧିକ ଚିକିତ୍ସା ପାଇଁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି ।ଖବର ପାଇ ଠାକୁରମୁଣ୍ଡା ପୁଲିସ ଘଟଣାସ୍ଥଳରେ ପହଞ୍ଚି ଦୁର୍ଘଟଣା ସମ୍ପର୍କରେ ତଦନ୍ତ ଆରମ୍ଭ କରିଛି । ଏନେଇ ଠାକୁରମୁଣ୍ଡା ଥାନାରେ କେସ୍ ନମ୍ବର ୧୦୮/୨୦୨୬ରେ ଏକ ମାମଲା ରୁଜୁ ହୋଇଥିବା ଜଣାପଡ଼ିଛି । ଦୁର୍ଘଟଣା ଘଟାଇ ଫେରାର ହୋଇଥିବା ଅଜଣା ଗାଡ଼ିକୁ ଚିହ୍ନଟ କରିବା ସହ ଚାଳକଙ୍କୁ ଧରିବା ପାଇଁ ପୁଲିସ ପକ୍ଷରୁ ତଦନ୍ତ ଜାରି ରହିଛି ।

# ମଇଁଷି ଚାଲାଣ ଅଭିଯୋଗରେ ଦୁଇଟି ଗାଡ଼ି ସହ ୪ଜଣ ଅଟକ

ଆସିକା (ମହାଭାରତ): ଆସିକା ବିଜୁ ପଟ୍ଟନାୟକ ଛକରେ ମଇଁଷି -ଚାଲାଣ ଅଭିଯୋଗରେ ଦୁଇଟି ଗାଡ଼ି ସହ ୪ଜଣ ଆସିକା ଥାନାରେ ଅଟକ । ଆଜି ସକାଳୁ ଆସିକା ବିଜୁ ପଟ୍ଟନାୟକ ଛକ ନିକଟରେ ଓଡି ୦୨ ବି ଭି ୧୫୧୦ ଓ ଓଆର ୦୭ଏନ ୮୮୭୪ ନମ୍ବର ବିଶିଷ୍ଟ ଦୁଇଟି ଗାଡ଼ିରେ ମଇଁଷି ବୋଝେଇ ହୋଇ ବ୍ରହ୍ମପୁର ଅଭିମୁଖେ ଯାଇଥିବା ସମୟରେ ହଠାତ ସେଥି ମଧ୍ୟରୁ ଗୋଟିଏ ଗାଡି ଷ୍ଟାର୍ଟ ବନ୍ଦ ହୋଇଯାଇଥିଲା । ସେହି ସମୟରେ ଗାଡି ମଧ୍ୟରେ ଥିବା ମଇଁଷି ବୋବାଇଥିଲେ ଫଳରେ ଉକ୍ତ ସ୍ଥାନରେ ଉପସ୍ଥିତ କିଛି ଲୋକ ଗାଡି



ଗୁଡିକୁ ଅଟକାଇ ସେଥିରେ ମୋଟ ୭ଟି ମଇଁଷି ରହିଥିବା ଦେଖିବାକୁ ପାଇ ଆସିକା ପୋଲିସ କୁ ଖବର ଦେଇଥିଲେ ଖବର ପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ଗାଡି ସହ ସେଥିରେ ବୋଝେଇ ହୋଇଥିବା ମଇଁଷି ଗୁଡିକୁ ଜବତ କରିବା ସହ ଆସିକା ପୁଡୁଗେଶ୍ୱର ପଲ୍ଲୀ ସ୍ଥିତ ବୁଢ଼ ତୋଟା ନିକଟରେ ଗାଡ଼ିରୁ ମଇଁଷି ଗୁଡିକୁ ଓଲହାଇଥିଲେ ।ଗାଡ଼ି ଚାଳକଙ୍କ କହିବା ମୁତାବକ ଗୋଟିଏ ଗାଡ଼ି ନୟାଗଡ଼ ଏବଂ ଅନ୍ୟଟି କେନ୍ଦୁପଦରରୁ ଆସି କନିଶି ଅଭିମୁଖେ ଯାଉଥିଲା । କିନ୍ତୁ ସେମାନେ ପୋଲିସ ନିକଟରେ କିଛି ବୈଧ କାଗଜ ପତ୍ର ଦାଖଲ କରିନଥିବା । ଜଣାଯାଇଛି ।ଏନେଇ ଆସିକା ଥାନାରେ ଲିଖିତ ଅଭିଯୋଗ ପରେ ପୋଲିସ ଦୁଇଟି ଗାଡ଼ି ସହ ୪ ଜଣଙ୍କୁ ଆସିକା ଥାନାରେ ଅଟକ ରଖିଛି । ପ୍ରକାଶ ଥାଉକି ଗୋ ମାଫିଆ ମାନେ ନିୟମିତ ଭାବେ ଗଞ୍ଜାମ ସମେତ ପଡୋଶୀ ଜିଲ୍ଲାରୁ ପଡୋଶୀ ରାଜ୍ୟ ଆନ୍ଧ୍ରପ୍ରଦେଶ ଓ କେରଳକୁ ଗୋଟିଏ ବଡ଼ ଗୋ ଚାଲାଣ ରାକେଟ କାମ କରୁଥିବା ଅଭିଯୋଗ ହେଉଛି ।ପୋଲିସ ତୁରନ୍ତ ତଦନ୍ତ କରି ବନ୍ଦ କରିବାକୁ ଦାବୀ ହେଉଛି । ଆସିକା ପୋଲିସ ନିକଟରେ ଲିଖିତ ଅଭିଯୋଗ ପରେ ମଧ୍ୟ ବର୍ତ୍ତମାନ ସୁଦ୍ଧା ମଇଁଷି ଗୁଡିକୁ ବୁଢ଼ ତୋଟାରେ ବାନ୍ଧି ରଖାଯାଇଛି । ଭୋକ ଉପାସରେ ମଇଁଷି ଗୁଡିକ ବିକଳ ରଡି ଛାଡୁଛନ୍ତି.ମଇଁଷି ଗୁଡ଼ିକୁ କେଉଁ ଉଦ୍ଦେଶ୍ୟରେ ନିଆଯାଉଥିଲା ଏବଂ ଚାଲାଣ ସମ୍ପର୍କିତ ନିୟମ ପାଳନ ହୋଇଥିଲା କି ନାହିଁ, ତାହା ପୋଲିସର ତଦନ୍ତ ପରେ ସ୍ପଷ୍ଟ ହେବ ।

# ରାଜ୍ୟ ଅନୁସୂଚିତ ଜାତି କଂଗ୍ରେସର ଅହୋରାତ୍ର ଧାରଣା ଆରମ୍ଭ



**ଭୁବନେଶ୍ୱର:** ଆଜି ସକାଳ ୧୦ ଘଟିକା ସମୟରୁ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଭକ୍ତ ଚରଣ ଦାସଙ୍କ ପରାମର୍ଶ କ୍ରମେ ଉତ୍ତରାଖଣ୍ଡ ରାଜ୍ୟ ହଲଦ୍ୱାନିରେ ରାମଲୀଳା ମୈଦାନ ଶୁଦ୍ଧିକରଣ ଓ ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କ ନାମରେ ଉତ୍ତରାଖଣ୍ଡରେ ହୋଇଥିବା ଏତଲା ବିରୁଦ୍ଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ ଅନୁସୂଚିତ ଜାତି ବିଭାଗ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଭୁବନେଶ୍ୱରର ଧାରଣାସ୍ଥଳରେ ଅହୋରାତ୍ର ଧାରଣା ବିଭାଗର ରାଜ୍ୟ ଅଧକ୍ଷ ଆଇନଜୀବି ମାନସ କୁମାର ମଲ୍ଲିକଙ୍କ ନେତୃତ୍ୱରେ ଆରମ୍ଭ କରାଯାଇଅଛି । ଯେପର୍ଯ୍ୟନ୍ତ ଶୁଦ୍ଧିକରଣରେ ଲିପ୍ତଥିବା ଦକ୍ଷିଣପନ୍ଥି ବିଜେପି ଆରଏସଏସ କର୍ମକର୍ତ୍ତାମାନେ ଆଇନ ଅନୁଯାୟୀ ଦଣ୍ଡିତ ନହୋଇଛନ୍ତି ଏବଂ ଯେପର୍ଯ୍ୟନ୍ତ ଆମ ନେତା ଜନନାୟକ ରାହୁଲ ଗାନ୍ଧୀଙ୍କ ନାମରେ ରୁଜୁ କରାଯାଇଥିବା ଏତଲାକୁ ଉତ୍ତରାଖଣ୍ଡ ସରକାର ରଦ୍ଦ ନକରିଛନ୍ତି, ସେ ପର୍ଯ୍ୟନ୍ତ ଏ ଧାରଣା ଜାରି ରହିବ ବୋଲି ବିଭାଗର ଅଧକ୍ଷ ଆଇନଜୀବି ମାନସ କୁମାର ମଲ୍ଲିକ କହିଛନ୍ତି । ଆଜି ପ୍ରଥମ ଦିନରେ ଧାରଣା ସ୍ଥଳରେ ପୂର୍ବତନ ପ୍ରଦେଶ କଂଗ୍ରେସ କମିଟି ସଭାପତି ଶ୍ରୀ ଜୟଦେବ ଜେନା ଯୋଗଦେଇଦେଶରେ ବର୍ତ୍ତମାନ ଅରାଜକତା ଚାଲିଛି, ଗରିବ ଦଳିତ, ଆଦିବାସୀ ମାନଙ୍କ ସ୍ୱାର୍ଥରକ୍ଷା ପାଇଁ ପାଟି ଖୋଲୁଥିବା ବ୍ୟକ୍ତି ମାନଙ୍କ ନାମରେ ବିଜେପି ସରକାର ଦ୍ୱାରା ମିଥ୍ୟା ମାମଲା କରାଯାଇ ସେମାନଙ୍କୁ ଚୁପ ରହିବା ପାଇଁ ଚାପ ପକାଯାଉଅଛି ବୋଲି ଶ୍ରୀ ଜେନା ମତବ୍ୟକ୍ତ କରିଥିଲେ । ରାଜ୍ୟ କଂଗ୍ରେସର ଅନୁସୂଚିତ ଜାତି ବିଭାଗର ଶତାଧିକ ରାଜ୍ୟ କର୍ମକର୍ତ୍ତା ଓ ଜିଲ୍ଲା ଅଧକ୍ଷମାନେ ଆଜି ଧାରଣାରେ ଯୋଗଦେଇ ନିଜ ନିଜ ବକ୍ତବ୍ୟ ରଖିଥିଲେ । ଆଜିର ଧାରଣାରେ ପୂର୍ବତନ ବିଧାୟକ ଦେବାଶିଷ ପଟ୍ଟନାୟକ, ଆଇୟୁଏନଟିସର ରାଜ୍ୟ ଉପସଭାପତି ସତ୍ୟବ୍ରତ ନାୟକ, ମନୋରଞ୍ଜନ ରାଉତରାୟ, ଶୈଳେନ୍ଦ୍ର ଦାସ, ଯଜାତି ପଟ୍ଟନାୟକ, ଆଦିବାସୀ ବିଭାଗର ରାଜ୍ୟ ସାଧାରଣ ସଂପାଦକ ମୋଟରାଜ ଡୁଙ୍ଗଡୁଙ୍ଗ, ଇଂ ଇମ୍ରାନ ଅଲ୍ଲୀ ଖାନ, ଶିବ ପ୍ରସାଦ ଦାସ, ଅନୁସୂଚିତ ଜାତି ବିଭାଗର ବାଲେଶ୍ୱର ସଭାପତି ବିଧାନ ଜେନା, ପୁରୀ ସଭାପତି ଗୋବିନ୍ଦ ମଲ୍ଲିକ, କଟକ ସଭାପତି ପ୍ରତାପ ମଲ୍ଲିକ, ବରଗଡ଼ ସଭାପତି ଅଭିଷେକ ସେଠ, ଖୋର୍ଦ୍ଧା ସଭାପତି ଜୟନ୍ତ ଭୋଇ, ଭୁବନେଶ୍ୱର ଜମ୍ଭେଶ୍ୱର ମଲ୍ଲିକ, ନୟାଗଡ଼ ସଭାପତି ଯିତେନ୍ଦ୍ର ଦେଲଇ, ବିଭାଗର ରାଜ୍ୟ ଉପାଧକ୍ଷ ଲକ୍ଷ୍ମଣ ଭରାସାଗର, ଆଇନଜୀବି ଭୋକାଲୀ ସେଠୀ, ଆଇନଜୀବି ସଂଜୟ ମଲ୍ଲିକ, ସଚିଦାନନ୍ଦ ନାୟକ, ରାଜେନ୍ଦ୍ର ମଲ୍ଲିକ, ଜ୍ୟୋତି ରଞ୍ଜନ ପରିଡ଼ା ପ୍ରମୁଖ ଯୋଗଦେଇଥିଲେ ।

# ଏକ ଦାମୀ କାର ଗାଡ଼ି ସହିତ ୫୫କେଜି ଗଞ୍ଜେଇ ଜବତ



ଦେବଗଡ଼(ମହାଭାରତ): ଦେବଗଡ଼ ଜିଲ୍ଲା ବାରକୋଟ ଥାନା ପୋଲିସର ସଫଳତା । ଏକ କାର୍ ଯୋଗେ ଗଞ୍ଜେଇ ଚୋରାଚାଲାଣ ବେଳେ ମାଡି ବସିଲା ପୋଲିସ । ୫୫ କେଜି ଗଞ୍ଜେଇ ସମେତ ଏକ ସ୍ୱିଫ୍ଟ ଡିଜାୟାର କାର୍ ଜବତ ହୋଇଛି । ଗଞ୍ଜେଇ ଚୋରାଚାଲାଣ ମାମଲାରେ ଜଣେ ଅଭିଯୁକ୍ତକୁ ପୋଲିସ ଗିରଫ କରିଛି । ଗିରଫ ଅଭିଯୁକ୍ତ ସୁବାସ ପାଣ୍ଡେ ବିହାର ରାଜ୍ୟର ମୂଳ ବାସିନ୍ଦା ହୋଇଥିବା ବେଳେ ସେ ନ୍ୟୁ ଦିଲ୍ଲୀ ଗାଜିପୁର ଅଂଚଳରେ ରହୁଥିବା ପୋଲିସ ସୂଚନା ଦେଇଛି । ସମ୍ବଲପୁର ପଟୁ ରାଉରକେଲା ଅଭିମୁଖେ ଉକ୍ତ କାର୍ ଯୋଗେ ଗଞ୍ଜେଇ ଚୋରାଚାଲାଣ ହେଉଥିଲା । ସିଟ୍ ଭିତରେ ସିକ୍ରେଟ ଚାମ୍ପର କରି ଗଞ୍ଜେଇ ଚାଲାଣ ହେଉଥିବା ବେଳେ ପୋଲିସ ଏହାକୁ ରୋକିବାରେ ସଫଳ ହୋଇଛି । ବାରକୋଟ ଥାନା ସମ୍ମୁଖରେ ଅଟଖାଇ ଯାଂଚ କଲା ପରେ ସିକ୍ରେଟ ଚାମ୍ପରରୁ ଗଞ୍ଜେଇ ମିଳିଥିଲା । ଏକଜିକୁଟିଭ ମାଜିଷ୍ଟ୍ରେଟଙ୍କ ଉପସ୍ଥିତିରେ ଗଞ୍ଜେଇ ଓଜନ କରାଯାଇଥିବା ବେଳେ ଅଭିଯୁକ୍ତକୁ ଆଜି କୋର୍ଟଚାଲାଣ କରାଯାଇଛି ।

# ଗ୍ରାମପଥର କବି ବିନୋଦ ଚନ୍ଦ୍ର ନାୟକଙ୍କ ଜୟନ୍ତୀ ପାଳନ

**ରାଉରକେଲା,:** ଓଡ଼ିଆ ଭାଷା ବିକାଶ ମଞ୍ଚ ଓ ପାନପୋଷ ସ୍ଥିତ ରଘୁନାଥପାଲୀ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଗ୍ରାମପଥ ର କବି ବିନୋଦ ଚନ୍ଦ୍ର ନାୟକଙ୍କ ଜୟନ୍ତୀ ଓ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା ଚକ୍ର ବିଦ୍ୟାଳୟ ପରିସରରେ ପାଳିତ ହୋଇଯାଇଛି । ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନ ଶିକ୍ଷୟିତ୍ରୀ ସବିତା ବସ୍ତିଆଙ୍କ ସଭାପତିତ୍ୱ ରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଜର୍ଣ୍ଣାଲିଷ୍ଟସ ଆସୋସିଏସନର ଉପସଭାପତି ତଥା କବି କୁଞ୍ଜବିହାରୀ ରାଉତ ମୁଖ୍ୟ ଅତିଥି,କବି ଗୌ ।ତମ ଦାସ ସମ୍ମାନିତ ଅତିଥି ଓ ମଞ୍ଚର ସାଧାରଣ ସମ୍ପାଦକ ଆର୍ତ୍ତତ୍ରାଣ ମହାପାତ୍ର ମୁଖ୍ୟବକ୍ତା ଭାବେ ଯୋଗଦେଇ କବି ଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋଚନା କରିଥିଲେ । ଏହି ଅବସରରେ ମୁଖ୍ୟଅତିଥି ଶ୍ରୀ ରାଉତ ତାଙ୍କ ବକ୍ତବ୍ୟରେ କହିଲେ ଯେ ସବୁଜ ଯୁଗ ପରବର୍ତ୍ତୀ ସାହିତ୍ୟିକଙ୍କ ମଧ୍ୟରେ କବି ବିନୋଦଙ୍କ ସ୍ଥାନ ସ୍ୱତନ୍ତ୍ର । ସୌନ୍ଦର୍ଯ୍ୟାନୁଭୂତି,ରୂପପିପାସା, ସୁନ୍ଦର ଭାଷା ତାଙ୍କ କବିତାର ପ୍ରାଣ । ସମ୍ମାନିତ ଅତିଥି ଶ୍ରୀ ଦାସ ତାଙ୍କ ବକ୍ତବ୍ୟରେ କହିଲେ ଯେ କାଳଜୟୀ ସାହିତ୍ୟ ସୃଷ୍ଟି ଦିଗରେ କବି ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲେ ।

# ଭୀମଭୋଇ ମହାବିଦ୍ୟାଳୟର ୫୭ତମ ସ୍ୱନକ୍ଷତ୍ର ଦିବସ

**ରେଢ଼ାଖୋଲ,:**ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ସହରର ସ୍ଥାନୀୟ ଭୀମଭୋଇ ମହାବିଦ୍ୟାଳୟ ପରିସରରେ ଗୁରୁବାର ଦିନ ୫୭ ତମ ପ୍ରତିଷ୍ଠା ଦିବସ ଓ ୩୩ ତମ ଭୀମଭୋଇ ସ୍ମାରକୀ ବକ୍ତୃତାମାଳା ଏକ ଆଧାତ୍ମିକ ଭାବାବେଗ, ସାଂସ୍କୃତିକ ସ୍ପନ୍ଦନ ଓ ଶୈକ୍ଷିକ ପରିବେଶରେ ପାଳିତ ହୋଇଯାଇଛି । ପ୍ରତିଷ୍ଠା ଦିବସର ପ୍ରାରମ୍ଭରେ ପ୍ରଭାତ ସମୟରେ ମହାବିଦ୍ୟାଳୟର ଛାତ୍ର ଓ କର୍ମଚାରୀ ମାନଙ୍କର ଏକ ଦଳ ଭୀମ ଭୋଇଙ୍କ ଦିବ୍ୟତ୍ୱ ଉପଲବ୍ଧିର ପବିତ୍ର ପୀଠ କନ୍ଦରା ଅଭିମୁଖେ ଯାତ୍ରା କରିଥିଲେ । ସେଠାରେ ସାଧୁସନ୍ଥଙ୍କ ଦ୍ୱାରା ପାରମ୍ପରିକ ପୂଜାର୍ଚ୍ଚନା ଓ ରୀତିନୀତି ସମ୍ପନ୍ନ ହେବା ପରେ ପବିତ୍ର ଅଗ୍ନିଶିଖାକୁ ଛାତ୍ରମାନେ ମାରାଥନ୍ ମାଧ୍ୟମରେ ମହାବିଦ୍ୟାଳୟକୁ ଆଣିଥିଲେ ।

# ଫାଶିମାଲ ସିଏଚ୍‌ସିରେ ୫୮ରୁ ୩୪ ପଦ ଖାଳି

## ଚିକିତ୍ସା ପାଇଁ ସମ୍ବଲପୁର-ବୁର୍ଲା ମୁହାଁ ରୋଗୀ

**ସମ୍ବଲପୁର,**

ଗ୍ରାମାଞ୍ଚଳର ଲୋକଙ୍କ ଦ୍ୱାରଦେଶରେ ଉତ୍ତମ ସ୍ୱାସ୍ଥ୍ୟସେବା ପହଞ୍ଚାଇବାକୁ ସରକାରୀ ସ୍ତରରେ ଯୋଜନା ପରେ ଯୋଜନା ହେଉଛି । ସ୍ୱାସ୍ଥ୍ୟସେବା ଭିତ୍ତିଭୂମି ସୁଦୃଢ଼ କରିବା ନାମରେ ବିପୁଳ ଅର୍ଥ ବ୍ୟୟ ହେଉଛି । ହେଲେ ଜମନକିରା ବ୍ଲକର ଫାଶିମାଲ ଅଞ୍ଚଳରେ ସରକାରୀ ସ୍ୱାସ୍ଥ୍ୟସେବାର ବାସ୍ତବ ଚିତ୍ର ଏହି ଦାବିକୁ ପ୍ରଶ୍ନବାଚୀ କରିଛି । ଡାକ୍ତର ନାହାନ୍ତି, ବିଶେଷଜ୍ଞ ନାହାନ୍ତି, ନର୍ସ ଓ ଫାର୍ମାସିଷ୍ଟଙ୍କ ଅଭାବ ରହିଛି । ଏପରିକି ଗ୍ରାମସ୍ତରରେ ଲୋକଙ୍କ ପାଖରେ ପ୍ରାଥମିକ ସ୍ୱାସ୍ଥ୍ୟସେବା ପହଞ୍ଚାଉଥିବା ସ୍ୱାସ୍ଥ୍ୟକର୍ମୀଙ୍କ ପଦବୀ ମଧ ବହୁ ସଂଖ୍ୟାରେ ଖାଲି ପଡିଛି ।ଉପଲବ୍ଧ ସରକାରୀ ତଥ୍ୟ ଅନୁଯାୟୀ, ଫାଶିମାଲ ଅଞ୍ଚଳର ବିଭିନ୍ନ ସ୍ୱାସ୍ଥ୍ୟ ପ୍ରତିଷ୍ଠାନରେ ମୋଟ ୧୮୫ଟି ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୮୯ଟି ପଦବୀ ଖାଲି ପଡ଼ିଛି । ଅର୍ଥାତ୍ ପ୍ରାୟ ୪୮ ପ୍ରତିଶତ ପଦବୀରେ କର୍ମଚାରୀ ନାହାନ୍ତି । ଏହି ମାନବସମ୍ବଳ ଅଭାବର ସିଧା ପ୍ରଭାବ ରୋଗୀ ସେବା ଉପରେ ପଡୁଥିବା ଅଭିଯୋଗ ହେଉଛି । ଫାଶିମାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ମୋଟ





୫୮ଟି ମଞ୍ଜୁରୀପ୍ରାପ୍ତ ପଦବୀ ମଧ୍ୟରୁ ୩୪ଟି ପଦବୀ ଖାଲି । ସୁପରିଣ୍ଟେଣ୍ଡେଣ୍ଟ, ମେଡିସିନ ବିଶେଷଜ୍ଞ, ସ୍ତ୍ରୀ ଓ ପ୍ରସୂତି ରୋଗ ବିଶେଷଜ୍ଞ, ସର୍ଜରୀ ବିଶେଷଜ୍ଞ, ଦନ୍ତ ଚିକିତ୍ସକ ଓ ବିପିଏଚ୍ଓ ଭଳି ଗୁରୁତ୍ୱପୂର୍ଣ୍ଣ ପଦବୀ ଶୂନ୍ୟ ରହିଛି । ସବୁଠାରୁ ଚିନ୍ତାଜନକ ସ୍ଥିତି ଏଲ୍‌ଟିଆରଏମ୍ଓ ପଦବୀରେ । ମଞ୍ଜୁରୀପ୍ରାପ୍ତ ୧୫ଟି ପଦବୀ ମଧ୍ୟରୁ ମାତ୍ର ୨ ଜଣ କାର୍ଯ୍ୟରତ ଥିବାବେଳେ ୧୩ଟି ପଦବୀ ଖାଲି । କେବଳ ଶିଶୁରୋଗ ବିଶେଷଜ୍ଞ ପଦବୀରେ ଜଣେ ଡାକ୍ତର ନିୟୋଜିତ ଅଛନ୍ତି । ନର୍ସିଂ ଅଫିସରଙ୍କ ୯ଟି ପଦବୀରୁ ୩ଟି ଏବଂ ସଫେଇ କର୍ମଚାରୀଙ୍କ ୪ଟିଯାକ ପଦବୀ ଖାଲି । ଏଭଳି ସ୍ଥିତିରେ ଉପଲବ୍ଧ କର୍ମଚାରୀଙ୍କ ଉପରେ ଅତିରିକ୍ତ କାର୍ଯ୍ୟଭାର ପଡୁଥିବାବେଳେ ରୋଗୀସେବାର ଗୁଣବତ୍ତା ନେଇ ମଧ୍ୟ ପ୍ରଶ୍ନ ଉଠୁଛି ।ଫାଶିମାଲ ସିଏଚ୍‌ସିର ସ୍ଥିତି ଯଦି ଚିନ୍ତାଜନକ, ତେବେ ଏହା ଅଧୀନସ୍ଥ ପିଏଚ୍‌ସିଗୁଡ଼ିକର ଚିତ୍ର ଆହୁରି ଗମ୍ଭୀର ।ଜମନକିରା ନୂତନ ପିଏଚ୍‌ସି: ୮ଟି ପଦବୀରୁ ୬ଟି ଖାଲି । ମେଡିକାଲ ଅଫିସର, ଫାର୍ମାସି ଅଫିସର, ଆୟୁଷ ଡାକ୍ତର ଓ ସଫେଇ କର୍ମଚାରୀ ପଦବୀ ଶୂନ୍ୟ । ମାତ୍ର ଜଣେ ନର୍ସିଂ ଅଫିସର ଓ ଜଣେ ଏଏନ୍ଏମ୍‌ଙ୍କ ଉପରେ କେନ୍ଦ୍ରର ସେବା ନିର୍ଭରଶୀଳ ।ବଞ୍ଜାରି ପିଏଚ୍‌ସିରେ ୬ଟି ପଦବୀରୁ ୫ଟି ଖାଲି । କେବଳ ଜଣେ ଏଏସ୍ଏମ୍ କାର୍ଯ୍ୟରତ । ଡାକ୍ତର କିମ୍ବା ଫାର୍ମାସିଷ୍ଟ ନାହାନ୍ତି ।ଭୋଜପୁର ପିଏଚ୍‌ସିରେ ୪ଟି ପଦବୀରୁ ୩ଟି ଖାଲି । କେବଳ ଜଣେ ମେଡିକାଲ ଅଫିସର କାର୍ଯ୍ୟରତ ।ସେହିପରି କେନାଡିପା ପିଏଚ୍‌ସିରେ ୬ଟି ପଦବୀରୁ ୨ଟି ଖାଲି । ଏଥିରେ ମେଡିକାଲ ଅଫିସର ଓ ଫାର୍ମାସିଷ୍ଟ ପଦବୀ ମଧ୍ୟ ରହିଛି ।କୁଲୁଣ୍ଡି ପିଏଚ୍‌ସି ଅବସ୍ଥା ମଧ୍ୟ ତଦ୍ରୂପ ।୬ଟି ପଦବୀରୁ ୫ ଜଣ କର୍ମଚାରୀ କାର୍ଯ୍ୟରତ ଥିବାବେଳେ ଫାର୍ମାସି ଅଫିସର ପଦବୀ ଖାଲି ରହିଛି ।ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକରେ ମାନବସମ୍ବଳ ଅଭାବ ସହ କ୍ଷେତ୍ରସ୍ତରୀୟ ସ୍ୱାସ୍ଥ୍ୟସେବା ମଧ୍ୟ ପ୍ରଭାବିତ ହୋଇଛି । ଫାଶିମାଲ ଅଧୀନରେ ଥିବା MPHW-Malରଙ୍କ ୩୯ଟି ପଦବୀରୁ ୨୮ଟି ଖାଲି । ସେହିପରି ପୁରୁଷ ଓ ମହିଳା ସ୍ୱାସ୍ଥ୍ୟ ପରିଦର୍ଶକଙ୍କ ୩ଟି ଲେଖାଏଁ ପଦବୀ ମଧ୍ୟ ଖାଲି ରହିଛି ।ଗ୍ରାମାଞ୍ଚଳରେ ଟିକାକରଣ, ରୋଗ ପ୍ରତିରୋଧ, ସ୍ୱାସ୍ଥ୍ୟ ସଚେତନତା, ଘରକୁ ଘର ସ୍ୱାସ୍ଥ୍ୟସେବା ଓ ସ୍ୱାସ୍ଥ୍ୟ ସର୍ବେକ୍ଷଣ ଭଳି କାର୍ଯ୍ୟ ଏହି କର୍ମଚାରୀଙ୍କ ଉପରେ ନିର୍ଭର କରୁଥିବାରୁ ପଦବୀ ଖାଲି ରହିବାର ପ୍ରଭାବ ତୃଣମୂଳସ୍ତରରେ ଅନୁଭୂତ ହେଉଛି ।ସ୍ଥାନୀୟ ସ୍ୱାସ୍ଥ୍ୟକେନ୍ଦ୍ରରେ ଆବଶ୍ୟକ ଡାକ୍ତର ଓ ବିଶେଷଜ୍ଞ ନଥିବାରୁ ଗୁରୁତର ରୋଗୀଙ୍କ ସମେତ ଅନେକ ରୋଗୀଙ୍କୁ ଚିକିତ୍ସା ପାଇଁ ସମ୍ବଲପୁର କିମ୍ବା ବୁର୍ଲା ଯିବାକୁ ପଡୁଥିବା ସ୍ଥାନୀୟ ଲୋକେ କହିଛନ୍ତି । ଦୁର୍ଗମ ଗ୍ରାମାଞ୍ଚଳର ଗରିବ ଲୋକଙ୍କ ପାଇଁ ଏହି ଦୂରତା ଚିକିତ୍ସା ଖର୍ଚ୍ଚ ସହିତ ଯାତାୟାତ ଖର୍ଚ୍ଚର ଅତିରିକ୍ତ ବୋଝ ସୃଷ୍ଟି କରୁଛି । ଦୀର୍ଘଦିନ ଧରି ଖାଲି ପଡ଼ିଥିବା ଡାକ୍ତର, ବିଶେଷଜ୍ଞ, ନର୍ସିଂ ଅଫିସର, ଫାର୍ମାସିଷ୍ଟ ଓ ସ୍ୱାସ୍ଥ୍ୟକର୍ମୀଙ୍କ ପଦବୀଗୁଡ଼ିକୁ ତୁରନ୍ତ ପୂରଣ କରିବାକୁ ସ୍ଥାନୀୟ ଜନସାଧାରଣ ଓ ବୁଦ୍ଧିଜୀବୀ ମହଲରୁ ଦାବି ହୋଇଛି । ଗ୍ରାମାଞ୍ଚଳର ସ୍ୱାସ୍ଥ୍ୟକେନ୍ଦ୍ରଗୁଡ଼ିକୁ କେବଳ ଭିତ୍ତିଭୂମି ନୁହେଁ, ଆବଶ୍ୟକ ମାନବସମ୍ବଳ ଯୋଗାଇ ସକ୍ରିୟ କରିବା ଉପରେ ସରକାର ଗୁରୁତ୍ୱ ଦେବା ଆବଶ୍ୟକ ବୋଲି ମତ ପ୍ରକାଶ ପାଇଛି ।ଏ ସଂକ୍ରାନ୍ତରେ ଫାଶିମାଲ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ସୁପରିଣ୍ଟେଣ୍ଡେଣ୍ଟ ଡାକ୍ତର ହରିଶ ଚନ୍ଦ୍ର ବାଘଙ୍କୁ ଯୋଗାଯୋଗ କରିବାରୁ ସେ କହିଛନ୍ତି ଯେ, ସ୍ୱୀକୃତ ପଦବୀ ତଥ୍ୟ ଅନୁଯାୟୀ ବର୍ତ୍ତମାନ ମାନବସମ୍ବଳର ସ୍ଥିତି ଶୋଚନୀୟ ରହିଛି । ଖାଲି ପଦବୀଗୁଡ଼ିକ ସମ୍ପର୍କରେ ମନ୍ତ୍ରୀ, ନେତା ଓ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ବାରମ୍ବାର ଅବଗତ କରାଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଆବଶ୍ୟକ ପ୍ରତିକାର ହୋଇନଥିବା ସେ କହିଛନ୍ତି ।

# ୧୪,୧୬୬ କୋଟିର ଗହମ ରପ୍ତାନି ସୁଯୋଗ

ନୂଆଦିଲ୍ଲୀ:ଭାରତପାଇଁ ସଂପ୍ରତି ୧.୫ ବିଲିଅନ ଡଲାର ( ପ୍ରାୟ ୧୪,୧୬୬ କୋଟି ଟଙ୍କା) ମୂଲ୍ୟର ଗହମ ରପ୍ତାନି ସୁଯୋଗ ରହିଛି। ଶିଳ୍ପ ସଂଘ ଆସୋଚାମ୍ ପକ୍ଷରୁ ଏହା କୁହାଯାଇଛି।


ଆସୋଚାମ୍ ରିପୋର୍ଟରେ କୁହାଯାଇଛି ଯେ ଭାରତରେ ରେକର୍ଡ ଗହମ ଉତ୍ପାଦନ ହୋଇଛି। ଏଥିସହ ଦେଶରେ ପର୍ଯ୍ୟାପ୍ତ ମାତ୍ରାରେ ଗହମ ବି ଗଚ୍ଛିତ ରହିଛି। ଅନ୍ୟପକ୍ଷରେ ବିଶ୍ୱର ବିଭିନ୍ନ ପ୍ରମୁଖ ଗହମ ଆମଦାନିକାରୀ ଦେଶଗୁଡ଼ିକ ନୂଆ ନୂଆ ସ୍ଥାନରୁ ଏହାକୁ ଆମଦାନି କରିବା ପାଇଁ ଅନ୍ୱେଷଣ କରୁଛନ୍ତି। ଏଥିଯୋଗୁ ଗୋଟିଏ ପଟେ ଦେଶର ଖାଦ୍ୟ ସୁରକ୍ଷା ପୂରଣ ସହିତ ବିଦେଶ ବଜାରର ଚାହିଦା ପୂରଣ କରିବାରେ ଭାରତର ବଳକା ଗହମ ସହାୟକ ହେବ। ୪ ବର୍ଷର କଟକଣା ପରେ ସରକାର ୨୦୨୬ରେ ଧୀରେ ଧୀରେ ଗହମ ରପ୍ତାନିକୁ ମଧ୍ୟ ଉନ୍ମୁକ୍ତ କରିଛନ୍ତି।



ସୂଚନା ଅନୁଯାୟୀ, ଭାରତ ୨୦୨୫-୨୬ରେ ରେକର୍ଡ ୧୨୦.୭ ନିୟୁତ ଟନ ଗହମ ଉତ୍ପାଦନ କରି ବିଶ୍ୱର ଦ୍ୱିତୀୟ ବୃହତ୍ ଗହମ ଉତ୍ପାଦନକାରୀ ଦେଶ ସ୍ଥାନ ବଜାୟ ରଖିଥିଲା। ଜୁଲାଇ ପହିଲା ସୁଦ୍ଧା କେନ୍ଦ୍ରୀୟ ଗୋଦାମରେ ୨୭.୫୮ ନିୟୁତ ଟନ ବଫର ଷ୍ଟକ ଆକାରରେ ରହିବାର ନିୟମ ଥିବାବେଳେ ମେ ୨୮ ସୁଦ୍ଧା ଏହା ୫୧.୩ ନିୟୁତ ଟନ୍‌ରେ ଥିଲା। ସରକାର ମଧ୍ୟ ଗହମ ରପ୍ତାନି ନୀତିରେ ପରିବର୍ତ୍ତନ ଆଣିଛନ୍ତି। କେତେକ କିସମର ଗହମ, ଅଟା ଏବଂ ଏସଂକ୍ରାନ୍ତ ଉତ୍ପାଦକୁ ସରକାର କଟକଣା ବର୍ଗରୁ କାଢ଼ି ମୁକ୍ତ ବର୍ଗରେ ରଖିଛନ୍ତି। ଏଥିସହିତ ଭାରତ ଓ ବିଦେଶ ବଜାରରେ ଗହମ ମୂଲ୍ୟରେ ଟନ୍ ପିଛା ପାଖାପାଖି ୩୫ ଡଲାର ପାର୍ଥକ୍ୟ ରହିଛି। ଏହା ଭାରତୀୟ ଉତ୍ପାଦନକାରୀମାନଙ୍କୁ ରପ୍ତାନି କରିବା ଲାଗି ସହାୟକ ହେବ।

ଭାରତ ପାଇଁ ପଡ଼ୋଶୀ ବାଂଲାଦେଶକୁ ଗହମ ରପ୍ତାନି ସୁଯୋଗ ସବୁଠୁ ଅଧିକ ରହିଛି। ୨୦୨୪-୨୫ରେ ବାଂଲାଦେଶ ଭାରତରୁ ୬.୭ ନିୟୁତ ଟନ ଗହମ ଆମଦାନି କରିଥିଲା। ଏଥିସହିତ ଇଜିପ୍ଟ, ଇଣ୍ଡୋନେସିଆ, ଆଲଜେରିଆ, ମରକ୍କୋ ଏବଂ ଫିଲିପାଇନ୍ସ ଭଳି ଦେଶ ନୂଆ ନୂଆ ବଜାର ଅନୁସନ୍ଧାନ କରୁଥିବାରୁ ଭାରତୀୟ ରପ୍ତାନିକାରୀଙ୍କ ପାଇଁ ସେସବୁ ବଜାରରେ ସୁଯୋଗ ରହିଛି। ୨୦୨୫-୨୬ରେ ବିଶ୍ୱରେ ରେକର୍ଡ ୮୪୩.୮ ନିୟୁତ ଟନ ଗହମ ଉତ୍ପାଦନ ହୋଇଥିଲା। କିନ୍ତୁ ପାଣିପାଗଜନିତ ସମସ୍ୟା କାରଣରୁ ୨୦୨୬-୨୭ରେ ଏହା ୮୧୯ ନିୟୁତ ଟନକୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି। ତେବେ ଦୀର୍ଘଦିନ ଧରି ଭାରତକୁ ଗହମ ରପ୍ତାନି କ୍ଷେତ୍ରରେ ନିଜର ସ୍ଥିତି ବଜାୟ ରଖିବାକୁ ହେଲେ ଅନେକ କିଛି ପଦକ୍ଷେପ ନେବାକୁ ହେବ ବୋଲି ଆସୋଚାମ୍ ରିପୋର୍ଟରେ କୁହାଯାଇଛି।

# କୋଲକାତା ବିମାନବନ୍ଦରରେ ବୋମା ଆତଙ୍କ




କୋଲକାତା : କୋଲକାତା ବିମାନବନ୍ଦରରେ ଶୁକ୍ରବାର ସନ୍ଧ୍ୟାରେ ବୋମା ଆତଙ୍କ ସୃଷ୍ଟି ହୋଇଥିଲା । ଗୋରଖପୁର ଅଭିମୁଖେ ଉଡ଼ାଣ ପାଇଁ ପ୍ରସ୍ତୁତ ଥିବା ଏକ ଇଣ୍ଡିଗୋ ବିମାନର ଶୌଚାଳୟରୁ ବୋମା ଥିବା ନେଇ ଏକ ଚିଠି ମିଳିବା ପରେ ଯାତ୍ରୀଙ୍କ ମଧ୍ୟରେ ଭୟ ସୃଷ୍ଟି ହୋଇଥିଲା । ବିମାନର ଶୌଚାଳୟରେ ଥିବା ଟଏଲେଟ୍ ପେପର୍ ରୋଲ୍ ଭିତରେ ଏକ ଟିସୁ ପେପର୍‌ରେ ବୋମା ସମ୍ପର୍କିତ ଧମକ ଲେଖାଯାଇଥିଲା ।

ଘଟଣା ଜଣାପଡ଼ିବା ପରେ ବିମାନରୁ ସମସ୍ତ ଯାତ୍ରୀଙ୍କୁ ତୁରନ୍ତ ଓହ୍ଲାଇ ଦିଆଯାଇଥିଲା । ବିମାନର ଉଡ଼ାଣ ବନ୍ଦ କରି ଏହାର ବ୍ୟାପକ ତଲାସୀ କରାଯାଇଥିଲା । ସିଆଇଏସ୍ଏଫ୍ ଯବାନ, ବୋମା ନିଷ୍କ୍ରିୟକାରୀ ଦଳ ଓ ସନ୍ଧାନୀ କୁକୁରଙ୍କ ସହାୟତାରେ ଯାଞ୍ଚ କରାଯାଇଥିଲା । ବିମାନବନ୍ଦରର ଜଣେ ଅଧିକାରୀ କହିଛନ୍ତି ଯେ, ଏଭଳି ଧମକକୁ ଗୁରୁତ୍ୱର ସହ ନିଆଯାଇଥିବାରୁ ଯାତ୍ରୀମାନଙ୍କୁ ଓହ୍ଲାଇ ଦିଆଯାଇଥିଲା ଏବଂ ବିମାନର ଉଡ଼ାଣ ତୁରନ୍ତ ବନ୍ଦ କରାଯାଇଥିଲା । ଆବଶ୍ୟକ ସୁରକ୍ଷା ଯାଞ୍ଚ ଓ ଅନ୍ୟାନ୍ୟ ପଦକ୍ଷେପ ଜାରି ରହିଥିଲା । ତେବେ ତଲାସୀ ପରେ ବିମାନଟି କେତେବେଳେ ଗୋରଖପୁର ଅଭିମୁଖେ ଉଡ଼ିବ, ସେନେଇ ତତ୍କାଳ କୌଣସି ସ୍ପଷ୍ଟତା ମିଳିନଥିଲା ।

# ଭକ୍ତଙ୍କ ସମର୍ଥନ ଲୋଡ଼ିଲେ ରାମମନ୍ଦିର ଟ୍ରଷ୍ଟର ପ୍ରଥମ ସିଇଓ ଜିତେନ୍ଦ୍ର ମିଶ୍ର

ଅଯୋଧ୍ୟା: ଶ୍ରୀରାମ ଜନ୍ମଭୂମିତୀର୍ଥ କ୍ଷେତ୍ର ଟ୍ରଷ୍ଟର ନବନିଯୁକ୍ତ ପ୍ରଥମ ସିଇଓ ଅବସରପ୍ରାପ୍ତ ଏୟାର୍ ମାର୍ଶାଲ୍ ଜିତେନ୍ଦ୍ର ମିଶ୍ର ରାମଭକ୍ତଙ୍କ ସମର୍ଥନ ଓ ଆଶୀର୍ବାଦ ଲୋଡ଼ିଛନ୍ତି। ଟ୍ରଷ୍ଟର ପରିଚାଳନାରେ ନିକଟରେ ବଡ଼ ପରିବର୍ତ୍ତନ ପରେ ଶୁକ୍ରବାର ଅଯୋଧ୍ୟାର ବୈଦେହୀ ଭବନରେ ଅନୁଷ୍ଠିତ ପ୍ରଥମ ବୈଠକ ପରେ ସାମ୍ବାଦିକଙ୍କୁ ମିଶ୍ର କହିଛନ୍ତି ଯେ, ଟ୍ରଷ୍ଟ ପକ୍ଷରୁ ପ୍ରସ୍ତୁତ ନୂଆ ରଣନୀତିର ପ୍ରଭାବ ଖୁବ୍‌ଶୀଘ୍ର ଦେଖାଯିବ। ମିଶ୍ର କହିଛନ୍ତି, ରାମଭକ୍ତଙ୍କ ଆସ୍ଥା ଓ ଆଶୀର୍ବାଦ ତାଙ୍କ ପାଇଁ ବହୁତ ଗୁରୁତ୍ୱପୂର୍ଣ୍ଣ। କିଛି ସମୟ ଦେବାକୁ ସେ ଭକ୍ତମାନଙ୍କୁ ଅନୁରୋଧ କରିବା ସହ ସେମାନଙ୍କ ଆଶୀର୍ବାଦ ଓ ବିଶ୍ୱାସ ସହ ଆଗକୁ ବଢ଼ିବେ ବୋଲି କହିଛନ୍ତି। ମନ୍ଦିରର କାର୍ଯ୍ୟପ୍ରଣାଳୀ ସହ ସେ ଏବେ ପରିଚିତ ହେଉଛନ୍ତି। ଟ୍ରଷ୍ଟର ସଦସ୍ୟମାନଙ୍କୁ ଭେଟିବା ଓ ରାମମନ୍ଦିର ପରିଦର୍ଶନ କରିବା ପରେ ସେ ନିଜ ଯୋଜନାକୁ କାର୍ଯ୍ୟକାରୀ କରିବା ଆରମ୍ଭ କରିଛନ୍ତି। ଏହାର ଫଳ କିଛି ଦିନ ମଧ୍ୟରେ ଦୃଶ୍ୟମାନ ହେବ ବୋଲି ସେ କହିଛନ୍ତି। ବୈଦେହୀ ଭବନରେ ହୋଇଥିବା ବୈଠକରେ ଟ୍ରଷ୍ଟର ବିଭିନ୍ନ କାର୍ଯ୍ୟ ସହ ଜଡ଼ିତ ପକ୍ଷଙ୍କ ମଧ୍ୟରେ ସମନ୍ୱୟ ଏବଂ ଆଗାମୀ କାର୍ଯ୍ୟପନ୍ଥା ନେଇ ଆଲୋଚନା ହୋଇଥିଲା। ଭକ୍ତଙ୍କ ପାଇଁ ବ୍ୟବସ୍ଥା, ଟ୍ରଷ୍ଟର କାର୍ଯ୍ୟରେ ସ୍ୱଚ୍ଛତା, ସୁବିଧା ଓ ସୁରକ୍ଷା ଉପରେ ମଧ୍ୟ ଚର୍ଚ୍ଚା କରାଯାଇଥିଲା। ଆଗାମୀ ପର୍ବପର୍ବାଣି ପାଇଁ ପ୍ରସ୍ତୁତି ନେଇ ବି ଆଲୋଚନା ହୋଇଛି। ଟ୍ରଷ୍ଟର ସାଧାରଣ ସମ୍ପାଦକ ଗୋବିନ୍ଦ ଦେବ ଗିରି ଉପସ୍ଥିତ ଥିବାବେଳେ ଅନ୍ୟ କେତେକ ସଦସ୍ୟ ଭିଡିଓ କନ୍‌ଫରେନ୍ସିଂ ମାଧ୍ୟମରେ ଯୋଗ ଦେଇଥିଲେ। ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତିଗୁଡ଼ିକ ଗଣମାଧ୍ୟମକୁ ମଧ୍ୟ ଜଣାଇ ଦିଆଯିବ ବୋଲି ମିଶ୍ର କହିଛନ୍ତି। ଗତ ବୁଧବାର ମିଶ୍ରଙ୍କୁ ଟ୍ରଷ୍ଟର ପ୍ରଥମ ସିଇଓ ଭାବେ ନିଯୁକ୍ତ କରାଯାଇଥିଲା। ଗୋବିନ୍ଦ ଦେବ ଗିରିଙ୍କୁ ନୂଆ ସାଧାରଣ ସମ୍ପାଦକ ଏବଂ ଦିଲ୍ଲୀର ମହେଶ ଭଗଚନ୍ଦକାଙ୍କୁ କୋଷାଧ୍ୟକ୍ଷ କରାଯାଇଛି। ଅଯୋଧ୍ୟାର ମଦନ ମୋହନ ପାଣ୍ଡେ, ଶିକୋହାବାଦର ଡାକ୍ତର ନିର୍ମଳା ଯାଦବ ଓ ଭଗଚନ୍ଦକାଙ୍କୁ ନୂଆ ଟ୍ରଷ୍ଟି ଭାବେ ସାମିଲ କରାଯାଇଛି। ନିର୍ମଳା ଯାଦବ ଟ୍ରଷ୍ଟର ପ୍ରଥମ ମହିଳା ସଦସ୍ୟ ହୋଇଛନ୍ତି।



# ଏସ୍ଆଇଆର୍ ଆଇନସମ୍ମତ, କିନ୍ତୁ ନ୍ୟାୟସଙ୍ଗତ ନୁହେଁ: ପୂର୍ବତନ ନିର୍ବାଚନ କମିସନର

ନୂଆଦିଲ୍ଲୀ: ଦେଶର ବିଭିନ୍ନ ରାଜ୍ୟରେ ଚାଲିଥିବା ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନ (ଏସ୍ଆଇଆର୍) ପ୍ରକ୍ରିୟାକୁ ନେଇ ପ୍ରଶ୍ନ ଉଠାଇଛନ୍ତି ପୂର୍ବତନ ନିର୍ବାଚନ କମିସନର ଅଶୋକ ଲବାସା। ସେ କହିଛନ୍ତି, ଏସ୍ଆଇଆର୍ ଆଇନସମ୍ମତ ହୋଇପାରେ, କିନ୍ତୁ ଏହା ନ୍ୟାୟସଙ୍ଗତ କି ନୁହେଁ, ତାହା ହିଁ ମୁଖ୍ୟ ପ୍ରଶ୍ନ। ଗୁରୁବାର ନୂଆଦିଲ୍ଲୀରେ ଏସୋସିଏସନ୍ ଫର୍ ଡିମୋକ୍ରାଟିକ୍ ରିଫର୍ମ୍ସ (ଏଡିଆର୍) ପକ୍ଷରୁ ଆୟୋଜିତ ପ୍ରଫେସର ଜଗଦୀପ ସିଂହ ଛୋକର ସ୍ମୃତି ବକ୍ତୃତାରେ ଯୋଗଦେଇ ଲବାସା ଏହି ମନ୍ତବ୍ୟ ଦେଇଛନ୍ତି। ସେ କହିଛନ୍ତି, ନ୍ୟାୟପାଳିକା ଏସ୍ଆଇଆର୍‌କୁ ବୈଧ ବୋଲି ମାନିଛନ୍ତି ଏବଂ ସରକାର ମଧ୍ୟ ଏହା ଆଇନସମ୍ମତ ବୋଲି କହୁଛନ୍ତି। ତେବେ ଆଇନ ପାଳନ କରିବା ସହ ଏହାର ମର୍ମକୁ ମଧ୍ୟ ସୁରକ୍ଷା ଦେବା ଆବଶ୍ୟକ। ଲବାସାଙ୍କ ମତରେ, ଏସ୍ଆଇଆର୍ ଲକ୍ଷ ଲକ୍ଷ ଲୋକଙ୍କ ଉପରେ ଲଦି ଦିଆଯାଇଥିବା ଏକ ଅନୁଚିତ ପ୍ରକ୍ରିୟା। ବୈଧାନିକ ସଂସ୍ଥା, ସାମ୍ବିଧାନିକ ସଂସ୍ଥା ଓ ସରକାର 'ଯାହା କରୁଛନ୍ତି ତାହା ଆଇନସମ୍ମତ, ତେଣୁ ଠିକ୍' ବୋଲି ଧାରଣାରେ କାମ କରିବା ଉଚିତ ନୁହେଁ। 'ଜୋର୍ ଯାର ମୁଲକ ତାର' ଚିନ୍ତାଧାରା ଏବେ ପୁରୁଣା ହୋଇଯାଇଛି ବୋଲି ସେ କହିଛନ୍ତି। ଭୋଟର ତାଲିକାରୁ ପ୍ରାୟ ୧୩ କୋଟି ନାଁ ବାଦ୍ ପଡ଼ିବା ନେଇ ମଧ୍ୟ ଲବାସା ପ୍ରଶ୍ନ ଉଠାଇଛନ୍ତି। ଏଭଳି ବ୍ୟାପକ ସଂଶୋଧନ ଯୋଗୁଁ କୌଣସି ଯୋଗ୍ୟ ଭୋଟର ଗଣତାନ୍ତ୍ରିକ ପ୍ରକ୍ରିୟାରୁ ଯେପରି ବାଦ୍ ନ ପଡ଼ନ୍ତି, ସେଥିପାଇଁ ପର୍ଯ୍ୟାପ୍ତ ଉଦ୍ୟମ ହେଉଛି କି ବୋଲି ସେ ପଚାରିଛନ୍ତି। ଦେଶର ପ୍ରାୟ ୩୩ ପ୍ରତିଶତ ଲୋକ ଭୋଟ ଦିଅନ୍ତି ନାହିଁ ଏବଂ ଏଭଳି ପଦକ୍ଷେପ ଲୋକଙ୍କୁ ଗଣତାନ୍ତ୍ରିକ ପ୍ରକ୍ରିୟାଠାରୁ ଆହୁରି ଦୂରେଇ ଦେଇପାରେ ବୋଲି ସେ ଆଶଙ୍କା ପ୍ରକାଶ କରିଛନ୍ତି। ବିହାରରେ ଏସ୍ଆଇଆର୍ ପ୍ରସ୍ତୁତି ସମୟରେ ନିର୍ବାଚନ କମିସନଙ୍କ ଅଧିକାରୀମାନେ ବାଂଲାଦେଶ, ନେପାଳ ଓ ମ୍ୟାନ୍ମାରର କେତେକ ନାଗରିକଙ୍କୁ ଚିହ୍ନଟ କରିଥିବା ଦାବି କରିଥିଲେ। ତେବେ ଭୋଟର ତାଲିକାରେ ରହିବାକୁ ଅଯୋଗ୍ୟ ଏଭଳି ବ୍ୟକ୍ତିଙ୍କ ସଂଖ୍ୟା କିମ୍ବା ପ୍ରମାଣ କମିସନ ପ୍ରକାଶ କରିନଥିଲେ। ଏହି ଦାବିକୁ ନେଇ ବିରୋଧୀ ଦଳଗୁଡ଼ିକ ମଧ୍ୟ ଏସ୍ଆଇଆର୍‌ର ଉଦ୍ଦେଶ୍ୟ ଉପରେ ପ୍ରଶ୍ନ ଉଠାଇଛନ୍ତି।



# ଅଭିଷେକ ବାନାର୍ଜୀଙ୍କ ଅଫିସ୍ ଥିବା କୋଲକାତା କୋଠା ଆଂଶିକ ଖାଲି କରିବାକୁ ନିର୍ଦ୍ଦେଶ

କୋଲକାତା : କେନ୍ଦ୍ରୀୟ କୋଲକାତାରେ ଟିଏମ୍‌ସି ନେତା ଅଭିଷେକ ବାନାର୍ଜୀଙ୍କ ଅଫିସ୍ ଥିବା ଏକ ସୁଉଚ୍ଚ କୋଠାର ବେସମେଣ୍ଟ ଏବଂ ୨ଟି ମହଲା ଖାଲି କରିବା ପାଇଁ ପଶ୍ଚିମବଙ୍ଗ ଅଗ୍ନିଶମ ବିଭାଗ ନିର୍ଦ୍ଦେଶ ଦେଇଛି। ଅଗ୍ନି ନିରାପତ୍ତା ପଦକ୍ଷେପ ଅଭାବରୁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ ହୋଇଛି। ଉଲ୍ଲେଖଯୋଗ୍ୟ, ଅଭିଷେକଙ୍କ କାମାକ ଷ୍ଟ୍ରିଟ୍ ଅଫିସ୍‌ରେ ଭଙ୍ଗାରୁଜା ହେବାର ଦିନକ ପରେ ଏହି ଘଟଣା ଘଟିଛି । ଟିଏମ୍‌ସି ବିଜେପି ସହ ଜଡ଼ିତ ଲୋକଙ୍କୁ ଏହି ଆକ୍ରମଣ ପାଇଁ ଦାୟୀ କରିଥିବାବେଳେ ଶାସକ ଦଳ ଦ୍ୱାରା ଏହି ଅଭିଯୋଗକୁ ଖଣ୍ଡନ କରାଯାଇଛି । ତେବେ ସପ୍ତାହକ ତଳେ କର୍ତ୍ତୃପକ୍ଷ ଏହି କୋଠାରୁ ଟିଏମ୍‌ସିର ଏକ ବିଲ୍‌ବୋର୍ଡ କାଢ଼ି ନେଇଥିଲେ । ଏହି ସମୟରେ ବାନାର୍ଜୀଙ୍କ ଅଫିସ୍‌ର ଘରୋଇ ସୁରକ୍ଷାକର୍ମୀ, ତାଙ୍କ ସମର୍ଥକ ଓ କିଛି ଦଳୀୟ ନେତା ପୁଲିସ ଓ କୋଲକାତା ପୌର ନିଗମର ଅଧିକାରୀଙ୍କ ସହ ସଂଘର୍ଷ କରିଥିଲେ । କୋଠାର ବେସମେଣ୍ଟ, ଷଷ୍ଠ ଓ ସପ୍ତମ ମହଲାକୁ ଖାଲି କରିବା ପାଇଁ ଏହାର ମାଲିକଙ୍କୁ ଏକ ନୋଟିସ୍ ପଠାଯାଇଛି । ପୁଲିସ ଓ ଅଗ୍ନିଶମ ଅଧିକାରୀମାନେ କୋଠାରେ ପ୍ରତି ମହଲାକୁ ଯାଇ ଅଗ୍ନି ନିରାପତ୍ତା ଯାଞ୍ଚ କରିବାପରେ ଏହି ପଦକ୍ଷେପ ଗ୍ରହଣ କରାଯାଇଛି ।



# ମ୍ୟାମାର ଯାତ୍ରୀବାହୀ ବିମାନରେ ଡ୍ରୋନ୍ ଆକ୍ରମଣ

ନୂଆଦିଲ୍ଲୀ: ମ୍ୟାମାରରେ ଏକ ଯାତ୍ରୀବାହୀ ବିମାନ ଉପରେ ଫେବ୍ରୁଆରି ୨୦ରେ ହୋଇଥିବା ଡ୍ରୋନ୍ ଆକ୍ରମଣରେ ଜଣେ ଆମେରିକୀୟ ଓ ୬ ଜଣ ୟୁକ୍ରେନୀୟ ନାଗରିକଙ୍କ ସମ୍ପୃକ୍ତି ଥିବା ଦାବି କରିଛି ଜାତୀୟ ତଦନ୍ତକାରୀ ସଂସ୍ଥା (ଏନ୍ଆଇଏ)। ଏହି ୭ ଜଣଙ୍କୁ ଭାରତ ବିରୋଧରେ ଆତଙ୍କବାଦୀ କାର୍ଯ୍ୟକଳାପ ଷଡ଼ଯନ୍ତ୍ର ଅଭିଯୋଗରେ ମାର୍ଚ୍ଚରେ ଗିରଫ କରାଯାଇଥିଲା। ସେମାନେ ଏବେ ଦିଲ୍ଲୀର ତିହାର ଜେଲ୍‌ରେ ଅଛନ୍ତି। ଏନ୍ଆଇଏ ଦିଲ୍ଲୀର ଏକ ଅଦାଲତରେ ଦାଖଲ କରିଥିବା ଆବେଦନରେ ଏହି ଦାବି କରିଛି। ଆମେରିକୀୟ ନାଗରିକ ମାଥ୍ୟୁ ଆରନ୍ ଭାନ୍‌ଡାଇକ୍ ଓ ୟୁକ୍ରେନୀୟ ନାଗରିକ ଭିକ୍ଟର କାମିନସ୍କିଙ୍କୁ ତିହାର ଜେଲ୍‌ରେ ଜେରା କରିବା ପାଇଁ ସଂସ୍ଥା ଅନୁମତି ମାଗିଥିଲା। ଅଗଷ୍ଟ ୩୧ରେ ଅଦାଲତ ଏହି ଅନୁମତି ଦେଇଥିଲେ। ଦୁଇ ଅଭିଯୁକ୍ତଙ୍କୁ ସେପ୍ଟେମ୍ବର ୨ ଓ ୩ ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ଣ ୫ଟା ମଧ୍ୟରେ ଜେରା କରିବାକୁ ଅନୁମତି ମିଳିଥିଲା। ଏହି ମାମଲାରେ ସ୍ୱତନ୍ତ୍ର ଏନ୍ଆଇଏ ବିଚାରପତି ପ୍ରଶାନ୍ତ ଶର୍ମା ଶୁଣାଣି କରୁଛନ୍ତି। ଏନ୍ଆଇଏ କହିଛି, କେତେକ ୟୁକ୍ରେନୀୟ ଓ ଜଣେ ଆମେରିକୀୟ ନାଗରିକଙ୍କ ମ୍ୟାମାରର ଏକ ବେସାମରିକ ବିମାନ ଉପରେ ଡ୍ରୋନ୍ ଆକ୍ରମଣରେ ସମ୍ପୃକ୍ତି ନେଇ କେନ୍ଦ୍ର ସରକାରଙ୍କୁ ବିଶ୍ୱସନୀୟ ସୂଚନା ମିଳିଥିଲା। ତଦନ୍ତ ବେଳେ ଅଭିଯୁକ୍ତଙ୍କଠାରୁ ଜବତ ହୋଇଥିବା ଇଲେକ୍‌ଟ୍ରୋନିକ୍ ଉପକରଣର ତଥ୍ୟ ଯାଞ୍ଚ କରିବା ପରେ ଚିତ୍ର, ଭିଡିଓ ଓ ଭଏସ୍ ନମୁନା ଆକାରରେ କେତେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଛି। ଏହି ତଥ୍ୟକୁ ଅଭିଯୁକ୍ତଙ୍କ ବୟାନ ସହ ମେଳ କରିବା ଓ ତଦନ୍ତକୁ ଆଗକୁ ନେବା ପାଇଁ ଜେରା ଆବଶ୍ୟକ ବୋଲି ସଂସ୍ଥା କହିଛି। ଏନ୍ଆଇଏ ଅନୁସାରେ, ମାର୍ଚ୍ଚରେ ୭ ବିଦେଶୀଙ୍କୁ ଦେଶର ୩ଟି ସହରର ୩ଟି ବିମାନବନ୍ଦରରୁ ଗିରଫ କରାଯାଇଥିଲା। ମାର୍ଚ୍ଚ ୧୩ରେ କୋଲକାତା ବିମାନବନ୍ଦରରୁ ଭାନ୍‌ଡାଇକ୍ ଗିରଫ ହୋଇଥିଲେ। ଭିକ୍ଟର କାମିନସ୍କି, ପେଟ୍ରୋ ହୁର୍ବା, ତାରାସ୍ ସ୍ଲିଭିଆକ୍, ଇଭାନ୍ ସୁକ୍‌ମାନୋଭସ୍କି, ମାରିଆନ୍ ଷ୍ଟେଫାନକିଭ୍ ଓ ମାକ୍ସିମ୍ ହୋନଚାରୁକ୍ ନାମକ ୬ ୟୁକ୍ରେନୀୟଙ୍କୁ ଦିଲ୍ଲୀ ଓ ଲକ୍ଷ୍ନୌ ବିମାନବନ୍ଦରରୁ ଧରାଯାଇଥିଲା। ଏନ୍ଆଇଏର ଅଭିଯୋଗ ଅନୁସାରେ, ୧୪ ଜଣ ୟୁକ୍ରେନୀୟ ବିଭିନ୍ନ ସମୟରେ ପର୍ଯ୍ୟଟକ ଭିସାରେ ଭାରତ ଆସି ଗୁଆହାଟୀ ଯାଇଥିଲେ। ସେଠାରୁ ସେମାନେ ଆବଶ୍ୟକ ରେଷ୍ଟ୍ରିକ୍ଟେଡ୍ ବା ପ୍ରୋଟେକ୍ଟେଡ୍ ଏରିଆ ପରମିଟ୍ ନ ନେଇ ମିଜୋରାମ ଯାଇଥିଲେ। ପରେ ସେମାନେ ବେଆଇନ ଭାବେ ମ୍ୟାମାର ଯାଇ ସେଠାକାର ସେନା ଶାସନ ବିରୋଧୀ ଜାତିଗତ ସଶସ୍ତ୍ର ଗୋଷ୍ଠୀଙ୍କୁ ଡ୍ରୋନ୍ ପରିଚାଳନା, ଡ୍ରୋନ୍ ଯୁଦ୍ଧ, ଡ୍ରୋନ୍ ତିଆରି ଓ ଜାମିଂ ପ୍ରଯୁକ୍ତି ତାଲିମ ଦେଇଥିବା ଏନ୍ଆଇଏ ଦାବି କରିଛି। ଅଭିଯୁକ୍ତମାନେ ମାର୍ଚ୍ଚ ୧୪ରେ ପଟିଆଲା ହାଉସ୍ କୋର୍ଟର ସ୍ୱତନ୍ତ୍ର ଏନ୍ଆଇଏ ବିଚାରପତିଙ୍କ ନିକଟରେ ହାଜର ହୋଇଥିଲେ ଏବଂ ଏପ୍ରିଲ୍ ୬ରୁ ତିହାର ଜେଲ୍‌ରେ ଅଛନ୍ତି। ଏନ୍ଆଇଏ କହିଛି, ମ୍ୟାମାରରେ ଥିବା ଅନ୍ୟ ସନ୍ଦିଗ୍ଧ ଷଡ଼ଯନ୍ତ୍ରକାରୀଙ୍କ ସମ୍ପର୍କରେ ତଥ୍ୟ ହାସଲ କରିବା ଓ ବୃହତ୍ ଷଡ଼ଯନ୍ତ୍ରର ପର୍ଦ୍ଦାଫାସ ପାଇଁ ଭାନ୍‌ଡାଇକ୍ ଓ କାମିନସ୍କିଙ୍କୁ ଜେରା କରାଯିବ।

# 'ହରେକୃଷ୍ଣ ମହାମନ୍ତ୍ର ମତେ ବଞ୍ଚିବା ପାଇଁ ଶକ୍ତି ଦେଇଥିଲା': ନେପାଳ ପୀଡ଼ିତ

କାଠମାଣ୍ଡୁ : ମେକାନିକାଲ ଇଞ୍ଜିନିୟର ସଞ୍ଜୟ ଶାହ ନେପାଳ ଜଳବିଦ୍ୟୁତ ପ୍ରକଳ୍ପର ସୁଡ଼ଙ୍ଗ ଭିତରେ ଦୀର୍ଘ ୯ ଦିନ ଧରି ଫସି ରହିଥିବା ବେଳେ ଆଜି ତାଙ୍କୁ ସୁରକ୍ଷିତ ଉଦ୍ଧାର କରାଯାଇଛି। ଦିନ ଗଡ଼ିବା ସହ ଜୀବିତ ଲୋକଙ୍କୁ ଖୋଜିବାର ଆଶା ଧୀରେ ଧୀରେ କ୍ଷୀଣ ହୋଇଥିବାବେଳେ ଏହି ସମୟରେ ଦୁଇଜଣ କର୍ମଚାରୀଙ୍କୁ ଚମତ୍କାର ଭାବେ ସୁଡ଼ଙ୍ଗ ଭିତରୁ ଜୀବିତ ଉଦ୍ଧାର କରାଯିବା ଘଟଣା ଏକ ନୂଆ ଆଶା ସଞ୍ଚାର କରିଛି। ନୂଆ ଜୀବନ ପାଇଥିବା ସଞ୍ଜୟ କିଭଳି ୯ ଦିନ ସୁଡ଼ଙ୍ଗ ଭିତରେ କାଟିଲେ ତାଙ୍କୁ ପଚରାଯିବାରୁ ସେ କହିଛନ୍ତି , 'ହରେ କୃଷ୍ଣ ମହାମନ୍ତ୍ର' ମତେ ବଞ୍ଚିବାପାଇଁ ଶକ୍ତି ଦେଇଥିଲା। ମୁଁ ନିରନ୍ତର ହରେକୃଷ୍ଣ ମହାମନ୍ତ୍ର ଜପ କରୁଥିଲି। ଶୁକ୍ରବାର ଉଦ୍ଧାର ସ୍ଥଳରୁ ଆସିଥିବା ନାଟକୀୟ ଦୃଶ୍ୟରେ ନେପାଳୀ ସେନାର ଯବାନମାନେ କାଦୁଅ ଓ



ପଙ୍କରେ ଢାଙ୍କି ହୋଇଥିବା ଉଦ୍ଧାର ଶ୍ରମିକମାନଙ୍କୁ ବାହାରକୁ ଆଣୁଥିବା ଦେଖାଯାଇଥିଲା। ସଞ୍ଜୟଙ୍କୁ ବାହାରକୁ ଅଣାଯିବା ସମୟରେ ତାଙ୍କ ମୁହଁରେ ଆଶ୍ୱସ୍ତିର ଭାବ ଦେଖାଯାଇଥିଲା। ସଞ୍ଜୟଙ୍କ ପାଇଁ ଏହି ୯ ଦିନର ସଂଘର୍ଷ ଥିଲା ଆଶାକୁ ଧରି ରଖିବାର ଏକ ପରୀକ୍ଷା। ଆକସ୍ମିକ ବନ୍ୟା ଆସିବା ସମୟରେ ସେ ଜଳବିଦ୍ୟୁତ ପ୍ରକଳ୍ପର କଣ୍ଟ୍ରୋଲ୍ ରୁମ୍ ? ଦାୟିତ୍ୱରେ ଥିଲେ। ସେତେବେଳେ ପ୍ରକଳ୍ପ ସ୍ଥଳରେ ପ୍ରାୟ ୪୦-୪୫ ଜଣ ଶ୍ରମିକ ଉପସ୍ଥିତ ଥିଲେ। ସଞ୍ଜୟ କହିଛନ୍ତି, ହଠାତ ସୁଡ଼ଙ୍ଗ ଭିତରକୁ ବନ୍ୟାଜଳ ଓ ଭଗ୍ନାବଶେଷ ପ୍ରବେଶ କରିବା ଆରମ୍ଭ କରିବା ସହିତ ପରିସ୍ଥିତି ଦ୍ରୁତ ଭାବେ ଖରାପ ହୋଇଯାଇଥିଲା। ମୁଁ କଣ୍ଟ୍ରୋଲ୍ ରୁମ୍ ?ର ଦାୟିତ୍ୱରେ ଥିଲି, ତେଣୁ ସମସ୍ତଙ୍କୁ ବଞ୍ଚାଇବାର ଦାୟିତ୍ୱ ମଧ୍ୟ ମୋ ଉପରେ ଥିଲା। ସଞ୍ଜୟ କହିଛନ୍ତି ଯେ ସେ ଯେଉଁ ସ୍ଥାନରେ ଫସିଥିଲେ, ସେଠାରେ କେବଳ ୩-୪ ଜଣ ଲୋକ ଥିଲେ। ତେବେ ସୁଡ଼ଙ୍ଗର ପାୱାରହାଉସ୍ ପାର୍ଶ୍ୱରେ ଆହୁରି ଅଧିକ ଶ୍ରମିକ ଫସିଥିବା ସମ୍ଭାବନାକୁ ସେ ଅସ୍ୱୀକାର କରିନଥିଲେ। ତେବେ ୯ ଦିନ ପର୍ଯ୍ୟନ୍ତ ଖାଦ୍ୟ କିମ୍ବା ପାଣି ବିନା ବଞ୍ଚି ରହିବା କୌଣସି ସାଧାରଣ ଘଟଣା ନୁହେଁ। ଅବରୋଧ ହୋଇଥିବା ସୁଡ଼ଙ୍ଗ ଭିତରେ ଦୁଇଜଣ ଶ୍ରମିକ ଏତେ ଦିନ ବଞ୍ଚି ରହିବାରୁ ସେଠାରେ ବାୟୁ ରହିଥିବା ଖାଲି ସ୍ଥାନ ବା 'ଏୟାର ପକେଟ୍' ଥାଇପାରେ ବୋଲି ବିଶ୍ୱାସ କରାଯାଉଛି। ଅନ୍ୟପକ୍ଷେ ଉଦ୍ଧାର ହୋଇଥିବା ଅନ୍ୟ ଜଣେ କର୍ମଚାରୀ କବୀରଙ୍କ ପତ୍ନୀ ହିରା ଶୋଭା କହିଛନ୍ତି, ସେ ଦ୍ୱିତୀୟ ଜୀବନ ନେଇ ଫେରିଆସିଛନ୍ତି। ଆମେ ଅତ୍ୟନ୍ତ ଖୁସି। ତେବେ ଖୁସିର ଲୁହ ତଳେ ମହାର୍ଜନ ପରିବାର ଗତ ୯ ଦିନ ଧରି ଭୋଗିଥିବା ଅସହ୍ୟ ଯନ୍ତ୍ରଣା ଲୁଚି ରହିଥିଲା। ଶୋଭା କହିଛନ୍ତି, ସେହି ଦିନଗୁଡ଼ିକ କାଟିବା ଅତ୍ୟନ୍ତ କଷ୍ଟକର ଥିଲା। ଆମେ ନା ଖାଇପାରୁଥିଲୁ, ନା ଶୋଇପାରୁଥିଲୁ। ତେବେ ସେ କହିଛନ୍ତି, ଆମେ ବିଶ୍ୱାସ କରୁଥିଲୁ ଯେ ସେ ଫେରିଆସିବେ।

# ଜନ୍ମାଷ୍ଟମୀରେ ଭକ୍ତିରେ ବୁଡ଼ିଲେ କୋହଲି

ନୂଆଦିଲ୍ଲୀ,୪।୯: ଜନ୍ମାଷ୍ଟମୀ ଅବସରରେ, ବିରାଟ କୋହଲିଙ୍କୁ ମଧ୍ୟ ଭକ୍ତିର ଭାବନାରେ ବୁଡ଼ ପକାଇଥିବାର ଦେଖାଯାଇଥିଲା। ସେ ପ୍ରଶଂସକମାନଙ୍କୁ



ତାଙ୍କର ଶୁଭେଚ୍ଛା ଜଣାଇଥିଲେ। ଏହି ସମୟରେ, 'କିଙ୍ଗ କୋହଲି' ଆଧ୍ୟାତ୍ମିକତା ପ୍ରତି ବର୍ଦ୍ଧିତ ଆଗ୍ରହ ଦେଖାଇଛନ୍ତି; ତାଙ୍କୁ ପ୍ରାୟତଃ ବୃନ୍ଦାବନରେ ପ୍ରେମାନନ୍ଦ ଜୀ ମହାରାଜଙ୍କୁ ଦର୍ଶନ କରୁଥିବାର ଦେଖାଯାଉଛି। ବର୍ତ୍ତମାନ, ସେ ଭଗବାନ ଶ୍ରୀକୃଷ୍ଣଙ୍କ ଜନ୍ମବାର୍ଷିକୀରେ ତାଙ୍କର ଶୁଭେଚ୍ଛା ଜଣାଇଛନ୍ତି। ଇନଷ୍ଟାଗ୍ରାମରେ ଏକ କାହାଣୀ ଶେୟାର କରି କୋହଲି ଲେଖିଛନ୍ତି, 'ଜୟ ଶ୍ରୀ କୃଷ୍ଣ।' ସେ ଆହୁରି ମଧ୍ୟ କହିଛନ୍ତି, 'ସମସ୍ତଙ୍କୁ ଜନ୍ମାଷ୍ଟମୀର ଶୁଭେଚ୍ଛା।' ଏହା ସହିତ, କୋହଲି ଭଗବାନ ଶ୍ରୀ କୃଷ୍ଣ ବଂଶୀ ବଜାଉଥିବାର ଏକ ଚିତ୍ର ଶେୟାର କରିଛନ୍ତି, ଯେଉଁଥିରେ ତାଙ୍କ ପାଖରେ ମଖନ (ମଖନ) ର ପାତ୍ର ରଖାଯାଇଛି। କୋହଲିଙ୍କ କାହାଣୀ ସୋସିଆଲ ମିଡିଆରେ ଶୀଘ୍ର ଭାଇରାଲ ହୋଇଯାଇଛି।

# ମହିଳା କ୍ରିକେଟରେ ମନ୍ଧାନାଙ୍କ ଏକାଧିକ ରେକର୍ଡ

ନୂଆଦିଲ୍ଲୀ,୪।୯: ଅନ୍ତର୍ଜାତୀୟ ମହିଳା କ୍ରିକେଟ ନୂଆ ଇତିହାସ ସୃଷ୍ଟି କରିଛନ୍ତି ଭାରତର ସ୍ମୃତି ମନ୍ଧାନା। ରେକର୍ଡ ବୁକରେ ନିଜ ନାଁକୁ ଲେଖିଛନ୍ତି ଭାରତୀୟ ମହିଳା ଟିମର ଉପ ଅଧିନାୟକ। ଏବେ ସେ କିମ୍ବଦନ୍ତୀ କ୍ରିକେଟର ମିତାଲି ରାଜଙ୍କୁ ପଛରେ ପକାଇ ମହିଳା ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ ହାସଲକାରୀ ଖେଳାଳି ହୋଇଯାଇଛନ୍ତି। ପୂର୍ବରୁ ଅନ୍ତର୍ଜାତୀୟ କ୍ରିକେଟରେ ସର୍ବାଧିକ ରନ କରିବାର ରେକର୍ଡ ମିତାଲି ରାଜଙ୍କ ନାଁରେ ଥିଲା। ଏବେ ୩୦ ବର୍ଷୀୟ ସ୍ମୃତି ମନ୍ଧାନା ତାଙ୍କୁ ଅତିକ୍ରମ କରି ଯାଇଛନ୍ତି। ମହିଳା ଏସିଆ କପରେ ଗୁରୁବାର ରାତିରେ ଖେଳା ଯାଇଥିବା ହଂକଂ, ଚାଇନା ବିପକ୍ଷ ମ୍ୟାଚ୍‌ରେ ସ୍ମୃତି ମନ୍ଧାନା ଏହି ଗୌରବମୟ ସଫଳତାର ଅଧିକାରୀ ହୋଇଛନ୍ତି।ଦୁବାଇ ଅନ୍ତର୍ଜାତୀୟ ଷ୍ଟାଡିୟମରେ ନିଜ ଅନ୍ତର୍ଜାତୀୟ କ୍ୟାରିୟରର ୩୦୩ତମ ଇନିଂସ ଖେଳିଥିଲେ ମନ୍ଧାନା।



ଆଉ ଏହି ମ୍ୟାଚ୍‌ରେ ସେ ୧୨୪ ରନ କରି ମିତାଲି ରାଜଙ୍କ ୧୦,୮୬୮ର ମାଇଲଖୁଣ୍ଟକୁ ଭାଙ୍ଗି ଦେଇଛନ୍ତି। ଏବେ ଅନ୍ତର୍ଜାତୀୟ କ୍ୟାରିୟରରେ ସ୍ମୃତିଙ୍କ ରନ ସଂଖ୍ୟା ୧୦,୮୮୦ରେ ପହଞ୍ଚି ଯାଇଛି। ସ୍ମୃତି ଓ ମିତାଲିଙ୍କ ପରେ ନ୍ୟୁଜିଲ୍ୟାଣ୍ଡର ସୁଜି ବେଟ୍ସ ୧୦୭୪୦ ରନ ସହ ତୃତୀୟ ସ୍ଥାନରେ ଅଛନ୍ତି। ୪ର୍ଥରେ ଇଂଲଣ୍ଡର ପୂର୍ବତନ କ୍ରିକେଟର ଚାର୍ଲଟ ଏଡୱାର୍ଡସ(୧୦୨୭୩) ଓ ୱେଷ୍ଟଇଣ୍ଡିଜର ଷ୍ଟାଫିନ ଟେଲର(୧୦୦୦୭) ରହିଛନ୍ତି। ହଂକଂ ବିପକ୍ଷ ମ୍ୟାଚ୍‌ରେ ସ୍ମୃତି ୬୪ ବଲରେ ୧୨୪ ରନର ଇନିଂସ ଖେଳିଛନ୍ତି। ଏହାପରେ ସେ ଶେଷ ଓଭରରେ ହିଁ ରନ ଆଉଟ ହୋଇଥିଲେ। ଏହା ତାଙ୍କ ଅନ୍ତର୍ଜାତୀୟ କ୍ୟାରିୟରର ୧୮ତମ ଶତକ।

ଏହି ଶତକ ପରେ ସେ ଅଷ୍ଟ୍ରେଲିଆ ଟିମର ପୂର୍ବତନ କ୍ୟାପ୍‌ଟେନ ମେଗ ଲାନିଙ୍ଗଙ୍କୁ ପଛରେ ପକାଇ ଦେଇଛି। ଲାନିଙ୍ଗ ତାଙ୍କ କ୍ରିକେଟ କ୍ୟାରିୟରରେ ୧୭ଟି ଶତକ ମାରିଥିଲେ। ହେଲେ ଏବେ ସ୍ମୃତି ସର୍ବାଧିକ ଶତକ ହାସଲକାରୀ ମହିଳା କ୍ରିକେଟର ବନି ଯାଇଛନ୍ତି। ମହିଳା ଅନ୍ତର୍ଜାତୀୟ କ୍ରିକେଟରେ ଏବେ ସ୍ମୃତିଙ୍କ ନାଁରେ ୯୩ଟି ଅର୍ଦ୍ଧଶତକ ରହିଛି। ଏହା ମିତାଲି ରାଜଙ୍କ ରେକର୍ଡ ୯୩ ଅର୍ଦ୍ଧଶତକ ସହ ସମାନ। ଆଉ ଗୋଟିଏ ଅର୍ଦ୍ଧଶତକ ପରେ ସେ ଅନ୍ତର୍ଜାତୀୟ ମହିଳା କ୍ରିକେଟରେ ସର୍ବାଧିକ ଅର୍ଦ୍ଧଶତକ ହାସଲକାରୀ କ୍ରିକେଟର ହୋଇଯିବେ।ଟି-୨୦ରେ ୩୭ଥର ୫୦ରୁ ଅଧିକ ରନ କରି ସେ ଆଉ ଏକ ରେକର୍ଡର ଅଧିକାରୀ ପୂର୍ବରୁ ହିଁ ନିଜ ନାଁରେ କରିଛନ୍ତି। ମହିଳା ଟି-୨୦ରେ କେବଳ ଅଷ୍ଟ୍ରେଲିଆର ବେଥ ମୁନୀ ହିଁ ୩୩ ଥର ୫୦ରୁ ଅଧିକ ରନ କରିବାକୁ ସକ୍ଷମ ହୋଇଛନ୍ତି। ମହିଳା ଏସିଆ କପରେ ସର୍ବାଧିକ ବ୍ୟକ୍ତିଗତ ସ୍କର କରିବାର ରେକର୍ଡ ମଧ୍ୟ ମନ୍ଧାନା ଗୁରୁବାର ନିଜ ନାଁରେ କରିପାରିଛନ୍ତି। ଏହା ପୂର୍ବରୁ ଏହି ରେକର୍ଡ ଶ୍ରୀଲଙ୍କାର ଚାମିରା ଆଟାପଟ୍ଟୁଙ୍କ ନାଁରେ ଥିଲା।ସେ ୨୦୨୪ ଏସିଆ କପରେ ମାଲେସିୟା ବିପକ୍ଷ ମ୍ୟାଚ୍‌ରେ ଅପରାଜିତ ୧୧୯ ରନ କରିଥିଲେ। ହେଲେ ମନ୍ଧାନା ଗୁରୁବାର ହଂକଂ ବିପକ୍ଷରେ ୧୨୪ ରନ କରି ଏହି ରେକର୍ଡକୁ ଭାଙ୍ଗି ଦେଇଛନ୍ତି।

# ଆଟାପାଟ୍ଟୁଙ୍କ ରେକର୍ଡ ସ୍ପେଲ୍

ଦୁବାଇ: ଚଳିତ ମହିଳା ଏସିଆ କପ୍ ଟ୍ୱେଣ୍ଟି-୨୦ ପ୍ରତିଯୋଗିତାରେ ବିଜେତା ଶ୍ରୀଲଙ୍କା ଅଧିନାୟିକା ଚାମିରା ଆଟାପାଟଉ ନୂଆ ରେକର୍ଡ କରିଛନ୍ତି। ଇଣ୍ଡୋନେସିଆ ବିପକ୍ଷ ଗ୍ରୁପ୍-ବି' ମ୍ୟାଚ୍‌ରେ ସେ ୨୧ଟି ବଲ୍ ପକାଇ ୫ ରନ୍ ବ୍ୟୟ କରି ୭ ୱିକେଟ୍ ନେଇଛନ୍ତି। ତାଙ୍କର ଏହି ୭/୫ ଚମତ୍କାର ସ୍ପେଲ୍ ଟ୍ୱେଣ୍ଟି-୨୦ ଅନ୍ତର୍ଜାତୀୟରେ ପୂର୍ଣ୍ଣ ସଦସ୍ୟ ରାଷ୍ଟ୍ର ପାଇଁ ପ୍ରଥମ। ପୂର୍ବରୁ ଏହି ରେକର୍ଡ ଜିମ୍ବାୱେର ଇଷ୍ଟର ଏମ୍‌ବୋଫାନା (୬/୧୧)ଙ୍କ ନାମରେ ଥିଲା। ଏମ୍‌ବୋଫାନା



୨୦୨୧ରେ ସ୍ୱିଡେନ ବିପକ୍ଷରେ ହାସଲ କରିଥିଲେ। ପ୍ରଥମ ବ୍ୟାଟିଂ କରିଥିବା ଶ୍ରୀଲଙ୍କା ୬୨ ରନ୍‌ରେ ୬ ୱିକେଟ୍ ହରାଇ ବ୍ୟାଟିଂ ବିପର୍ଯ୍ୟୟ ସମ୍ମୁଖୀନ ହୋଇଥିଲା। ହେଲେ ଶେଷ ଆଡକୁ ନୀଳଶିଖା ସିଲ୍‌ଭା (୫୦, ୩୫ ବଲଙ୍କ)ଙ୍କ ଅର୍ଦ୍ଧଶତକ ବଳରେ ୧୨୪/୭ କରିଥିଲା। ଜବାବରେ ଆଟାପାଟ୍ଟୁଙ୍କ ଚମତ୍କାର ସ୍ପେଲ୍ ଯୋଗୁଁ ଇଣ୍ଡୋନେସିଆ ୧୮.୩ ଓଭରରେ ମାତ୍ର ୪୯ ରନ୍‌ରେ ଅଲ୍‌ଆଉଟ୍ ହୋଇଯାଇଥିଲା। ଫଳରେ ମ୍ୟାଚ୍‌କୁ ୭୫ ରନ୍‌ରେ ଜିତି ନେଇଥିଲା।

# କ୍ୱାର୍ଟରରେ ଅଟକିଲେ ଶ୍ରୀକାନ୍ତ

ସେନ୍‌ଝାନ୍: ଚଳିତ ବିଡବ୍ଲୁଏଫ୍ ସୁପର ୭୫୦ ବ୍ୟାଡ୍‌ମିଣ୍ଟନ ପ୍ରତିଯୋଗିତାର କ୍ୱାର୍ଟରଫାଇନାଲ୍‌ରୁ ବିଦାୟ ନେଇଛନ୍ତି ନିକଟରେ ବିଶ୍ୱ କାଂସ୍ୟ ପଦକ ଜିତିଥିବା ଭାରତୀୟ ଭେଟେରାନ କିଦାମ୍ବି ଶ୍ରୀକାନ୍ତ। ଶୁକ୍ରବାର ପୁରୁଷ ଏକକ କ୍ୱାର୍ଟରଫାଇନାଲ୍‌ରେ ୨୦୨୧ ବିଶ୍ୱ ରେପ୍ୟ ବିଜେତା ଶ୍ରୀକାନ୍ତ ୧୬-୨୧, ୧୬-୨୧ରେ ହଂକଂର ଲି ଚିଉକ୍ ୟିଉଙ୍କଠୁ ହାରିଯାଇଥିଲେ।ପୂର୍ବରୁ ଶ୍ରୀକାନ୍ତ ୨୧-୧୬, ୨୧-୧୯ରେ ବିଶ୍ୱର ୯ ନମ୍ବର କାନାଡା ଖେଳାଳି ଭିକ୍ଟର ଲାଇଙ୍କୁ ଏବଂ ବିଶ୍ୱର ୨୧ନଂ ଚାଇନିଜ୍ ତାଇପେର ଚି ୟୁ-ଜେନ୍‌ଙ୍କୁ ୨୧-୧୬, ୨୧-୧୫ରେ ହରାଇ କ୍ୱାର୍ଟରଫାଇନାଲ୍‌ରେ ପହଞ୍ଚିଥିଲେ।

# ଜାପାନ ସହ ସ୍ୱତନ୍ତ୍ର ଟି-୨୦ ମ୍ୟାଚ୍ ଖେଳିବ ଭାରତ

ନୂଆଦିଲ୍ଲୀ,୪।୯: ଭାରତ-ଜାପାନର କୂଟନୀତିକ ସମ୍ପର୍କର ୭୫ ବର୍ଷ ପୂର୍ତ୍ତିକୁ ଆହୁରି ସ୍ୱତନ୍ତ୍ର ଭାବେ ପାଳିବେ ଦୁଇ ଦେଶ। କାରଣ ସେପ୍ଟେମ୍ବର ୨୨ରେ ଦୁଇ ଦେଶର କ୍ରିକେଟ ଟିମ ମଧ୍ୟରେ ଖେଳାଯିବ ସ୍ୱତନ୍ତ୍ର ଟି-୨୦ ଅନ୍ତର୍ଜାତୀୟ ମ୍ୟାଚ୍।ଏହା ଭାରତ ଓ ଜାପାନ ମଧ୍ୟରେ ପ୍ରଥମ କ୍ରିକେଟ ମ୍ୟାଚ୍। ପୂର୍ବରୁ ଦୁଇ ଦେଶର ଖେଳାଳି କେବେ ବି ପରସ୍ପରକୁ କ୍ରିକେଟ ମୈଦାନରେ ଭେଟି ନାହାନ୍ତି। କିନ୍ତୁ ୨୨ ତାରିଖରେ ଦୁଇ ଦେଶରେ ମଧ୍ୟରେ ଐତିହାସିକ ମ୍ୟାଚ ଖେଳାଯିବ।

ସେପ୍ଟେମ୍ବର ୧୯ରୁ ଏସିଆନ ଗେମ୍ସ ଆରମ୍ଭ ହେବ। ଏହି କ୍ରୀଡା ମହାକୁମ୍ଭରେ ଭାରତୀୟ ପୁରୁଷ କ୍ରିକେଟ ଟିମ ନିଜର ଅଭିଯାନ ସେପ୍ଟେମ୍ବର ୨୮ରୁ ଆରମ୍ଭ କରିବ। କିନ୍ତୁ ଏହା ପୂର୍ବରୁ ଆୟୋଜକ ଜାପାନ ସହ ଗୋଟିଏ ସ୍ପେଶାଲ ଟି-୨୦ ମ୍ୟାଚ୍ ଖେଳିବ।




ଏହି ସ୍ପେଶାଲ ମ୍ୟାଚ୍‌ଟି ଟୋଚିଗି ପ୍ରେଫେକଚର ସ୍ଥିତ ସାନୋ ଇଣ୍ଟରନ୍ୟାଶନାଲ କ୍ରିକେଟ ଗ୍ରାଉଣ୍ଡରେ ଖେଳାଯିବ। ଭାରତ ଓ ଜାପାନ ମଧ୍ୟରେ କୂଟନୀତିକ ସମ୍ପର୍କକୁ ୭୫ ବର୍ଷ ପୂରିବାକୁ ଯାଉଥିବାରୁ ଏପରି ମ୍ୟାଚ୍ ଆୟୋଜନ କରାଯାଉଛି।ଦୁଇ ଦେଶରେ କ୍ରୀଡା ସମ୍ପର୍କକୁ ମଜବୁତ କରିବା ଓ ଦୁଇ ଦେଶର ଲୋକଙ୍କୁ ପରସ୍ପର ସହ ଯୋଡିବା ଆରମ୍ଭ ଆରମ୍ଭ ହୋଇଥିବା ସ୍କର୍ଟ ୭୫ର ଅଂଶ ବିଶେଷ ଭାବେ ଟି-୨୦ ମ୍ୟାଚ୍ ଖେଳାଯିବ ବୋଲି ବିସିସିଆଇ କହିଛି। ମ୍ୟାଚ୍‌ଟି ଭାରତୀୟ ସମୟ ସକାଳ ୯.୩୦ରେ ଖେଳାଯିବ।ଜାପାନର ପ୍ରଧାନମନ୍ତ୍ରୀ ସାନାଇ ତାକାଇଚି ଓ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଗୋଟିଏ ସମ୍ମିଳନୀରେ କରିଥିବା ବୁଝାମଣା ଆଧାରରେ ଏହି ମ୍ୟାଚ୍ ଅନୁଷ୍ଠିତ ହେବ। ଭାରତୀୟ ପୁରୁଷ କ୍ରିକେଟ ଟିମ ଗୋଟିଏ ବାଇ ସହ ଏସିଆନ ଗେମ୍ସରେ ସିଧା କ୍ୱାଟର ଫାଇନାଲ ମ୍ୟାଚ୍ ଖେଳିବ।ସେପ୍ଟେମ୍ବର ୧୯ରୁ ଏସିଆନ ଗେମ୍ସରେ କ୍ରିକେଟ ମହାସମର ଆରମ୍ଭ ହେଉଛି। ଜାପାନ ନିଜର ପ୍ରଥମ ମ୍ୟାଚ୍ ଆଫଗାନିସ୍ତାନ ବିପକ୍ଷରେ ସେପ୍ଟେମ୍ବର ୨୪ରେ ଖେଳିବ। ଏହାର ଅର୍ଥ ଏସିଆନ ଗେମ୍ସରେ ଭାରତ ବିଧିବଦ୍ଧ ଭାବେ ମ୍ୟାଚ ଖେଳିବା ପୂର୍ବରୁ ଜାପାନ ସହ ଲଢ଼େଇ କରିବ। ସେହିପରି ଜାପାନ କ୍ରିକେଟ ଟିମ ଭାରତ ସହ ଖେଳିବା ପରେ ଆଫଗାନିସ୍ତାନକୁ ଭେଟିବ। ଜାପାନ ଏବେ ବିଶ୍ୱ କ୍ରିକେଟର ୪୧ତମ ସ୍ଥାନରେ ରହିଛି। ଟି-୨୦ ବିଶ୍ୱ ଚାମ୍ପିୟନ ଭାରତକୁ ଭେଟିବାକୁ ଜାପାନ ବେଶ ଉତ୍ସାହିତ। ସେହିପରି ଜାପାନ ଭଳି ଦେଶରେ ଭାରତ ନିଜ କ୍ରିକେଟର ଛାପ ଛାଡିବାକୁ ଲକ୍ଷ୍ୟ ରଖିଛି।

# ସୂର୍ଯ୍ୟବଂଶୀଙ୍କ ଦାୟିତ୍ୱ ନେବ ବୋର୍ଡ

ନୂଆଦିଲ୍ଲୀ,୪।୯: ମାତ୍ର ୧୫ ବର୍ଷ ବୟସରେ କ୍ରିକେଟ ଜଗତରେ ଚର୍ଚ୍ଚା ସୃଷ୍ଟି କରିଥିବା ବୈଭବ ସୂର୍ଯ୍ୟବଂଶୀଙ୍କୁ ନେଇ ବଡ଼ ସ୍ୱପ୍ନ ଦେଖୁଛି ବିସିସିଆଇ। ଭାରତୀୟ କ୍ରିକେଟ୍ର ମହାନ ଖେଳାଳି ସଚିନ ତେନ୍ଦୁଲକରଙ୍କ ଭଳି ବୈଭବଙ୍କ କ୍ୟାରିୟର ମଧ୍ୟ ଦୀର୍ଘ ଓ ସଫଳ ହେଉ ବୋଲି ବୋର୍ଡ ଚାହୁଁଛି। ସଚିନ ଦୁଇ ଦଶନ୍ଧିରୁ ଅଧିକ ସମୟ ଧରି ଭାରତୀୟ କ୍ରିକେଟର ସେବା କରିଥିଲେ। ଅନେକ ରେକର୍ଡ ଭାଙ୍ଗିବା ସହ ଦେଶକୁ ଅସଂଖ୍ୟ ମ୍ୟାଚ ଜିତାଇଥିଲେ। ଏହି କାରଣରୁ ତାଙ୍କୁ 'କ୍ରିକେଟର ଭଗବାନ' ବୋଲି କୁହାଯାଏ। ଏବେ ବୈଭବଙ୍କୁ ମଧ୍ୟ ଭବିଷ୍ୟତର ମହାନ କ୍ରିକେଟର ଭାବେ ଗଢ଼ିବାକୁ ବିସିସିଆଇ ଚାହୁଁଛି। ବିସିସିଆଇ ସଚିବ ସାଇକିଆ ମଧ୍ୟ କହିଛନ୍ତି ଯେ ବୈଭବଙ୍କ ଭଳି ଯୁବ ପ୍ରତିଭାଙ୍କୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଟିମ ଇଣ୍ଡିଆ ପାଇଁ ଖେଳୁଥିବା ଦେଖିବାକୁ ସେ ଚାହୁଁଛନ୍ତି। ତେବେ ବୈଭବଙ୍କୁ ସଚିନଙ୍କ ସ୍ତରର ଖେଳାଳି କରିବା ପାଇଁ କେଉଁ କେଉଁ ଦିଗ ଉପରେ ଧ୍ୟାନ ଦେବାକୁ ପଡ଼ିବ




ଜଣେ ଖେଳାଳି ଫ୍ଲୋରରୁ ଶୀର୍ଷକୁ ସେତେବେଳେ ପହଞ୍ଚେ, ଯେତେବେଳେ ତାଙ୍କ ଉପରେ ଦଳ ଓ ବୋର୍ଡର ସମ୍ପୂର୍ଣ୍ଣ ଭରସା ଥାଏ। ଖରାପ ସମୟରେ ମଧ୍ୟ ଟିମ ତାଙ୍କ ସହ ଛିଡ଼ା ହେବା ଜରୁରୀ। ସଚିନ ତେନ୍ଦୁଲକର, ବିରାଟ କୋହଲି, ଏମଏସ ଧୋନୀ ଓ ରୋହିତ ଶର୍ମାଙ୍କ ଭଳି ଖେଳାଳିଙ୍କୁ ମଧ୍ୟ ଏଭଳି ସମର୍ଥନ ମିଳିଥିଲା। ବୈଭବଙ୍କୁ ମଧ୍ୟ ସେହିଭଳି ଭରସା ଦେବାକୁ ପଡ଼ିବ।

ପ୍ରତିଭା ଥିବା ସହ ଜଣେ ମହାନ ଖେଳାଳି ହେବା ପାଇଁ ନିରନ୍ତର ଶିଖିବା ଜରୁରୀ। ବୈଭବଙ୍କ ଭିତରେ ପ୍ରତିଭାର ଅଭାବ ନାହିଁ। କିନ୍ତୁ ଅନ୍ତର୍ଜାତୀୟ କ୍ରିକେଟରେ ଦୀର୍ଘ ସମୟ ରାଜ୍ କରିବାକୁ ହେଲେ ତାଙ୍କୁ ନିଜ ଦୁର୍ବଳତା ଉପରେ କାମ କରିବାକୁ ପଡ଼ିବ।

ଦୀର୍ଘ କ୍ରିକେଟ କ୍ୟାରିୟର ପାଇଁ ପ୍ରତିଭା ସହ ଫିଟନେସ ମଧ୍ୟ ଅତ୍ୟନ୍ତ ଜରୁରୀ। ସଚିନ, ଧୋନୀ ଓ ବିରାଟଙ୍କ ଦୀର୍ଘ କ୍ୟାରିୟର ପଛରେ ଫିଟନେସ୍ ମଧ୍ୟ ବଡ଼ ଭୂମିକା ରହିଛି। ବୈଭବ ଅତି କମ ବୟସରୁ ଅନ୍ତର୍ଜାତୀୟ ସ୍ତରରେ ପାଦ ରଖିଛନ୍ତି। ତେଣୁ ଦୁଇ ଦଶନ୍ଧିରୁ ଅଧିକ ସମୟ ଖେଳିବାକୁ ହେଲେ ତାଙ୍କୁ ଫିଟନେସ, ଡାଏଟ ଓ ୱର୍କଲୋଡ ମ୍ୟାନେଜମେଣ୍ଟ ଉପରେ ନିୟମିତ ଧ୍ୟାନ ଦେବାକୁ ହେବ।

ବୈଭବଙ୍କୁ ଅତିରିକ୍ତ ଚାପରୁ ଦୂରରେ ରଖିବା ମଧ୍ୟ ବିସିସିଆଇର ବଡ଼ ଦାୟିତ୍ୱ ହେବ। ଏତେ କମ ବୟସରେ ତାଙ୍କୁ ଅତିରିକ୍ତ ଦାୟିତ୍ୱ, ବିଶେଷକରି କ୍ୟାପ୍ଟେନ୍ସି ଦେଲେ ଏହା ତାଙ୍କ ଖେଳ ଉପରେ ପ୍ରଭାବ ପକାଇପାରେ। ଯଦିଓ ଅଧିନାୟକତ୍ୱ ଜଣେ ଖେଳାଳିଙ୍କୁ ନିଜ ଖେଳ ଉନ୍ନତ କରିବାର ସୁଯୋଗ ଦିଏ, ତଥାପି ଏହା ସହ ଅତିରିକ୍ତ ଚାପ ମଧ୍ୟ ଆସିଥାଏ। ସଚିନ ତେନ୍ଦୁଲକରଙ୍କ ଦୀର୍ଘ କ୍ୟାରିୟରରେ ମଧ୍ୟ ଅଧିନାୟକତ୍ୱ ଏକ ସମୟରେ ଚ୍ୟାଲେଞ୍ଜ ହୋଇଥିଲା।

ବୈଭବଙ୍କୁ ଜଣେ ବଡ଼ କ୍ରିକେଟର ଭାବେ ଗଢ଼ିବାରେ ମେଣ୍ଟରଙ୍କ ଭୂମିକା ମଧ୍ୟ ବହୁତ ଗୁରୁତ୍ୱପୂର୍ଣ୍ଣ। ତାଙ୍କୁ ଏଭଳି ପରିବେଶ ଦେବା ଦରକାର, ଯେଉଁଠି ବରିଷ୍ଠ ଓ ମହାନ ଖେଳାଳିମାନଙ୍କଠାରୁ ସେ ନିରନ୍ତର ମାର୍ଗଦର୍ଶନ ପାଇପାରିବେ। ରାହୁଲ ଦ୍ରାବିଡ଼ ମଧ୍ୟ ବୈଭବଙ୍କ ସହ ସମୟ ସମୟରେ କଥା ହେଉଥିବା କୁହାଯାଉଛି। ଜଣେ ଭଲ ମେଣ୍ଟର ଯୁବ ପ୍ରତିଭାଙ୍କୁ ସଠିକ ଦିଗ ଦେଖାଇପାରନ୍ତି। କାରଣ ଅନେକ ପ୍ରତିଭାଶାଳୀ ଖେଳାଳି ଉପଯୁକ୍ତ ମାର୍ଗଦର୍ଶନ ଅଭାବରୁ ନିଜ କ୍ୟାରିୟରରେ ଆଶାନୁରୂପ ସଫଳତା ପାଇପାରିନାହାନ୍ତି।

# ଲକ୍ଷ୍ମଣ ଏସିଆନ ଗେମ୍ସରେ ଭାରତୀୟ କ୍ରିକେଟ ଟିମର କୋଚ

ନୂଆଦିଲ୍ଲୀ,୪।୯: ବିସିସିଆଇର ସେଣ୍ଟର ଅଫ ଏକ୍ସିଲେନ୍‌ସେ ବା ସିଓଇର ଡିରେକ୍ଟର ଅଫ କ୍ରିକେଟ ଭାବେ କାର୍ଯ୍ୟ କରୁଥିବା ଭିଭିଏସ୍ ଲକ୍ଷ୍ମଣଙ୍କୁ ମିଳିଛି ଗୁରୁଦାୟିତ୍ୱ। ଚଳିତ ମାସରେ ଜାପାନରେ ଆରମ୍ଭ ହେଉଥିବା ଏସିଆନ ଗେମ୍ସ ବେଳେ ଭାରତୀୟ ପୁରୁଷ କ୍ରିକେଟ ଟିମର କୋଚ ଦାୟିତ୍ୱ ଲକ୍ଷ୍ମଣଙ୍କୁ ମିଳିଛି। ଲକ୍ଷ୍ମଣ ପୁରୁଷ ଟିମର କୋଚ ଦାୟିତ୍ୱ ପାଇଥିବା ବେଳେ ଅମୋଲ ମଜୁମଦାର ଭାରତୀୟ ମହିଳା ଟିମର କୋଚ ଭାବେ କାର୍ଯ୍ୟ କରିବେ।

କ୍ରମାଗତ ଦ୍ୱିତୀୟ ଥର ପାଇଁ ଭାରତୀୟ ପୁରୁଷ କ୍ରିକେଟ ଟିମ ଲକ୍ଷ୍ମଣଙ୍କ କୋଚିଂରେ ଏସିଆନ ଗେମ୍ସ ଖେଳିବାକୁ ଯାଉଛି। ୨୦୨୨ରେ ଚାଇନାରେ ଅନୁଷ୍ଠିତ ଏସିଆନ ଗେମ୍ସରେ ଲକ୍ଷ୍ମଣ କୋଚ ରହିଥିଲେ ଓ ଭାରତ ସ୍ୱର୍ଣ୍ଣ ପଦକ କବଜା କରିଥିଲା। ଏଥର ମଧ୍ୟ ଲକ୍ଷ୍ମଣଙ୍କୁ ଏସିଆନ ଗେମ୍ସ ଦାୟିତ୍ୱ ମିଳିଛି। ତାଙ୍କ କୋଚିଂ ଟିମରେ ସୁନିଲ ଯୋଶୀ, ହୃଷିକେଶ କାନିତକର ଓ ଶୁଭଦୀପ ଘୋଷ ରହିବେ।

ଭାରତୀୟ ପୁରୁଷ କ୍ରିକେଟ ଟିମର ନିୟମିତ କୋଚ ଏସିଆନ ଗେମ୍ସ ପାଇଁ ଜାପାନ ଯାଇ ପାରିବେ ନାହିଁ। କାରଣ ଏସିଆନ ଗେମ୍ସ ବେଳେ ଭାରତ ସେପ୍ଟେମ୍ବର ୨୭ରୁ ୱେଷ୍ଟଇଣ୍ଡିଜ ବିପକ୍ଷରେ ଦିନିକିଆ ସିରିଜ ଖେଳିବ। ତେଣୁ ଗମ୍ଭୀର ଦିନିକିଆ ଟିମ ସହ ରହିବେ। ତାଙ୍କ ଅନୁପସ୍ଥିତିରେ ଲକ୍ଷ୍ମଣଙ୍କ ତତ୍ତ୍ୱାବଧାନରେ ଭାରତ ଏସିଆନ ଗେମ୍ସରେ ପଦକ ପାଇଁ ଲଢ଼ କରିବ।

ଏସିଆନ ଗେମ୍ସର କ୍ରିକେଟ ଟୁର୍ଣ୍ଣାମେଣ୍ଟ ସେପ୍ଟେମ୍ବର ୧୭ରୁ ଆରମ୍ଭ ହେବ। କିନ୍ତୁ ପୁରୁଷ ଟିମର ମ୍ୟାଚ୍ ଗୁଡିକ ସେପ୍ଟେମ୍ବର ୨୪ରୁ ଆରମ୍ଭ ହେଉଥିବା ବେଳେ ଭାରତ ୨୮ ତାରିଖରେ ପ୍ରଥମ ମ୍ୟାଚ୍ ଖେଳିବ। ଏପଟେ ଭାରତୀୟ ମହିଳା ଟିମ ମୁଖ୍ୟ କୋଚ ଭାବେ ମଜୁମଦାର ପୂର୍ବଭଳି ରହିଛନ୍ତି। ତାଙ୍କୁ ଏସିଆନ ଗେମ୍ସରେ ବୋଲିଂ କୋଚ ଅଭିଷ୍କାର ସାଲଭି ଓ ଫିଲ୍ଡିଂ କୋଚ ମୁନିଶ ବାଲି ସହାୟତା କରିବେ। ମହିଳା ଟିମର ମ୍ୟାଚ୍ ଗୁଡିକ ସେପ୍ଟେମ୍ବର ୧୭ରୁ ଆରମ୍ଭ ହେବ। ଡିଫେଣ୍ଡିଂ ଚାମ୍ପିୟନ ଭାରତ ଆୟୋଜକ ଜାପାନ ବିପକ୍ଷରେ ସିଧା କ୍ୱାର୍ଟର ଫାଇନାଲ ମ୍ୟାଚ୍ ଖେଳିବ।

# ମହିଳା ଏସିଆ କପ୍ ଟ୍ୱେଣ୍ଟି-୨୦: ଆଜି ଭାରତ-ପାକିସ୍ତାନ ଲଢ଼େଇ

ଦୁବାଇ: ଭାରତୀୟ ମହିଳା କ୍ରିକେଟ୍ ଦଳ ଚଳିତ ଏସିଆ କପ୍ ଟ୍ୱେଣ୍ଟି-୨୦ ପ୍ରତିଯୋଗିତାରେ ପ୍ରଥମ ଦୁଇ ମ୍ୟାଚ୍ ଜିତି ସେମିଫାଇନାଲ୍‌ରେ ପହଞ୍ଚିସାରିଛି। ଶନିବାର ଗ୍ରୁପ୍-ଏ'ର ଶେଷ ତଥା ହାଇଭୋଲ୍‌ଟେଜ୍ ମ୍ୟାଚ୍‌ରେ ୭ ଥରର ଏସିଆ କପ୍ ବିଜେତା ଦଳ ଭାରତ ଭେଟିବ ଚିରପ୍ରତିଦ୍ୱନ୍ଦ୍ୱୀ ପାକିସ୍ତାନକୁ। ଦର୍ଶକଙ୍କ ଆଗ୍ରହକୁ ଦେଖି କିଛି ବର୍ଷ ହେବ ଆୟୋଜକମାନେ ବହୁଦଳୀୟ ପ୍ରତିଯୋଗିତାରେ ଭାରତ-ପାକିସ୍ତାନକୁ ଗୋଟିଏ ଗ୍ରୁପରେ ରଖୁଛନ୍ତି। ହେଲେ ଦୁବାଇ ଇଣ୍ଟରନ୍ୟାସନାଲ୍ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଏହି ମ୍ୟାଚ୍‌ରେ ପାକିସ୍ତାନ ଅପେକ୍ଷା ଭାରତ ଫେଭରିଟ ଦଳ ରହିଛି। ଏସିଆ ଭିତରେ ଭାରତ ଅନ୍ୟ ଦଳ ଅପେକ୍ଷା ବହୁତ ଦୃଢ଼ ଥିବାରୁ ଶନିବାର ମ୍ୟାଚ୍ ଜିତିବା ଭାରତ ପାଇଁ ସେପରି କଷ୍ଟକର ହେବନି। ଗତ ସଂସ୍କରଣରେ ଶ୍ରୀଲଙ୍କାଠୁ ହାରି ଭାରତ ଉପବିଜେତା ହୋଇଥିଲା। ଭାରତ ଚଳିତ ପ୍ରତିଯୋଗିତାରେ ପ୍ରଥମ ମ୍ୟାଚ୍‌ରେ ବ୍ୟାଟିଂରେ ଭଲ କରି ନଥିଲେ ମଧ୍ୟ ଶେଫାଳି ବର୍ମା (୬୪)ଙ୍କ ଅର୍ଦ୍ଧଶତକ ଏବଂ ବୋଲରଙ୍କ ଚମତ୍କାର ବୋଲିଂ ଯୋଗୁଁ ଥାଇଲାଣ୍ଡ ବିପକ୍ଷରେ ବଡ଼ ବିଜୟ ପାଇଥିଲା। ସେହିପରି ଦ୍ୱିତୀୟ ମ୍ୟାଚ୍‌ରେ ହଂକଂକୁ ଭେଟି ଥିଲା ବେଳେ ସ୍ମୃତି ମନ୍ଧାନାଙ୍କ ରେକର୍ଡ ଶତକ ବଳରେ ସହଜ ବିଜୟ ପାଇଥିଲା।

# ଏକାଥରକେ ୬୪ ଖେଳାଳିଙ୍କୁ ବ୍ୟାନ୍ କଲା ବିସିସିଆଇ

ନୂଆଦିଲ୍ଲୀ,୪।୯: ବୟସ ସମ୍ପର୍କିତ ଜାଲିଆତି ମାମଲାରେ ବଡ଼ ପଦକ୍ଷେପ ନେଇଛି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ)। ବୟସରେ ହେରଫେର କରିଥିବା ଅଭିଯୋଗରେ ଏକାଥରକେ ୬୪ ଜଣ କ୍ରିକେଟରଙ୍କ ଉପରେ ବ୍ୟାନ ଲଗାଯାଇଛି। କ୍ରିକେଟ ଆସୋସିଏଶନ ଅଫ ବେଙ୍ଗଲ (ସିଏବି) ପକ୍ଷରୁ କରାଯାଇଥିବା ପ୍ରି-ସିଜନ ଡକ୍ୟୁମେଣ୍ଟେଶନ ଡ୍ରାଇଭ ସମୟରେ ଏହି ଅନିୟମିତତା ସାମ୍ନାକୁ ଆସିଥିଲା।

ଏହି ତାଲିକାରେ ୨୦୨୨ରେ ଭାରତୀୟ ଅଣ୍ଡର-୧୯ ବିଶ୍ୱକପ ବିଜେତା ଦଳର ସଦସ୍ୟ ଥିବା ରବି କୁମାରଙ୍କ ନାମ ମଧ୍ୟ ରହିଛି। ସେହିପରି ଆଗାମୀ ସମୟରେ ଅଷ୍ଟ୍ରେଲିଆ ଅଣ୍ଡର-୧୯ ବିପକ୍ଷ ସିରିଜ ପାଇଁ ଭାରତୀୟ ଅଣ୍ଡର-୧୯ ଦଳରେ ଚୟନ ହୋଇଥିବା ଲେଗ ସ୍ପିନର୍ ରୋହିତ ଯାଦବଙ୍କୁ ମଧ୍ୟ ଦୁଇ ବର୍ଷ ପାଇଁ ବ୍ୟାନ କରାଯାଇଛି।

## ରୋହିତ ଯାଦବଙ୍କ ଉପରେ ୨ ବର୍ଷିଆ କଟକଣା

ବୟସ ଜାଲିଆତି ମାମଲାକୁ ରୋକିବା ପାଇଁ ବିସିସିଆଇ ଲଗାତାର କଡ଼ା ପଦକ୍ଷେପ ନେଉଛି। ବିସିସିଆଇ ପ୍ରି-ସିଜନ ଡକ୍ୟୁମେଣ୍ଟେସନ ଡ୍ରାଇଭ୍‌ରେ ରୋହିତ ଯାଦବଙ୍କ ରେକର୍ଡ ଯାଞ୍ଚ କରାଯିବା ପରେ ତାଙ୍କ ବୟସରେ ପ୍ରାୟ ୨୭ ମାସର ଅନ୍ତର ଥିବା ଜଣାପଡ଼ିଥିଲା। ଏହାପରେ ରୋହିତଙ୍କୁ ଭାରତୀୟ ଅଣ୍ଡର-୧୯ ଦଳରୁ ବାଦ ଦିଆଯାଇଛି। ଅଷ୍ଟ୍ରେଲିଆ ଅଣ୍ଡର-୧୯ ବିପକ୍ଷରେ ୫ଟି ଦିନିକିଆ ଏବଂ ୨ଟି ମଲ୍ଟି-ଡେ ମ୍ୟାଚ ପାଇଁ ତାଙ୍କୁ ଦଳରେ ଚୟନ କରାଯାଇଥିଲା। ରୋହିତ ବୟସ ବର୍ଗ କ୍ରିକେଟରେ ବଙ୍ଗଳ ପାଇଁ ଖେଳିଛନ୍ତି। ତାଙ୍କ ବୟସ ସମ୍ପର୍କିତ ଅନିୟମିତତା ସିଏବିର ରିପୋର୍ଟରେ ସାମ୍ନାକୁ ଆସିବା ପରେ ଷ୍ଟେଟ ସହ ଜଡ଼ିତ ସମସ୍ତ ରାଜ୍ୟ କ୍ରିକେଟ ସଂଘକୁ ଏହି ବ୍ୟାନ ସମ୍ପର୍କରେ ଜଣାଇ ଦିଆଯାଇଛି। ବ୍ୟାନ ତୁରନ୍ତ ଲାଗୁ ହୋଇଛି। ବୟସରେ ହେରଫେର କରିଥିବା ଅଭିଯୋଗରେ ବ୍ୟାନ ହୋଇଥିବା ଖେଳାଳିଙ୍କ ମଧ୍ୟରେ ରବି କୁମାରଙ୍କ ନାମ ମଧ୍ୟ ରହିଛି। ରବି କୁମାର ୨୦୨୨ ଭାରତୀୟ ଅଣ୍ଡର-୧୯ ବିଶ୍ୱକପ ବିଜେତା ଦଳର ଜଣେ ଗୁରୁତ୍ୱପୂର୍ଣ୍ଣ ସଦସ୍ୟ ଥିଲେ।ରିପୋର୍ଟ ଅନୁସାରେ, ସିଏବିର ରେକର୍ଡରେ ରବି କୁମାରଙ୍କ ବୟସକୁ ନେଇ ପ୍ରାୟ ୪୫ ମାସର ଅନ୍ତର ମିଳିଛି। ଏହା ବ୍ୟତୀତ ବାମହାତୀ ସ୍ପିନ ଅଲରାଉଣ୍ଡର ବିଶାଳ ଭଟ୍ଟୀଙ୍କ




ନାମ ମଧ୍ୟ ଏହି ତାଲିକାରେ ରହିଛି।ସିଏବି ପକ୍ଷରୁ ବିଭିନ୍ନ ବୟସ ବର୍ଗର ଖେଳାଳିଙ୍କ ଡକ୍ୟୁମେଣ୍ଟ ଏବଂ ଜନ୍ମତାରିଖ ରେକର୍ଡର ବ୍ୟାପକ ଯାଞ୍ଚ କରାଯାଇଥିଲା। ଏହି ଯାଞ୍ଚ ପରେ ଅନିୟମିତତା ମିଳିଥିବା ଖେଳାଳିଙ୍କ ତାଲିକା ମଧ୍ୟ ଉଭଇ ପକ୍ଷରୁ ପ୍ରକାଶ କରାଯାଇଛି।ଅଣ୍ଡର-୧୯ ସ୍ତରରେ ବୟସ ଯାଞ୍ଚ ପ୍ରକ୍ରିୟା ସମୟରେ ଖେଳାଳିମାନଙ୍କୁ ଜନ୍ମ ପ୍ରମାଣପତ୍ର ସହ ସ୍କୁଲ ଓ କଲେଜର ଶିକ୍ଷାଗତ ରେକର୍ଡ ସମ୍ପର୍କିତ ଡକ୍ୟୁମେଣ୍ଟ ଦାଖଲ କରିବାକୁ ପଡ଼ିଥାଏ। ଏହି ଦସ୍ତାବିଜଗୁଡ଼ିକର ଯାଞ୍ଚ ପରେ ହିଁ ବୟସ ସମ୍ପର୍କିତ ଅନିୟମିତତା ଚିହ୍ନଟ କରାଯାଇଛି।ଉତ୍ତର ପ୍ରଦେଶର ବାସିନ୍ଦା ରୋହିତ ଜୁଲାଇ ମାସରେ ଶ୍ରୀଲଙ୍କା ଗସ୍ତରେ ଯାଇଥିବା ଭାରତୀୟ ଅଣ୍ଡର-୧୯ ଦଳର ପ୍ରତିନିଧିତ୍ୱ କରିଥିଲେ। ସେଠାରେ ସେ ୬ଟି ୱିକେଟ୍ ନେଇ ମ୍ୟାଚ୍ ଜିତାଇଥିଲେ। ରାଜକୋଟ ଏବଂ ଅହମଦାବାଦରେ ଅଷ୍ଟ୍ରେଲିଆର ଅଣ୍ଡର-୧୯ (ଟ-୧୯) ଦଳ ବିପକ୍ଷରେ ଖେଳାଯିବାକୁ ଥିବା ଘରୋଇ ଦିନିକିଆ ଏବଂ ବହୁ-ଦିବସୀୟ ମ୍ୟାଚ୍ ପାଇଁ ଭାରତୀୟ ଅଣ୍ଡର-୧୯ ଦଳରେ ମଧ୍ୟ ସେ ସାମିଲ ଥିଲେ।

ଶ୍ରୀଲଙ୍କାରେ ତାଙ୍କ ଦସ୍ତାବିଜଗୁଡ଼ିକର ଯାଞ୍ଚ ସମୟରେ ବୟସ ସମ୍ବନ୍ଧୀୟ ଅନିୟମିତତା ସାମ୍ନାକୁ ଆସିଥିଲା। ରୋହିତଙ୍କ ପାଖରେ ତିନୋଟି ଜନ୍ମ ପ୍ରମାଣପତ୍ର ରହିଛି ଯେଉଁଥିରେ ଭିନ୍ନ ଭିନ୍ନ ଜନ୍ମ ବର୍ଷ (୨୦୦୭, ୨୦୦୯ ଏବଂ ୨୦୧୦) ଉଲ୍ଲେଖ ରହିଛି। ଏପରିକି ତାଙ୍କ ଆଧାର ତଥ୍ୟରେ ମଧ୍ୟ ଅନିୟମିତତା ରହିଥିଲା। ଯେତେବେଳେ ସେ 'କ୍ରିକେଟ୍ ଆସୋସିଏସନ୍ ଅଫ୍ ବେଙ୍ଗଲ୍' ରେ ପଞ୍ଜୀକୃତ ହୋଇଥିଲେ, ସେତେବେଳେ ତାଙ୍କ ଜନ୍ମ ବର୍ଷ ୨୦୦୭ ବୋଲି ଦର୍ଶାଯାଇଥିଲା। ପରେ ୨୦୧୭ ଏବଂ ୨୦୨୦ ମସିହାରେ ହୋଇଥିବା ଅପଡେଟ୍‌ରେ ତାଙ୍କ ଆଧାର ତଥ୍ୟରେ ଜନ୍ମ ବର୍ଷ ୨୦୦୬ ଦର୍ଶାଯାଇଥିଲା ଏବଂ ପରେ ୨୦୨୧ ମସିହାରେ ଏହାକୁ ବଦଳାଇ ୨୦୦୯ କରାଯାଇଥିଲା। ଏହି ଅସଙ୍ଗତି କାରଣରୁ ଉଭଇ ପୂର୍ବରୁ ରୋହିତଙ୍କୁ ନିଜର ଜୁନିୟର ଦଳରୁ ବାଦ୍ ଦେଇଥିଲା ଏବଂ ପରବର୍ତ୍ତୀ ସମୟରେ ଇଉଉଓ କୁ ଏ ସମ୍ପର୍କରେ ଅବଗତ କରାଇଥିଲା। ବୋର୍ଡ ବର୍ତ୍ତମାନ ତାଙ୍କୁ ଦୁଇ ବର୍ଷ ପାଇଁ ଘରୋଇ କ୍ରିକେଟ୍‌ରେ ଅଂଶଗ୍ରହଣ କରିବାରୁ ବାରଣ କରିଛି ଏବଂ ସମସ୍ତ ଅନୁବନ୍ଧିତ ରାଜ୍ୟ ସଂଘକୁ ଏ ସମ୍ପର୍କରେ ଅବଗତ କରାଇଛି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate, Bhubaneswar-751010, Near NSIC Office, Dist - Khordha (Odisha), Email : odishamahabharata@gmail.com, orissamahabharat@rediffmail.com
Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର